


▸ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-9 ◆BHUBANESWAR ◆THURSDAY ◆3 JULY 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୯ ◆ଭୁବନେଶ୍ୱର ◆ଗୁରୁବାର ◆୩ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଦୁଇ ଦିନ ହେଲା ସମୂହ ଛୁଟିରେ ଓଏଏସ୍ ଅଧିକାରୀ

# ପ୍ରଶାସନ ଅଚଳ

- ପୁଣି ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲା ଓଏଏସ୍ ସଂଘ
- ମାଷ୍ଟର୍‌ମାଇଣ୍ଡ ଜଗନ୍ନାଥ ପ୍ରଧାନଙ୍କ ଗିରଫ ଦାବି

■ **ଭୁବନେଶ୍ୱର, ୨।୭ (ସମିସ):** ଦୁଇ ଦିନ ହେଲା ସାରା ରାଜ୍ୟରେ ସୃଷ୍ଟି ହୋଇଛି ପ୍ରଶାସନିକ ଅଚଳାବସ୍ଥା । ବିଏମ୍‌ସି ଅତିରିକ୍ତ କମିଶନର ତଥା ବରିଷ୍ଠ ଓଏଏସ୍ ରତ୍ନାକର ସାହୁଙ୍କୁ ବର୍ବରୋଚିତ ମାଡ଼ ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ଗିରଫ ଦାବିରେ ଅଡ଼ି ବସିଛି ଓଏଏସ୍ ସଂଘ। ଓଡ଼ିଶା ପ୍ରଶାସନିକ ଅଧିକାରୀ ସଂଘର ଏହି ଦାବିକୁ ଅନ୍ୟ ସଂଘଗୁଡ଼ିକ ସମର୍ଥନ ଜଣାଇଛି। ଫଳରେ ଗତକାଲି ସାରା ରାଜ୍ୟରେ ପ୍ରଶାସନିକ କାର୍ଯ୍ୟ ବନ୍ଦ ରହିଥିବାବେଳେ ବୁଧବାର ଦ୍ୱିତୀୟ ଦିନ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଛି। ଶାସକ ଦଳର ନେତାମାନଙ୍କ ଉତ୍ପାତ ଯୋଗୁଁ ଅସୁରକ୍ଷିତ ମଣୁଥିବା ସରକାରୀ ଅଧିକାରୀମାନେ ସୁରକ୍ଷା ସୁନିଶ୍ଚିତ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟ କରିବେ ନାହିଁ ବୋଲି ରୋକଠୋକ୍ ଜଣାଇ ଦେଇଛନ୍ତି। ରତ୍ନାକର ସାହୁଙ୍କୁ ମାଡ଼ ଘଟଣା ପରେ ଓଏଏସ୍ ସଂଘ ପକ୍ଷରୁ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଥିଲା। ଏହାପରେ ବିଳମ୍ବିତ ରାତିରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚିବ, ଡ଼ିଜି, ଏଜି ପ୍ରମୁଖ ସଂଘ ସହ ଆଲୋଚନା କରିଥିଲେ। ଅଭିଯୁକ୍ତମାନେ ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେବା ପରେ ସଂଘ ଆନ୍ଦୋଳନ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲା। ମାତ୍ର ସରକାର ତାଙ୍କ ପ୍ରତିଶ୍ରୁତି ରଖିବାରେ ବିଫଳ ହେବା ଯୋଗୁଁ ଗତ ୨ ଦିନ ହେଲା ରାଜ୍ୟ ସାରା ଓଏଏସ୍ ଅଧିକାରୀମାନେ ▸ପୃଷ୍ଠା-୭

## ଅକଳରେ ସରକାର

■ **ଭୁବନେଶ୍ୱର, ୨।୭ (ସମିସ):** ବିଜେପିର ପରାଜିତ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ଓରଫ୍ ଜଗାଙ୍କ ପ୍ରସଙ୍ଗକୁ ନେଇ ଅଠାକାଠିରେ ପଡ଼ିଛନ୍ତି ରାଜ୍ୟ ସରକାର। ନିଜ ଦଳର ନେତାଙ୍କୁ ସୁରକ୍ଷା ଦେବେ ନା ପ୍ରଶାସନିକ ଅଚଳାବସ୍ଥା ଏଡ଼ାଇବାକୁ ଜଗାଙ୍କୁ ଗିରଫ କରିବେ ତାହା ନିଷ୍ପତ୍ତି ନେଇ ପାରୁନାହାନ୍ତି । ଘଟଣା ଘଟିବାର ୪୮ ଘଣ୍ଟା ବିତି ଯାଇଥିଲେ ହେଁ ଜଗାଙ୍କୁ ଗିରଫ କରାଯାଇ ନାହିଁ। ଆଜି ସନ୍ଧ୍ୟାରେ ଖାରବେଳ ନଗର ଥାନାର ସୁରକ୍ଷା ବୃଦ୍ଧି ଓ ଦଳୀୟ କାର୍ଯ୍ୟାଳୟରେ ଜଗନ୍ନାଥଙ୍କ ଉପସ୍ଥିତିକୁ ନେଇ ତାଙ୍କୁ ଗିରଫ କରାଯାଇପାରେ ବା ସେ ଆତ୍ମସମର୍ପଣ କରିପାରନ୍ତି ବୋଲି ଚର୍ଚ୍ଚା ହେଲା। ମାତ୍ର ସେପରି କିଛି ଘଟିଲା ନାହିଁ। ବୁଧବାର ସନ୍ଧ୍ୟାରେ ରାଜ୍ୟ ବିଜେପି କାର୍ଯାଳୟରେ କବାଟକିଳା ଆଲୋଚନା ପରେ ଉଭୟ ରାଜ୍ୟ ସଭାପତି ମନମୋହନ ସାମଲ ଓ ବିଜେପି ନେତା ଜଗନ୍ନାଥ ପ୍ରଧାନ ଗଣମାଧ୍ୟମ ସାମ୍ନାରେ ବୟାନ ରଖିଛନ୍ତି। ଜଗନ୍ନାଥ କହିଛନ୍ତି ଯେ ରାଜ୍ୟ ବିଜେପି ସଭାପତି ମୋତେ ଡାକିଥିଲେ; ▸ପୃଷ୍ଠା-୭

**ସରକାର ନେବେ ଜଗନ୍ନାଥଙ୍କ ନିଷ୍ପତ୍ତି: ମନମୋହନ**

## ହସ୍‌ପିଟାଲରେ ରତ୍ନାକର

**ଅଫିସରେ କାର୍ଯ୍ୟ କରୁଥିବାବେଳେ ଗଳିପଡ଼ିଲେ**



■ **ଭୁବନେଶ୍ୱର, ୨।୭ (ସମିସ):** ଦୁଇ ଦିନତଳେ ବିଜେପି ନେତା ଓ କର୍ମୀଙ୍କ ମରଣାନ୍ତକ ଆକ୍ରମଣ ପରେ ବିଏମ୍‌ସିର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଛି। ବୁଧବାର ବିଏମ୍‌ସି କାର୍ଯ୍ୟାଳୟର କାର୍ଯ୍ୟ କରୁଥିବାବେଳେ ଚୌକିରୁ ପଡ଼ିଯାଇ ଅଚେତ ହୋଇ ଯାଇଛନ୍ତି। ତୁରନ୍ତ ଅନ୍ୟ କର୍ମଚାରୀମାନେ ତାଙ୍କୁ କ୍ୟାପିଟାଲ ହସ୍‌ପିଟାଲରେ ଭର୍ତ୍ତି କରିଛନ୍ତି ଓ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି । ବିଜେପି କର୍ମୀ ଓ ନେତାଙ୍କ ନିସ୍ଠୁର ମାଡ଼ ପରେ ତାଙ୍କ ନାମରେ ଅପପ୍ରଚାର ରତ୍ନାକରଙ୍କୁ ବିମର୍ଷ କରିଥିଲା ଓ ସେ ଚାପରେ ରହୁଥିଲେ। ▸ପୃଷ୍ଠା-୭





**ନାକଚଣା ଦ୍ୱାରରେ ତାଳଧ୍ୱଜ, ଦର୍ପଦଳନ**

## ରୁଷିଛି ଜଗା; ଗଡ଼ିଲାନି ନନ୍ଦିଘୋଷ

**ଆଜି କାଳିଆ ରଥର ଦକ୍ଷିଣମୋଡ଼**

■ **ପୁରୀ, ୨।୭ (ସମିସ):** ପବିତ୍ର ହେରାପଞ୍ଚମୀରେ ଲକ୍ଷ୍ମୀ ଠାକୁରାଣୀ ମହାପ୍ରଭୁଙ୍କୁ ଶ୍ରୀମନ୍ଦିରକୁ ଫେରାଇ ନେବାକୁ ଆସିଥିଲେ। ହେଲେ ମହାପ୍ରଭୁ ସାଥୀରେ ନ ଯିବାରୁ ଅଭିମାନ କରି ଚାଲିଗଲେ ଲକ୍ଷ୍ମୀ ସାଆନ୍ତାଣୀ। ପ୍ରାଣପ୍ରିୟାଙ୍କ ମନ କଥା ଜାଣିପାରି ଏବେ ବଡ଼ଦେଉଳକୁ ଫେରିବା ଲାଗି ପ୍ରସ୍ତୁତି ଆରମ୍ଭ କରିଛନ୍ତି ବିଶ୍ୱନିୟନ୍ତା। ଆସନ୍ତା ୫ ତାରିଖରେ ବାହୁଡ଼ା ଯାତ୍ରା। ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ ଚତୁର୍ଦ୍ଧାମୂର୍ତ୍ତି। ଏଥିଲାଗି ପରମ୍ପରା ଅନୁଯାୟୀ ବୁଧବାର ତିନିରଥର ଦକ୍ଷିଣ ମୋଡ଼ କରାଯାଉଥିଲା। ଦେବୀ ସୁଭଦ୍ରାଙ୍କ ଦେବଦଳନ ଓ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଦକ୍ଷିଣ ମୋଡ଼ ହୋଇ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ସମ୍ମୁଖରେ ଲାଗିଛି। ହେଲେ ନୀତି ▸ପୃଷ୍ଠା-୭

## ପୋଖରୀରୁ ବୃଦ୍ଧଙ୍କ ଗୋଡ଼ ବନ୍ଧା ଶବ ଉଦ୍ଧାର

**ହତ୍ୟା ସନ୍ଦେହ**

**ପଡୋଶୀ ପରିବାର ଥାନାରେ ଅଟକ**



■ **ସୁନ୍ଦରଗଡ଼, ୨।୭ (ସମିସ):** ପାଞ୍ଚ ଦିନ ଧରି ନିଖୋଜ ବୃଦ୍ଧଙ୍କ ଶବ ଗୋଡ ବନ୍ଧାଯାଇଥିବା ଅବସ୍ଥାରେ ପୁଲିସ ବୁଧବାର ବାଉରୀମୁଣ୍ଡା ଗାଁ ପୋଖରୀରୁ ଉଦ୍ଧାର କରିଛି। ମୃତ ବୃଦ୍ଧ ଜଣକ ସୁନ୍ଦରଗଡ ସଦରଥାନା ବାଉରୀମୁଣ୍ଡା ଗ୍ରାମର ମାହାତୋ ଓରାମ (୫୯) ବୋଲି ଜଣାପଡ଼ିଛି। ମୃତଦେହ ଉଦ୍ଧାର ପରେ ତାଙ୍କ ଦୁଇ ଗୋଡକୁ ରଶିରେ ବନ୍ଧାଯାଇଥିବା ଓ ତାଙ୍କ ଗୋଡ, ଅଣ୍ଟା ଓ ବେକରେ ପଥର ବନ୍ଧା ଯାଇଥିବା ଦେଖିବାକୁ ମିଳିଛି। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପୁଲିସ ଏନେଇ ଏକ ହତ୍ୟା ମାମଲା ▸ପୃଷ୍ଠା-୭


TPNODL
ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ପିଏମ୍ - ସୂର୍ଯ୍ୟ ଘର: ମାଗଣା ବିଜୁଳି ଯୋଜନା

ସୌର ବିପ୍ଳବରେ ଅଂଶୀଦାର ହୁଅନ୍ତୁ

- ସରକାରୀ ସବସିଡି
- ବିଦ୍ୟୁତ୍ ବିଲ ହ୍ରାସ
- ସହଜ ସଂସ୍ଥାପନ
- ସ୍ୱଳ୍ପ ରକ୍ଷଣାବେକ୍ଷଣ
- ଦୀର୍ଘସ୍ଥାୟୀ
- ପରିବେଶ ସୁରକ୍ଷାରେ ସହାୟକ

ସୋଲାର ପ୍ୟାନେଲ ସ୍ଥାପନାରେ ସରକାରଙ୍କ ଦ୍ୱାରା ସବସିଡି

| କିଲୋୱାଟ | କେନ୍ଦ୍ର ସରକାରଙ୍କ ସବସିଡି | ରାଜ୍ୟ ସରକାରଙ୍କ ସବସିଡି | ସମୁଦାୟ ସବସିଡି |
|---|---|---|---|
| ୧ | ୩୦,୦୦୦.୦୦ ଟଙ୍କା | ୨୫,୦୦୦.୦୦ ଟଙ୍କା | ୫୫,୦୦୦.୦୦ ଟଙ୍କା |
| ୨ | ୬୦,୦୦୦.୦୦ ଟଙ୍କା | ୫୦,୦୦୦.୦୦ ଟଙ୍କା | ୧୧୦,୦୦୦.୦୦ ଟଙ୍କା |
| ୩ | ୭୮,୦୦୦.୦୦ ଟଙ୍କା | ୬୦,୦୦୦.୦୦ ଟଙ୍କା | ୧୩୮ ,୦୦୦.୦୦ ଟଙ୍କା |



ଅଧିକ ବିବରଣୀ ପାଇଁ
www.pmsuryaghar.gov.in
କିମ୍ବା ସ୍କାନ କରନ୍ତୁ :

ରାଷ୍ଟ୍ରୀୟ ଗ୍ରାହକ ସେବା: 15555
ଟିପିଏନଓଡ଼ିଏଲ ଗ୍ରାହକ ସେବା: 1800-3456-718 / 1912
*Conditions apply

tpnodl.odisha tpnodl.odisha tpnodl_balasore www.tpnodl.com



ଆଜି ହିଁ ନିଜର ପ୍ରିୟଜନଙ୍କୁ ନାମାଙ୍କିତ କରନ୍ତୁ, ସେମାନଙ୍କର ଭବିଷ୍ୟତକୁ ସୁରକ୍ଷିତ କରନ୍ତୁ



ନାମାଙ୍କନ ସୁନିଶ୍ଚିତ କରେ ଯେ ଆପଣଙ୍କ ମୃତ୍ୟୁ ପରେ ଆପଣଙ୍କର ପ୍ରିୟଜନମାନେ ବିନା କୌଣସି ସମସ୍ୟାରେ ଆପଣଙ୍କ ଆର୍ଥିକ ସମ୍ପତ୍ତି ପାଇବେ

- ନିଜର ବ୍ୟାଙ୍କ ଖାତା, ଲକର୍ ଏବଂ ଅନ୍ୟାନ୍ୟ ଆର୍ଥିକ ସମ୍ପତ୍ତି ପାଇଁ ଆପଣଙ୍କର ନାମାଙ୍କନ ପଞ୍ଜୀକରଣ କରନ୍ତୁ
- ନାମାଙ୍କନ ବିବରଣୀ ବ୍ୟାଙ୍କ ସାଥିରେ ଯାଞ୍ଚ କରାଯାଇପାରିବ

ଆରବିଆଇ କହେ... ସଚେତନ ହୁଅନ୍ତୁ, ସତର୍କ ରୁହନ୍ତୁ!

ଅଧିକ ଜାଣିବା ପାଇଁ, ଭିଜିଟ କରନ୍ତୁ https://rbikehtahai.rbi.org.in/nf
ଫିଡ୍‌ବ୍ୟାକ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ

ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

## 'ମାଇସା'ର ପୋଷ୍ଟର୍ ରିଲିଜ୍
# ରକ୍ତମୁଖା ରଶ୍ମିକା





ଅଭିନେତ୍ରୀ ରଶ୍ମିକା ମନ୍ଦାନା ଖୁବ୍‌ଶୀଘ୍ର ରବୀନ୍ଦ୍ର ପୁଲେଙ୍କ ଚଳଚ୍ଚିତ୍ର 'ମାଇସା'ରେ ଦେଖାଯିବେ । ନିକଟରେ ଖୋଦ୍ ରଶ୍ମିକା ସାମାଜିକ ଗଣମାଧ୍ୟମରେ ଏହାର ପୋଷ୍ଟର୍ ସେୟାର୍ କରିଛନ୍ତି । ପୋଷ୍ଟର୍‌ରେ ରଶ୍ମିକା ବେଶ୍ ଉଗ୍ର ରୂପରେ ନଜର ଆସିଛନ୍ତି । ଏଥିରେ ତାଙ୍କ ଅଧା ଚେହେରା ଢାଙ୍କି ହୋଇ ରହିବା ସହ ମୁହଁରେ ରକ୍ତ ଛିଟା ଲାଗିଥିବାର ଦେଖାଯାଇଛି । ସେ ଲାଲ୍ ରଙ୍ଗର ଶାଢ଼ି ସହ ଆଦିବାସୀମାନଙ୍କର ପାରମ୍ପରିକ ଆଭୂଷଣ ପିନ୍ଧିଥିବାର ଦେଖାଯାଇଥିଲେ । ରଶ୍ମିକା ଏହି ପୋଷ୍ଟର୍ ସେୟାର୍ କରି ଲେଖିଛନ୍ତି- ମୁଁ ସବୁବେଳେ ଆପଣଙ୍କୁ କିଛି ନୂଆ...କିଛି ଅଲଗା...କିଛି ରୋମାଞ୍ଚକର ଅନୁଭୂତି ଦେବାକୁ ଚେଷ୍ଟା କରେ । ଏହା ତନ୍ମଧ୍ୟରୁ ଗୋଟିଏ । ଏହା ଏମିତି ଏକ ଚରିତ୍ର ଯାହା ମୁଁ ପୂର୍ବରୁ କେବେ କରି ନ ଥିଲି । ଏହା ଏପରି ଏକ ଦୁନିଆ ଯେଉଁଥିରେ ମୁଁ କେବେ ପାଦ ରଖି ନ ଥିଲି । ଏହା ଭୟଙ୍କର ବହୁତ ଗମ୍ଭୀର ମଧ୍ୟ । ଫିଲ୍ମଟିକୁ ନେଇ ମୁଁ ବହୁତ ଉତ୍ସାହିତ ଅଛି । ଆମେ କ'ଣ ତିଆରି କରିବାକୁ ଯାଉଛୁ, ଆପଣମାନେ ଦେଖନ୍ତୁ । ଏହା ଆରମ୍ଭ ମାତ୍ର # ମାଇସା ।'

ନିକଟରେ ରଶ୍ମିକାଙ୍କ ଅଭିନୀତ 'କୁବେର' ମୁକ୍ତିଲାଭ କରିଛି । ଏଥିରେ ତାଙ୍କ ବିପକ୍ଷରେ ଧନୁଷ ଦେଖାଯାଇଛନ୍ତି । ସେହିଭଳି ସେ ଆଗାମୀ ଦିନଗୁଡ଼ିକରେ ତେଲୁଗୁ ଫିଲ୍ମ 'ଦ ଗର୍ଲଫ୍ରେଣ୍ଡ' ଓ ସଞ୍ଜୟ ଦତ୍ତ, ଆୟୁଷ୍ମାନ୍ ଖୁରାନାଙ୍କ ସହ 'ଥାମା'ରେ ଦେଖାଯିବେ ।

# ଗୁମ୍ଫାରେ ୪ ବର୍ଷ

ଚୀନ୍‌ର ୩୫ ବର୍ଷୀୟ ମୀନ ହେଙ୍ଗକୋଇ ବିବାହ ଏବଂ ଚାକିରି ଚିନ୍ତାଧାରାକୁ ନିରର୍ଥକ ବୋଲି ମାନନ୍ତି । ତେଣୁ ସେ ସବୁ କିଛି ତ୍ୟାଗ କରି ଚାରି ବର୍ଷ ହେଲାଣି ଗୋଟିଏ ଗୁମ୍ଫାରେ ରହି ଆସୁଛନ୍ତି । ଦକ୍ଷିଣ-ପଶ୍ଚିମ ଚୀନ୍‌ର ସିଚୁଆନ ଇଲାକାର ଏକ ଗୁମ୍ଫାରେ ସେ ରହୁଛନ୍ତି । ମୀନ ଏହି ଗୁମ୍ଫାର ନାଁ ରଖିଛନ୍ତି 'ବ୍ଲାକ୍‌ହୋଲ୍' । ୨୦୨୧ ମସିହାରେ ସେ ଡ୍ରାଇଭର ଚାକିରି ଛାଡ଼ିଲେ । ଏ ଲାଗି ତାଙ୍କୁ ୧୪୦୦ ଡଲାର ଦରମା ମିଳୁଥିଲା । ତେବେ ସେ ସହରର ବ୍ୟସ୍ତତାପୂର୍ଣ୍ଣ ଜୀବନରୁ ବାହାରି ନିଜ ଗାଁକୁ ଆସିଲେ । ଏଠାରେ ଗୋଟିଏ ଗୁମ୍ଫାରେ ରହିଲେ । ଚାକିରି ତାଙ୍କୁ ନିରର୍ଥକ ମନେ ହୁଏ । ଏହାପୂର୍ବରୁ ସେ ସମ୍ପର୍କୀୟଙ୍କ ଠାରୁ ଧାର ସୂତ୍ରରେ ଆଣିଥିବା ଟଙ୍କାକୁ ଶୁଝିବା ଲାଗି ଦିନକୁ ୧୦ ଘଣ୍ଟା କାମ କରୁଥିଲେ । ଏବେ ବି ଋଣ ବାବଦକୁ ତାଙ୍କର ୪୨ ହଜାର ଡଲାର ବାକି ଅଛି । ଋଣ ଶୁଝିବା ଆଶା ଏବେ ସେ ଛାଡ଼ି ଦେଇଛନ୍ତି । ସେ କହନ୍ତି, ତାଙ୍କ ସମ୍ପର୍କୀୟମାନେ ତାଙ୍କ ସମ୍ପତ୍ତି ବିକ୍ରି କରି ଦେଇଛନ୍ତି । ନଚେତ୍ ସେ ଏହା ମାଧ୍ୟମରେ ଋଣ ଟଙ୍କା ସୁଝି ଦେଇଥାନ୍ତେ । ସେହିପରି ୫୦ ବର୍ଗ ମିଟର ସ୍ଥାନରେ ସେ ନିଜର ଗୁମ୍ଫା ତିଆରି କରିଛନ୍ତି । ଏ ଲାଗି ୬ ହଜାର ଡଲାର ଖର୍ଚ୍ଚ କରିଛନ୍ତି । ସେ ସବୁଦିନ ସକାଳ ୮ ଟାରେ ଉଠନ୍ତି । ଦିନ ତମାମ ପଢ଼ାପଢ଼ି, ବୁଲାବୁଲି ଏବଂ କ୍ଷେତରେ କାମ କରିବାରେ ସେ ସମୟ ଅତିବାହିତ କରନ୍ତି । ସେ ରାତି ୧୦ଟା ସୁଦ୍ଧା ଶୋଇଯାନ୍ତି । ମୀନ ମୁଖ୍ୟତଃ ନିଜେ ଚାଷ କରୁଥିବା ପନିପରିବା ଖାଆନ୍ତି । ଅତି ଆବଶ୍ୟକ ପଡ଼ିଲେ ସେ ଟଙ୍କା ଖର୍ଚ୍ଚ କରୁଥିବା କହନ୍ତି । ସହରରେ କାମ କରିବା ବେଳେ ସେ ଏଭଳି ବଞ୍ଚିବା ପାଇଁ ସ୍ୱପ୍ନ ଦେଖିଥିଲେ । ତେବେ ସେ ବିବାହ କରିବାକୁ ମନା କରିଛନ୍ତି । କାରଣ ଏହାଦ୍ୱାରା ଅଯଥା ସମୟ ଓ ଟଙ୍କା ନଷ୍ଟ ହେଉଥିବା ସେ କୁହନ୍ତି । ତେବେ ସାମାଜିକ ଗଣମାଧ୍ୟମରେ ତାଙ୍କର ଏହି କଥା ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ଲୋକେ ଏହାକୁ ନେଇ ଭିନ୍ନ ଭିନ୍ନ ମତ ରଖିଛନ୍ତି ।



# ନଖରେ ହେଉଛି ପେମେଣ୍ଟ!



ସାମାଜିକ ଗଣମାଧ୍ୟମରେ ଏବେ ଏକ ଭିଡିଓ ଭାଇରାଲ ହେଉଛି । ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ଏଥିରେ ଦେଖିବାକୁ ମିଳିଛି ଯେ, ଜଣେ ମହିଳା ନଖରେ ଲାଗିଥିବା କୌଣସି ଚିପ୍ ମାଧ୍ୟମରେ ପେମେଣ୍ଟ କରୁଛନ୍ତି । ଏହାକୁ ଦେଖି କାର୍ଡ ଏବଂ ମୋବାଇଲର ଆବଶ୍ୟକତା ଶେଷ ହୋଇଥିବା ଲୋକେ ପ୍ରଶ୍ନ କରିଛନ୍ତି । ତେବେ ମହିଳା ଜଣକ ଯେଉଁ ଚିପ୍‌କୁ ନଖରେ ଲଗାଇଛନ୍ତି, ତାହା ଦେଖିବାକୁ ଏକ କ୍ଷୁଦ୍ରାକାର ଇଲେକଟ୍ରୋନିକ୍ ଡିଭାଇସ୍ । ଦେଖିବାକୁ ଯଦିଓ ଏହା ହାଇଟେକ୍ ଲାଗୁଛି, ସତରେ ଏହା କାମ କରୁଛି କି ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରକୃତରେ କୌଣସି ଚିପ୍ ମେସିନ୍ କିମ୍ବା ଡିଭାଇସ୍ ସଂସ୍ପର୍ଶରେ ଆସିଲେ ହିଁ କାମ କରିଥାଏ । ଆଜିକାଲି ସ୍ମାର୍ଟ କାର୍ଡ ଏବଂ ମୋବାଇଲ ପେମେଣ୍ଟରେ ଏନ୍‌ଏଫ୍‌ସି (ନିୟର୍ ଫିଲ୍ଡ କମ୍ୟୁନିକେସନ) ଟେକ୍ନିକ୍‌ର ବ୍ୟବହାର ହେଉଛି । ଏହା ହେଉଛି ଏକ ୱେୟାର୍‌ଲେସ୍ ଟେକ୍ନିକ୍ । ଯାହାକି ଦୁଇଟି ଡିଭାଇସ୍‌କୁ ନିକଟତର କରି ଡାଟା ସେୟାର୍ କରିବା ସୁବିଧା ପ୍ରଦାନ କରେ । କୁହାଯାଉଛି ଯଦି ଏହି ଚିପ୍‌ରେ ଏନ୍‌ଏଫ୍‌ସି ଫିଚର ଥାଏ ଏବଂ ସକ୍ରିୟ ସ୍ଥିତିରେ ଥିବ, ତେବେ ସୀମିତ ପରିସର ମଧ୍ୟରେ ପେମେଣ୍ଟ ସମ୍ଭବ ହୋଇପାରିବ । ହେଲେ ଏହି ଭିଡିଓଟିକୁ ଧ୍ୟାନରେ ଦେଖିଲେ, ଚିପ୍‌ରେ କୌଣସି ଆକ୍ରିଲିକ୍ କୋଟିଂ କରାଯାଇଥିବା ଦେଖିବାକୁ ମିଳିଛି । ତେବେ ଏଥିରେ କୋଟିଂ ଥିଲେ, ଏହା ସହଜରେ କୌଣସି ସ୍କାନର କିମ୍ବା ଏନ୍‌ଏଫ୍‌ସି ରିଡର ସଂସ୍ପର୍ଶରେ ଆସିପାରିବ ନାହିଁ । ଏହାବାଦ୍ ପେମେଣ୍ଟ ବି ବାର୍‌କୋଡ୍ ସ୍କାନର ମାଧ୍ୟମରେ ହେଉଛି । ଏଣୁ ଏଥିରୁ ସ୍ପଷ୍ଟ ହେଉଛି ଯେ, ମହିଳା ଜଣକ ନଖରେ ନୁହେଁ, ବରଂ କୌଣସି କ୍ୟୁଆର୍ କୋଡ୍ କିମ୍ବା ଆପ୍ ଦ୍ୱାରା ପେମେଣ୍ଟ କରିଛନ୍ତି ।

# ଆଜିର ଇତିହାସ

- ୧୭୬୦- ମରାଠା ସେନା ଦିଲ୍ଲୀ ଉପରେ କବ୍‌ଜା କଲେ ।
- ୧୭୭୮- ଆର୍ଜେଣ୍ଟିନା ବିରୋଧରେ ପର୍ସିଆର ଯୁଦ୍ଧ ଘୋଷଣା ।
- ୧୯୦୮- ବ୍ରିଟିଶ ସରକାର ବାଲ ଗଙ୍ଗାଧର ତିଲକଙ୍କୁ ଗିରଫ କଲେ ।
- ୧୯୨୮- ଲଣ୍ଡନରେ ପ୍ରଥମ ଥର ରଙ୍ଗୀନ୍ ଟେଲିଭିଜନ କାର୍ଯ୍ୟକ୍ରମ ପ୍ରସାରଣ କରାଗଲା ।
- ୧୯୭୨- ଭାରତ ଓ ପାକିସ୍ତାନ ମଧ୍ୟରେ କଶ୍ମୀର ସମ୍ବନ୍ଧୀୟ ନିରସ୍ତ୍ର ଚୁକ୍ତି ସ୍ୱାକ୍ଷର ।
- ୨୦୧୨- ଇରାକ୍‌ରେ ବୋମା ବିସ୍ଫୋରଣ ଯୋଗୁଁ ୨୫ ଜଣଙ୍କ ମୃତ୍ୟୁ ଓ ୪୦ ଆହତ ।


# ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବ୍ୟାଗ୍ ମୁକ୍ତ ଦିବସ

ପ୍ରତିବର୍ଷ ଜୁଲାଇ ୩ ତାରିଖକୁ ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବ୍ୟାଗ୍ ମୁକ୍ତ ଦିବସ ଭାବେ ପାଳନ କରାଯାଏ । ଏହି ଦିନ ପ୍ଲାଷ୍ଟିକ୍‌ର ବ୍ୟବହାର ଏବଂ ଏହାର କ୍ଷତି ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଏ । ଗୋଟିଏ ପ୍ଲାଷ୍ଟିକ୍ ବ୍ୟାଗ୍ ନଷ୍ଟ ହେବାକୁ ୧୦୦ରୁ ୫୦୦ ବର୍ଷ ସମୟ ଲାଗିଥାଏ । ପରିବେଶକୁ କ୍ଷତି ପହଞ୍ଚାଉଥିବା ଏହି ପ୍ଲାଷ୍ଟିକ୍ ବ୍ୟାଗ୍ ଉପରେ କଟକଣା ଲଗାଯିବା ସହ ଏହାର ବିକଳ୍ପ ବ୍ୟବସ୍ଥା ବାହାର କରାଯିବା ଜରୁରି ହୋଇପଡ଼ିଛି । ପ୍ରଥମ ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବ୍ୟାଗ୍ ମୁକ୍ତ ଦିବସ ୩ ଜୁଲାଇ, ୨୦୦୮ ରେ ପାଳନ କରାଯାଇଥିଲା । ଏହାକୁ ଜିରୋ ୱେଷ୍ଟ ୟୁରୋପର ସଦସ୍ୟ ରେଜୋରା ଆରମ୍ଭ କରିଥିଲେ । ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହାର ଉପରେ କଟକଣା ଲଗାଇବାକୁ ଏହି ଦିବସର ଆରମ୍ଭ କରାଯାଇଥିଲା । ଅଧିକାଂଶ ପ୍ଲାଷ୍ଟିକ୍ ବ୍ୟାଗ୍ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍‌ରୁ ତିଆରି ହୋଇଥାଏ । ଯାହାକି ମଣିଷ ସହିତ ପଶୁପକ୍ଷୀଙ୍କ ପାଇଁ କ୍ଷତିକାରକ ହୋଇଥାଏ । ପ୍ଲାଷ୍ଟିକ୍ କାରଣରୁ ହେଉଥିବା ପ୍ରଦୂଷଣ ପାଇଁ ପ୍ଲାଷ୍ଟିକ୍ ବ୍ୟାଗ୍ ହିଁ ଅଧିକ ପରିମାଣରେ ଦାୟୀ । ଏହା ଆମ ପରିବେଶକୁ ଅନେକ ଉପାୟରେ କ୍ଷତି କରୁଛି । ଏହା ବ୍ୟତୀତ, ଏହା ସମୁଦ୍ରରେ ବାସ କରୁଥିବା ଜୀବମାନଙ୍କ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି କରିଥାଏ । ଏଭଳି ପରିସ୍ଥିତିରେ, ଏହି ଦିନର ମହତ୍ତ୍ୱ ବୁଝିବା ଜରୁରୀ । ଏହି ଦିନ ପ୍ଲାଷ୍ଟିକ ପରିବର୍ତ୍ତେ କପଡ଼ା, କାଗଜ, ଝୋଟରେ ପ୍ରସ୍ତୁତ ବ୍ୟାଗ୍ ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରାଯାଏ ।




# ଜଳ ସଞ୍ଚୟର ଅଜବ ଉପାୟ

ସାମାଜିକ ଗଣମାଧ୍ୟମରେ ଜଣେ ମହିଳା ଘରେ ଜଳ ସଞ୍ଚୟର ଏକ ଭିଡିଓ ସେୟାର୍ କରିଛନ୍ତି । ଯାହାକି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବା ସହ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ମହିଳାଙ୍କ ପୂରା ପରିବାର ସପ୍ତାହେ ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ଥିବା ପାଣିରେ ହାତ ଧୁଅନ୍ତି । ମହିଳାଙ୍କ ମତରେ ପାଣିରେ ସାବୁନ କଣିକା ଥିଲେ ଏବଂ ଏହା ଘନ ହୋଇ ନ ଥିଲେ , ସେହି ପାଣିକୁ ବାରମ୍ବାର ବ୍ୟବହାର କରାଯାଇପାରିବ । ଏହି ପରିବାର ଗୋଟିଏ ବେସିନ୍‌ରେ ପାଣି ରଖନ୍ତି । ଏହି ପାଣିରେ ପରିବାରର ସମସ୍ତ ସଦସ୍ୟ ଓ ଅତିଥି ହାତ ଧୋଇଥାନ୍ତି । ତେବେ ପାଣି ଅପରିଷ୍କାର ଓ ଦୁର୍ଗନ୍ଧ ନ ହେବା ପର୍ଯ୍ୟନ୍ତ ଏହାକୁ ବଦଳା ଯାଇ ନ ଥାଏ । ଉକ୍ତ ପରିବାରର କହିବା କଥା ପ୍ରତିଥର ଭଲ ପାଣିରେ ହାତ ଧୋଇବା ହେଉଛି ଅନାବଶ୍ୟକ ଖର୍ଚ୍ଚ । ତାଙ୍କ ମତରେ ସାବୁନ ଯୁକ୍ତ ପାଣିରେ ଜୀବାଣୁ ମାରିବା କ୍ଷମତା ଅଛି । ଏହାକୁ ବାରମ୍ବାର ବ୍ୟବହାର କରିବା ଦ୍ୱାରା ଜଳ ସଞ୍ଚୟ ହୋଇଥାଏ । ସେହିପରି ଏହା ଯୋଗୁଁ ତାଙ୍କ ପାଣି ବିଲ୍ କମ୍ ଆସିଥାଏ । ଏହି ବେସିନ୍‌କୁ ସେମାନେ ରୋଷେଇ ଘରେ ରଖିଛନ୍ତି । ଏଥିରେ ସମସ୍ତ ଲୋକ ହାତ ଧୁଅନ୍ତି । ଏହା ପରିବେଶ ପାଇଁ ଲାଭଦାୟକ ହୋଇଥାଏ ବୋଲି ପରିବାରର ସଦସ୍ୟମାନେ କୁହନ୍ତି । ତେବେ ଲୋକେ ସମ୍ପୃକ୍ତ ପରିବାରର ଏହି ଅଭ୍ୟାସକୁ ଅପରିଷ୍କାର ବୋଲି କହିଛନ୍ତି । ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏହି ଉପାୟକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି । ସପ୍ତାହେ ପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଥିବାକୁ ଜଳକୁ ବ୍ୟବହାର କରିବା ଦ୍ୱାରା ଏଥିରୁ ଜୀବାଣୁ ଏବଂ କବକ ସଂକ୍ରମଣ ହୋଇପାରେ । ସାବୁନ କଣିକା ଜୀବାଣୁକୁ ନଷ୍ଟ କରିଲେ ବି ବାରମ୍ବାର ଏହାକୁ ବ୍ୟବହାର କରାଯାଉଥିବାରୁ ଏହା ସେମାନଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ହାତ ଧୋଇବା ପାଇଁ ସବୁବେଳେ ପରିଷ୍କାର ପାଣିର ବ୍ୟବହାର କରିବା ଉଚିତ ।



# ଘାତକ ପାଲଟିଲା ପ୍ରସାଧନ ସାମଗ୍ରୀ



କେହି କେବେ ଲିପଷ୍ଟିକ୍, ବ୍ଲଶର୍ ଭଳି ପ୍ରସାଧନ ସାମଗ୍ରୀ ଖାଉ ନ ଥିବେ । ହେଲେ ତାଇୱାନର ଜଣେ ୨୪ ବର୍ଷୀୟା ଇନଫ୍ଲୁଏନସର୍ ଏସବୁ ଖାଇବା ଲାଗି ଚର୍ଚ୍ଚିତ ଥିଲେ । ସେ ସାମାଜିକ ଗଣମାଧ୍ୟମରେ ଗୁଆବା ବିୟୁଟି ନାଁରେ ପରିଚିତ ଥିଲେ । ସେ ତାଙ୍କ ସୌନ୍ଦର୍ଯ୍ୟ, ମଧୁର ସ୍ୱର, ଏବଂ କସମେଟିକ୍ ଜିନିଷ ଖାଇବା ପାଇଁ ବେଶ୍ ଚର୍ଚ୍ଚିତ ଥିଲେ । ହେଲେ ଏହି ସଉକ ତାଙ୍କ ପାଇଁ ଏବେ କାଳ ପାଲଟିଛି । ଅଚାନକ ଏଥିଯୋଗୁଁ ତାଙ୍କର ମୃତ୍ୟୁ ହୋଇଛି । ଫଳରେ ତାଙ୍କ ପ୍ରଶଂସକ ସମ୍ପୃକ୍ତ ଇନଫ୍ଲୁଏନସର୍‌ଙ୍କ ମୃତ୍ୟୁର କାରଣ କିଭଳି ହେଲା ଜାଣିବାକୁ ଚାହିଁଛନ୍ତି । କୌଣସି ବିଷାକ୍ତ କସ୍‌ମେଟିକ୍ ଜିନିଷ ଖାଇ ତାଙ୍କର ମୃତ୍ୟୁ ହୋଇଛି ବୋଲି କୁହାଯାଉଛି । ସେହିଭଳି ଆଉ କିଛି ଜଣ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା କହୁଛନ୍ତି । ସେ ତାଙ୍କର ପ୍ରତ୍ୟେକ ଭିଡିଓରେ ଲିପଷ୍ଟିକ୍, ବ୍ଲଶର୍, ଫେସ୍ ମାସ୍କ ଏବଂ କଟନ୍ ପ୍ୟାଡ୍ ଭଳି ସୌନ୍ଦର୍ଯ୍ୟ ଉତ୍ପାଦକୁ ଖାଇବା ସହ ଏହାର ସ୍ୱାଦ କିପରି ଲାଗୁଛି ସେସମ୍ପର୍କରେ ତାଙ୍କର ଅନୁଗାମୀମାନଙ୍କୁ କହୁଥିଲେ ।

# ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି । ଦୃଢ଼ ସଂକଳ୍ପ ସହ ଲକ୍ଷ୍ୟ ହାସଲ କରିବାକୁ ଯୋଜନା କରିବେ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । କ୍ଷମତା ଉପରେ ଭରସା ରଖନ୍ତୁ । ବୈବାହିକ ଜୀବନ ସୁଖମୟ ହେବ ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ । ନିଜକୁ କମଜୋର ଭାବନ୍ତୁ ନାହିଁ । ମହିଳାମାନେ ଧାର୍ମିକ କାର୍ଯ୍ୟରେ ମନୋନିବେଶ କରିବେ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିବେ । ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ । ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ । ପାରିବାରିକ ସୁଖ ଶାନ୍ତି ମିଳିବ । ଯାନବାହନ କ୍ରୟ କରିପାରନ୍ତି ।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ । ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ଜୀବନସାଥିଙ୍କ ସହଯୋଗ ଲୋଡିବେ । ବିଦ୍ୟାର୍ଥୀମାନଙ୍କ ପାଇଁ ଭଲ ସମୟ । ଆୟ ଓ ବ୍ୟୟ ସମାନ ରହିବ ।

**ସିଂହ:** କୌଣସି କାର୍ଯ୍ୟ କରିବା ପୂର୍ବରୁ ହଜାର ଥର ଚିନ୍ତା କରନ୍ତୁ । ଧନପ୍ରାପ୍ତି ଯୋଗ ରହିଛି । କିଣା-ବିକାରେ ସମୟ ବିତିବ । ବୈବାହିକ ଜୀବନ ସୁଖମୟ ହେବ । ଉଧାର ଟଙ୍କା ଫେରି ପାଇବେ ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ । ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିବ । ଅକସ୍ମାତ ଖୁସି ଖବର ପାଇବେ । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । ବ୍ୟବସାୟରୁ ଲାଭ ପାଇବେ । ଚକ୍ଷୁ ସମସ୍ୟା ଭୋଗି ପାରନ୍ତି ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି । ଅଧିକ ଚିନ୍ତା କରନ୍ତୁନି । ନୂତନ ବ୍ୟବସାୟ ଆରମ୍ଭ କରିପାରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ମହିଳାମାନେ ଧର୍ମପରାୟଣା ହେବେ ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ । ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ । ପରିବାର ସହିତ କିଛି ସମୟ ବିତାନ୍ତୁ । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି । ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି । ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ । ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ । ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ବୈବାହିକ ଜୀବନ ମଧୁମୟ ହେବ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ ।

## ବିଏମ୍‌ସି ଅତିରିକ୍ତ କମିସନରଙ୍କୁ ମାଡ଼ ଘଟଣା

# ଅପରାଜିତା-ଜଗନ୍ନାଥ ମୁହାଁମୁହିଁ




■ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ଅପରାଜିତା
■ ଟିଆର୍‌ପି ବଢ଼ାଇବାକୁ ସାଂସଦଙ୍କ ଉଦ୍ୟମ: ଜଗା

ଭୁବନେଶ୍ୱର,୨।୭(ସମିସ): ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ କାର୍ଯ୍ୟକର୍ତ୍ତାମାନେ ବିଏମସି ଅତିରିକ୍ତ କମିସନର ରତ୍ନାକର ସାହୁଙ୍କୁ ମାଡ଼ ମାରିବା ପ୍ରସଙ୍ଗ ସାରା ଦେଶରେ ଚହଳ ସୃଷ୍ଟି କରିଛି। ଏହି ଘଟଣାକୁ ଚାରିଆଡ଼ୁ ନିନ୍ଦା କରାଯାଉଥିବା ବେଳେ ବିଜେପିରେ ମଧ୍ୟ ଏଭଳି କାଣ୍ଡକୁ ନେଇ ପରୋକ୍ଷରେ ଜଗନ୍ନାଥ ପ୍ରଧାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ ହେବାରେ ଲାଗିଛି। ଏହି ଘଟଣାରେ ଜଗନ୍ନାଥଙ୍କୁ ରାଜ୍ୟ ଓଏଏସ୍ ସଂଘ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଦର୍ଶାଉଛି। ପାରିପାର୍ଶ୍ୱିକ ସ୍ଥିତି ମଧ୍ୟ ଜଗନ୍ନାଥଙ୍କ ବିରୋଧରେ ଯାଉଛି। ଏଭଳି ସ୍ଥିତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଘଟଣା ସମ୍ପର୍କରେ ଦଳର ଜାତୀୟ ନେତୃତ୍ୱଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ସାମାଜିକ ଗଣମାଧ୍ୟମରେ ଅପରାଜିତା ଏହି ଘଟଣାର ତୀବ୍ର ବିରୋଧ କରିବା ସହ ଏଥିରେ ଜଡ଼ିତ ଦୁର୍ବୃତ୍ତମାନଙ୍କ ଉପରେ ଦଳୀୟ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ଏହି ଘଟଣା ସମ୍ପର୍କରେ ଉଲ୍ଲେଖ କରି ଅପରାଜିତା ପୋଷ୍ଟ କରିଛନ୍ତି ଯେ, ଭୁବନେଶ୍ୱରରେ ଘଟିଥିବା ଘଟଣା ନେଇ ମୁଁ ଅତ୍ୟନ୍ତ ଦୁଃଖିତ। କାର୍ଯ୍ୟରତ ଅଧିକାରୀଙ୍କୁ ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ ଏବଂ ଘୃଣ୍ୟ କାର୍ଯ୍ୟ। ଭାରତୀୟ ଜନତା ପାର୍ଟି କିମ୍ବା ସରକାର ଏପରି କାର୍ଯ୍ୟ ଏବଂ ବିଚାରଧାରା ସହ କୌଣସି ରୂପେ ସଂଶ୍ଳିଷ୍ଟ ନୁହନ୍ତି ବା ପ୍ରୋତ୍ସାହନ କରନ୍ତି ନାହିଁ। ଏଥିରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କ ବିରୋଧରେ ଆବଶକୀୟ ଆଇନଗତ ତଥା ଦଳୀୟ କାର୍ଯ୍ୟାନୁଷ୍ଠାନ ନିଆଯିବା ନିତ୍ୟାନ୍ତ ଆବଶ୍ୟକ। କାର୍ଯ୍ୟରତ ଅଧିକାରୀଙ୍କୁ ନିଜର କାର୍ଯ୍ୟ ନିଷ୍ଠା ଏବଂ ସାହସ ସହ କରୁଥିବାରୁ ସାଧୁବାଦ ଜଣାଇବା ସହ ଶୃଙ୍ଖଳା, ଅନୁଶାସନ ଏବଂ ନିଷ୍ଠା ବିନା ସୁଶାସନ କିମ୍ବା ବିକାଶ ସମ୍ଭବ ନୁହେଁ ବୋଲି ଅପରାଜିତା ଦର୍ଶାଇଛନ୍ତି। ବଡ଼ କଥା ହେଉଛି ଯେ ଅପରାଜିତା ନିଜର ଏହି ସାମାଜିକ ଗଣମାଧ୍ୟମ ପୋଷ୍ଟଟିକୁ ରାଜ୍ୟର କୌଣସି ନେତାଙ୍କୁ ଟ୍ୟାଗ୍ କରି ନ ଥିବା ବେଳେ ପ୍ରଧାନମନ୍ତ୍ରୀଙ୍କୁ ଟ୍ୟାଗ୍ କରିଛନ୍ତି। କେବଳ ସେତିକି ଅପରାଜିତା ଏହି ପ୍ରସଙ୍ଗରେ ଖବର ସରବରାହ ସଂସ୍ଥାକୁ ମଧ୍ୟ ପ୍ରତିକ୍ରିୟା ଦେଇ ଏଭଳି ଘଟଣା ବିରୋଧରେ ବର୍ଷିଛନ୍ତି। ଅପରାଜିତା କହିଛନ୍ତି ସେ ସେ ତାଙ୍କର ଦୀର୍ଘ ବର୍ଷର ପ୍ରଶାସନିକ କାର୍ଯ୍ୟ ଅବଧି ମଧ୍ୟରେ ଏଭଳି ଘଟଣା ଦେଖି ନ ଥିବା ବେଳେ ତାଙ୍କର ୬ ବର୍ଷର ରାଜନୈତିକ କ୍ୟାରିୟରରେ ମଧ୍ୟ ଏମିତି ଘଟଣା ଦେଖି ନ ଥିବା କହିଛନ୍ତି। ତେବେ ଏହି ଘଟଣାରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ କଡ଼ା କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଅପରାଜିତା ଆଶା ପ୍ରକଟ କରିଛନ୍ତି। ଏହାସହିତ ରାଜ୍ୟରେ କିପରି ଆଗକୁ ଏପରି ଅପ୍ରିତିକର ଘଟଣା ନ ଘଟିବ ତାହା କାମନା କରିଛନ୍ତି। ଓଡ଼ିଶା ଏକ ଶାନ୍ତି ପ୍ରିୟ ରାଜ୍ୟ। ଏଠାରେ ଏମିତି ଘଟଣା ଘଟିଲେ ସମସ୍ତେ ମର୍ମାହତ ହୋଇଥାନ୍ତି ବୋଲି ସେ କହିଛନ୍ତି। ଅନ୍ୟପଟେ ସାଂସଦ ଅପରାଜିତାଙ୍କ ଏଭଳି ପ୍ରତିକ୍ରିୟାକୁ ନେଇ ଜଗନ୍ନାଥ ପ୍ରଧାନ ମଧ୍ୟ ତାଙ୍କୁ ପ୍ରତିଆକ୍ରମଣ କରିବାକୁ ଚେଷ୍ଟା କରିଛନ୍ତି। ଗଣମାଧ୍ୟମ ଆଗରେ ଜଗନ୍ନାଥ କହିଛନ୍ତି ସାଂସଦ ଅପରାଜିତା ଟିଆରପି ଓ ମିଡିଆରେ ରହିବା ପାଇଁ ବିଭିନ୍ନ କଥା କହିଛନ୍ତି। କିପରି ତାଙ୍କ କଥା ଆଗ ଦେଖାଯିବ ସେ ନେଇ ସେ ଉଦ୍ୟମ କରନ୍ତି। ତାଙ୍କର ଏଭଳି ପୋଷ୍ଟ ଦ୍ୱାରା ବିରୋଧୀ ଦଳଙ୍କୁ ସୁହାଇଲା ଭଳି କାମ ହୋଇଛି। ତାଙ୍କର ଏମିତି ଆଚରଣ ଦ୍ୱାରା ସମସ୍ତେ ଆଚମ୍ବିତ ହୋଇଛନ୍ତି।

## ବିଜେପି ନେତାଙ୍କୁ ବଟି ନ ଦେବାରୁ ରାସ୍ତା କାମ ବନ୍ଦ

■ ଆଗେଇପାରୁନି ୨୦ ନଂ ଜାତୀୟ ରାଜପଥ କାମ
■ ସଦର ଥାନାରେ ଏତଲା ପରେ ମାମଲା ହୋଇନି



ଯାଜପୁର ଟାଉନ,୨।୭(ସମିସ): ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ତୃଣମୂଳ ସ୍ତରରେ ବିଜେପି ନେତା ଓ କର୍ମୀଙ୍କ କାରନାମା ବଢ଼ି ବଢ଼ି ଚାଲିଛି। ସରକାରୀ ଅଫିସରେ ଅବାଧ ପ୍ରବେଶ ଠାରୁ ଆରମ୍ଭ କରି ସରକାରୀ କର୍ମଚାରୀଙ୍କୁ ଭୟଭୀତ କରି ବେଆଇନ କାମ ଆଦାୟ କରିବାକୁ ବାଧ୍ୟ କରାଯାଉଥିବା ଅଭିଯୋଗ ହୋଇଆସୁଛି। ବିଭିନ୍ନ ନେତାମାନଙ୍କ ନାଁରେ ବିଭିନ୍ନ କାର୍ଯ୍ୟକ୍ରମ ବାହାନା କରି ବଟି ମାଗୁଥିବା ଘଟଣା ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଏହାରି ଭିତରେ ଯାଜପୁର ସଦର ଥାନାରେ ବିଜେପି ଜିଲ୍ଲା ସଂପାଦକ ସୁରଜଲାଲ ସାମଲଙ୍କ ବିରୋଧରେ ଠିକାଦାରଙ୍କୁ ବଟି ମାଗିଥିବା ଅଭିଯୋଗ ହୋଇଥିବା ଜଣାପଡିଛି। ଯାଜପୁର ଜିଲ୍ଲା ବିଜେପି ସମ୍ପାଦକ ସୁରଜଲାଲ୍ ୨୦ ନଂ. ଜାତୀୟ ରାଜପଥ କାମ କରୁଥିବା ଠିକା ସଂସ୍ଥା ଏଆର୍‌ଏସ୍‌ଏସ୍‌ଠାରୁ କାମ ନେଇଥିବା ପେଟି ଠିକା ସଂସ୍ଥା ସିଦ୍ଧାର୍ଥ କନ୍‌ଷ୍ଟ୍ରକସନ୍ସ କମ୍ପାନୀକୁ ବଟି ମାଗିଥିବା ଅଭିଯୋଗ ହୋଇଛି। ବଟି ନ ଦେବା ଫଳରେ କାମକୁ ଅଟକାଇ ଦେଇଛନ୍ତି ଏବଂ ରାସ୍ତାର ଉଭୟ କଡ଼ରେ ଶହ ଶହ ଗାଡ଼ି ଅଟକି ରହିଛି। ଫଳରେ ଜାତୀୟ ରାଜପଥ କାମ ଠପ୍ ହୋଇଯାଇଥିବା ଜଣାପଡିଛି। ଗାଡ଼ି ଗୁଡିକ ୮ ଦିନ ଧରି ଅଟକିବା ଫଳରେ ଠିକା ସଂସ୍ଥା ଲକ୍ଷାଧିକ ଟଙ୍କାର ଆର୍ଥିକ ବୋଝ ସହିଥିବା ଜଣାପଡିଛି। ପରିସ୍ଥିତି ଏପରି ହୋଇଛି ରାସ୍ତାର ଉଭୟ କଡ଼ରେ ଗାଡ଼ି ଗୁଡିକ ଠିଆ ହେବାରୁ ରାସ୍ତାରେ ଯାତାୟତ ବନ୍ଦ ହୋଇପଡିଛି। କିନ୍ତୁ ଏନେଇ ଠିକା ସଂସ୍ଥା ପକ୍ଷରୁ ଯାଜପୁର ସଦର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ମାମଲା ରୁଜୁ ହୋଇନଥିବା ଜଣାପଡିଛି। ଶାସକ ଦଳର ଚାପ ଯୋଗୁଁ ପୁଲିସ ଏଭଳି ମାମଲା ରୁଜୁ କରୁନଥିବା ଅଭିଯୋଗ ହୋଇଛି। ଏ ଅଭିଯୋଗ ସଂପର୍କରେ ଯାଜପୁର ସଦର ଥାନା ଅଧିକାରିଣୀ ଚିନ୍ମୟୀ ବେହେରାଙ୍କୁ ପଚାରିବାରୁ ସେ ଅଭିଯୋଗ ହୋଇଥିବା ନେଇ ସେ ସ୍ୱୀକାର କରିଛନ୍ତି। ଆମେ ଏହା ଉପରେ ତଦନ୍ତ କରୁଛୁ। ୭ ଦିନ ଭିତରେ ଆମେ ଏତଲାକୁ ରେଜିଷ୍ଟ୍ରସନ କରିବୁ। ଲୋଡ୍ ଗାଡ଼ି ଅନଲୋଡ୍ ନ ହୋଇ ୮ ଦିନ ହେଲା ରାସ୍ତା ଉପରେ ଠିଆ ହୋଇଛି। ସେପଟେ ସିଦ୍ଧାର୍ଥ କନଷ୍ଟ୍ରକ୍ସନ ମାଲିକ ଦାଶରଥି ମହାନ୍ତିଙ୍କ ସହିତ ଯୋଗାଯୋଗ କରିବାରୁ ସେ ଭୟଭୀତ ଅବସ୍ଥାରେ କହିଥିଲେ ପ୍ରାୟ ୧୫୦ଗାଡ଼ିକୁ ଅଟକାଇଛନ୍ତି। ମୋଟା ଆକାର ଚାନ୍ଦା ନ ଦେଲେ କାମ ବନ୍ଦ କରିଦିଆଯିବ ବୋଲି ଧମକ ଦିଆଯାଇଛି। ଅନ୍ୟ ଉପାୟ ନ ପାଇ ଯାଜପୁର ସଦର ଥାନାରେ ଏତଲା ଦିଆଯାଇଛି। ଏତଲା ପରେ ଜିଲ୍ଲା ସମ୍ପାଦକଙ୍କ ସମର୍ଥକ କନଷ୍ଟ୍ରକ୍ସନ୍ସ କମ୍ପାନୀ ସହିତ ଭିତିରି ବୁଝାମଣା କରିବାକୁ ଚାପ ପ୍ରୟୋଗ କରୁଛନ୍ତି। ଏପଟେ ରାସ୍ତା ଉପରେ ଗାଡ଼ିଗୁଡିକ ଠିଆ ହୋଇଥିବାରୁ ସ୍ଥାନୀୟ ଲୋକେ ବହୁ ହଇରାଣ ହେଉଥିବାର ଅଭିଯୋଗ ହୋଇଛି। ତେବେ ଏହି ମୋଟା ଅଙ୍କର ବଟି ମାଗିବା ପଛରେ ଜଣେ ବଡ଼ ନେତା ଏବଂ ତାଙ୍କ ଗ୍ୟାଙ୍ଗର ସଂପୂର୍ଣ୍ଣ ହାତ ଥିବା ଚର୍ଚ୍ଚା ହେଉଛି। ଏପରିକି ଏହି ଅଭିଯୋଗକୁ ଏ ପର୍ଯ୍ୟନ୍ତ ପଞ୍ଜୀକରଣ ନ କରିବାକୁ ଏହି ବିଜେପି କୋଟେରୀ ଲାଗିପଡିଥିବା ଜଣାପଡିଛି।

## ଲଘୁଚାପ ସକ୍ରିୟ

## ୫ରୁ ପୁଣି ବଢ଼ିବ ବର୍ଷା

ଭୁବନେଶ୍ୱର,୨।୭(ସମିସ): ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ବର୍ତ୍ତମାନ ଦକ୍ଷିଣ ଛତିଶଗଡ଼ ଓ ଆଖପାଖ ଅଞ୍ଚଳରେ ଘୂର୍ଣ୍ଣିବଳୟ ଅବସ୍ଥାରେ ରହିଛି। ଏହା ବର୍ତ୍ତମାନ ଦକ୍ଷିଣ ଆଡ଼କୁ ଦିଗ ପରିବର୍ତ୍ତନ କରୁଛି। ଏଭଳି ସ୍ଥିତିରେ ମୌସୁମୀ ସକ୍ରିୟ ରହିବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେଉଛି। ଏହି ସ୍ଥିତି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଯଦିଓ ୩ ଓ ୪ ତାରିଖ ବର୍ଷାର ପରିମାଣ ସାମାନ୍ୟ କମିବ, ମାତ୍ର ୫ ତାରିଖରୁ ପୁଣି ଥରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବ ବୋଲି ଜଣାପଡ଼ିଛି।

ବିଶେଷକରି ଉତ୍ତର ଓଡ଼ିଶାରେ ଅଧିକ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି। ଆସନ୍ତା ୪ ତାରିଖ ବେଳକୁ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ଥିବାରୁ ଏହା ପ୍ରଭାବରେ ବର୍ଷାର ପ୍ରଭାବ ବଢ଼ିପାରେ। ଆସନ୍ତାକାଲି ସୋନପୁର, ବରଗଡ଼, ବଲାଙ୍ଗିର, ବୌଦ୍ଧ ଓ ନୂଆପଡ଼ାରେ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନାରୁ ଜଣାପଡ଼ିଛି।

## ୪ ମାସରେ ୫ ଲକ୍ଷ ଜମାକାରୀଙ୍କୁ ଚିଟ୍‌ଫଣ୍ଡ ଜମା ଟଙ୍କା ଫେରସ୍ତ

ଭୁବନେଶ୍ୱର,୨।୭(ସମିସ): ଆସନ୍ତା ୩-୪ ମାସ ମଧ୍ୟରେ ଆଉ ୫ ଲକ୍ଷ କ୍ଷୁଦ୍ର ଜମାକାରୀଙ୍କୁ ଅର୍ଥ ଫେରସ୍ତ କରାଯିବ। ବୁଧବାର ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଗତ ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାର ୧,୨୬,୧୩୭ ଜଣ କ୍ଷୁଦ୍ର ଜମାକାରୀଙ୍କୁ ୪୭.୦୭ କୋଟି ଟଙ୍କା ଫେରସ୍ତ କରିସାରିଛନ୍ତି ବୋଲି ସୂଚନା ମିଳିଛି।

## ତେଲଙ୍ଗାନା ବିସ୍ଫୋରଣ

# ୪ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

■ ୪ ଗୁରୁତର ମେଡିକାଲରେ ଭର୍ତ୍ତି
■ ଆହତ ଓଡ଼ିଆଙ୍କୁ ଚିକିତ୍ସାଳୟରେ ଭେଟିଲେ ଓଡ଼ିଶା ଅଧିକାରୀ



ଭୁବନେଶ୍ୱର,୨।୭(ସମିସ): ତେଲଙ୍ଗାନାର ସାଙ୍ଗାରେଡ୍ଡୀ ଜିଲ୍ଲା ସ୍ଥିତ ସିଗାଚୀ ଫାର୍ମା କମ୍ପାନୀରେ ହୋଇଥିବା ବିସ୍ଫୋରଣରେ ଯେଉଁ ୪୨ ଜଣ ପ୍ରାଣ ହରାଇଛନ୍ତି, ସେମାନଙ୍କ ମଧ୍ୟରେ ଅଛନ୍ତି ୪ ଜଣ ଓଡ଼ିଆ ଶ୍ରମିକ। ସେମାନେ ହେଲେ ଗଞ୍ଜାମର ଜଗନ ମୋହନ, ତିଗିରିଆର ଲଗ୍ନଜିତ ଦୁଆରୀ, ବାଲେଶ୍ୱର ସୁଁଳିଆର ମନୋଜ ରାଉତ ଏବଂ ଯାଜପୁରର ଦୋଳଗୋବିନ୍ଦ ସାହୁ। ଏଥିରେ ଗୁରୁତର ଆହତ ହୋଇ ଡକ୍ତରଖାନାରେ ଚିକିତ୍ସାଧୀନ ଥିବା ଓଡ଼ିଆ ଶ୍ରମିକ ହେଲେ ଗଞ୍ଜାମର ସମିଳ ପାଢୀ, ଭଦ୍ରକର ଚନ୍ଦନ ନାଏକ, ପବରଙ୍ଗପୁରର ନୀଳାମ୍ବର ଭଦ୍ର ଏବଂ ଚିତ୍ରସେନ୍ ବତ୍ର। ତେବେ ସେମାନେ ବିପଦମୁକ୍ତ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ଏହି ବିସ୍ଫୋରଣ ଘଟଣାରେ ଏବେ ବି ୫ ଜଣ ନିଖୋଜ ଥିବା ଜଣାପଡ଼ିଛି। କିନ୍ତୁ ଉଦ୍ଧାର କାର୍ଯ୍ୟ ଚାଲିଥିବାରୁ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ଚିତ୍ର ମିଳିପାରି ନାହିଁ। ଓଡ଼ିଆ ବ୍ୟକ୍ତିମାନଙ୍କର ଉଦ୍ଧାର କାର୍ଯ୍ୟ ସମେତ ପରିବାରବର୍ଗଙ୍କୁ ସାହାଯ୍ୟ ଓ ସହଯୋଗ ପ୍ରଦାନ କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ଦୁଇ ଜଣ ଅଧିକାରୀ ଘଟଣାସ୍ଥଳରେ ଯାଇ ପହଞ୍ଚିଛନ୍ତି। ଡ. ଚନ୍ଦ୍ର ଶେଖର ହୋତା ଏବଂ ପ୍ରୀତିଶ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚିବା ପରେ ନିଖୋଜ ରହିଥିବା ଓଡ଼ିଆ ବ୍ୟକ୍ତିମାନଙ୍କର ସନ୍ଧାନ ନିମନ୍ତେ ସଙ୍ଗାରେଡ୍ଡୀ ଜିଲ୍ଲା ପ୍ରଶାସନ ସହିତ ଅଲୋଚନା କରୁଛନ୍ତି। ଆହତ ହୋଇଥିବା ଓଡ଼ିଆ ବ୍ୟକ୍ତିମାନଙ୍କୁ ଚିକିତ୍ସାଳୟରେ ଭେଟିଛନ୍ତି। ଆହତ ହୋଇଥିବା ବ୍ୟକ୍ତିମାନଙ୍କର ଚିକିତ୍ସା ନିମନ୍ତେ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ପ୍ରଦାନ କରାଯାଇଛି। ମୃତ୍ୟୁବରଣ କରିଥିବା ଓଡ଼ିଆ ବ୍ୟକ୍ତିମାନଙ୍କର ମୃତ ଶରୀରକୁ ଓଡ଼ିଶାକୁ ଫେରେଇ ଆଣିବା ସହ ସେମାନଙ୍କ ପରିବାର ବର୍ଗକୁ ସାହାଯ୍ୟ କରିବା ନିମନ୍ତେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି।

## ମୃତକଙ୍କ ମଧ୍ୟରେ ସିମୁଳିଆର ମନୋଜ ରାଉତ



ସିମୁଳିଆ, ୨।୭ (ସମିସ): ତେଲଙ୍ଗାନାର ସଙ୍ଗାରେଡ୍ଡୀ ଜିଲ୍ଲାରେ ଗତ ୩୦ ତାରିଖରେ ରାସାୟନିକ କାରଖାନାରେ ବିସ୍ଫୋରଣ ଘଟି ବହୁ ମୃତାହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଅଛନ୍ତି ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ପୁରୁଷୋତ୍ତମପୁର ପଞ୍ଚାୟତ ପାର୍ବତୀପୁର ଗ୍ରାମର ଅନନ୍ତ ରାଉତଙ୍କ ପୁତ୍ର ମନୋଜ ରାଉତ। ୨୦୦୧ ମସିହା ଠାରୁ ମନୋଜ ଉକ୍ତ ରାସାୟନିକ ଫ୍ୟାକ୍ଟ୍ରିରେ କ୍ୱାଲିଟି ମ୍ୟାନେଜର ଭାବରେ କାର୍ଯ୍ୟ କରୁଥିଲେ। ରଜକୁ ଘରକୁ ଆସିଥିବାବେଳେ ଫ୍ୟାକ୍ଟ୍ରିର ମାଲିକଙ୍କ ଫୋନ ଆସିବାରୁ କାମରେ ଯୋଗ ଦେବାକୁ ପଳାଇ ଯାଇଥିଲେ। ଗତ ୩୦ ତାରିଖରେ ଫ୍ୟାକ୍ଟ୍ରିରେ ଦୁର୍ଘଟଣା ଘଟିବାରୁ ମନୋଜଙ୍କ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ମନୋଜଙ୍କ ଶବ ଚିହ୍ନଟ କରିଥିଲେ। ମନୋଜଙ୍କ ସ୍ତ୍ରୀ ଓ ଦୁଇଟି ପୁଅ ଅଛନ୍ତି। ମନୋଜଙ୍କୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଥିବାବେଳେ ତାଙ୍କ ପରିବାରକୁ ରାଜ୍ୟ ସରକାର ସରକାରୀ ସହାୟତା ଦେବାକୁ ଗ୍ରାମବାସୀ ଗୁହାରି କରିଛନ୍ତି।

## କୋଦାଳରେ ହାଣି ବୃଦ୍ଧାଙ୍କୁ ହତ୍ୟା; ଅଭିଯୁକ୍ତ ଗିରଫ

ତୁରୁମୁଙ୍ଗା,୨।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଫୁଲପାହାଡ଼ି ଗ୍ରାମର ଭାଲୁଘରା ସାହିରେ ବୁଧବାର ସକାଳୁ ବିଧବା ବୃଦ୍ଧା ତୁଳସୀ ମାଝୀ (୫୫)ଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ଏକ କୋଦାଳରେ ମାରି ତଳେ ପକାଇବା ପରେ ଖଣ୍ଡ ଖଣ୍ଡ କରି ହାଣି ହତ୍ୟା କରାଯାଇଛି। ଅଭିଯୋଗ ଆଧାରରେ ପୁଲିସ ଏକ ହତ୍ୟା ମାମଲା ରୁଜୁକରି ଅଭିଯୁକ୍ତ ଫୁଲପାହାଡ଼ି ବଡ଼ସାହିର ଦେବଦତ୍ତ ନାଏକ ଓରଫ ଗେଡୁ (୪୫ ବର୍ଷ)କୁ ଗିରଫ କରିଛି। ଏହାସହ ସାଇଣ୍ଟିଫିକ୍ ଟିମ ସହାୟତାରେ ପାଟଣା ପୁଲିସ ଘଟଣାସ୍ଥଳରେ ଅନୁଧ୍ୟାନ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

ସୂଚନା ଅନୁସାରେ, ଉକ୍ତ ଗ୍ରାମର ବାରିଆଳ ମାଝୀ ସକାଳୁ ବିଲ କାମ କରିବାକୁ ଲଙ୍ଗଳ କୋଦାଳ ଧରି ଯାଉଥିବା ସମୟରେ ଦେବଦତ୍ତ କୋଦାଳ ଛଡ଼ାଇ ନେଇ ପ୍ରଥମେ ବାରିଆଳକୁ ଆକ୍ରମଣ କରିଥିଲା। ବାରିଆଳଙ୍କ ବାମ ହାତରେ ଗଭୀର କ୍ଷତ ହୋଇଛି। ପରେ ସେ ଘର ସମ୍ମୁଖରେ ଛିଡା ହୋଇଥିବା ତୁଳସୀଙ୍କୁ ହାଣି ମୁଣ୍ଡ ଗଣ୍ଡି ଅଲଗା କରିଦେଇଥିଲା। ପୁଣି ଏକ ପଥର ଧରି ଗ୍ରାମବାସୀଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହୋଇଥିଲା। ଗ୍ରାମବାସୀ ପୁଲିସକୁ ଖବର ଦେବା ପରେ ଅଭିଯୁକ୍ତ ଦେବଦତ୍ତକୁ ହେପାଜତକୁ ନିଆଯାଇଛି। ୬ ବର୍ଷ ପୂର୍ବରୁ ମୃତ ବୃଦ୍ଧାଙ୍କ ସ୍ୱାମୀ କାଦେ ମାଝୀଙ୍କୁ ବଳଦ କିଣାବିକାକୁ ନେଇ ଗ୍ରାମବାସୀ ପିଟି ପିଟି ହତ୍ୟା କରିଥିଲେ।

■ ରଥଯାତ୍ରା ଦଳାଚକଟାର ପ୍ରଶାସନିକ ତଦନ୍ତ

## ଉନ୍ନୟନ କମିଶନଙ୍କୁ ସହଯୋଗ କରିବ ୪ ଜଣିଆ କମିଟି

ଭୁବନେଶ୍ୱର,୨।୭(ସମିସ): ରଥଯାତ୍ରା ଦଳାଚକଟା ଘଟଣାରେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧୀନରେ ଆରମ୍ଭ ହୋଇଥିବା ପ୍ରଶାସନିକ ତଦନ୍ତକୁ ଆଉ ଏକ କମିଟି ସହଯୋଗ କରିବ। ଏଥିପାଇଁ ରାଜ୍ୟ ସରକାର ଏକ ୪ ଜଣିଆ କମିଟି ଗଠନ କରିଛନ୍ତି। ଓଏଏସ ମାନସ ରଞ୍ଜନ ସାମଲ, ବିନୟ ଦାଶ, ରଶ୍ମୀ ରଞ୍ଜନ ନାୟକ ଓ ପ୍ରଦୀପ ସାହୁ ଏହି କମିଟିର ସଦସ୍ୟ ରହିଛନ୍ତି। ବୁଧବାର ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଗଞ୍ଜାମ ଜିଲ୍ଲାରେ ଅନୁସୂଚିତ ଜାତିର ଦୁଇ ବ୍ୟକ୍ତିଙ୍କ ଉପରେ ଅତ୍ୟାଚାର

## ନିଜଆଡୁ ମାମଲା ରୁଜୁ କଲେ ଏନ୍‌ଏଚ୍‌ଆରସି

ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ମୁଖ୍ୟ ସଚିବ ଓ ଡିଜିଙ୍କୁ ନୋଟିସ

ଭୁବନେଶ୍ୱର,୨।୭(ସମିସ): ଗଞ୍ଜାମ ଜିଲ୍ଲାରେ ଅନୁସୂଚିତ ଜାତିର ଦୁଇଜଣ ବ୍ୟକ୍ତିଙ୍କ ଉପରେ ହୋଇଥିବା ଅମାନବୀୟ ଅତ୍ୟାଚାର ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି) ନିଜଆଡୁ ମାମଲା ରୁଜୁ କରିଛନ୍ତି। ଏହି ଘଟଣାରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକଙ୍କୁ ନୋଟିସ ଜାରି କରି କମିଶନ ୨ ସପ୍ତାହ ମଧ୍ୟରେ ରିପୋର୍ଟ ତଲବ କରିଛନ୍ତି।

ଗଞ୍ଜାମ ଜିଲ୍ଲାରେ ଦୁଇଜଣ ଅନୁସୂଚିତ ଜାତି ବର୍ଗର ଯୁବକଙ୍କୁ ବେଆଇନ ଗୋରୁ ଚାଲାଣ ଅଭିଯୋଗରେ ମାଡ଼ ମାରିବା, ଘାସ ଖୁଆଇବା ଏବଂ ନାଳ ପାଣି ପିଇବାକୁ ବାଧ୍ୟ କରାଯାଇଥିଲା। ସେମାନଙ୍କ ମୋବାଇଲ୍ ଫୋନ୍ ମଧ୍ୟ ଛଡ଼ାଇ ନିଆଯାଇଥିଲା ଓ ସେମାନଙ୍କୁ ଜୋରଜବରଦସ୍ତି ଲଣ୍ଡା କରାଯାଇଥିଲା। କମିଶନଙ୍କ ଏହାକୁ ମାନବାଧିକାର ଉଲ୍ଲଙ୍ଘନ ବୋଲି ବିବେଚନା କରି ରାଜ୍ୟ ମୁଖ୍ୟ ସଚିବ ଓ ଡ଼ିଜିଙ୍କୁ ରିପୋର୍ଟ ତଲବ କରିଛନ୍ତି । ୨ ସପ୍ତାହ ମଧ୍ୟରେ ଏ ସମ୍ପର୍କରେ ରିପୋର୍ଟ ଦେବାକୁ କମିଶନ ନିର୍ଦ୍ଦେଶ ଦେବା ସହ ଅପରାଧୀଙ୍କ ବିରୋଧରେ ଗ୍ରହଣ କାର୍ଯ୍ୟାନୁଷ୍ଠାନ ଓ ପୀଡ଼ିତଙ୍କୁ କ୍ଷତିପୂରଣ ପ୍ରଦାନ ସଂକ୍ରାନ୍ତ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି।


■ ବରିଷ୍ଠ ଆଇନଜୀବୀଙ୍କୁ ନିର୍ଯାତନା ଘଟଣା

## ରାଜ୍ୟ ମୁଖ୍ୟ ସଚିବଙ୍କୁ ଜବାବ ତଲବ

କଟକ, ୨।୭(ସମିସ): ବାଲେଶ୍ୱରରେ ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ଦାସଙ୍କ ପ୍ରତି ପୁଲିସ ଓ ଜଣେ ମହିଳା ଆଇଏଏସ ଅଧିକାରୀଙ୍କ ଦ୍ୱାରା ନିର୍ଯାତନା ଘଟଣାକୁ ନେଇ ଦାୟର ଅଭିଯୋଗକୁ ଜାତୀୟ ମାନବାଧିକାର କମିସନ(ଏନଏଚଆରସି) ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦଙ୍କ ଆବେଦନର ଶୁଣାଣି କରି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି ଏନଏଚଆରସି। ଆସନ୍ତା ୧୫ଦିନ ମଧ୍ୟରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଜଣାଇବାକୁ ଏନଏଚଆରସି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଅଭିଯୋଗରେ ଦର୍ଶାଇଥିଲେ ଯେ ଗତ ଜୁନ ୬ ତାରିଖରେ ବାଲେଶ୍ୱର ଓକିଲ ସଂଘର ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ଶ୍ରୀ ଦାସଙ୍କୁ ଜଣେ ମହିଳା ଆଇଏଏସ ଅଧିକାରୀ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ପରେ ସମ୍ପୃକ୍ତ ଅଧିକାରୀଙ୍କ ନିର୍ଦ୍ଦେଶରେ ସହଦେବଖୁଣ୍ଟା ପୁଲିସ ମଧ୍ୟ ତାଙ୍କୁ ଥାନାରେ ଅଟକ ରଖି ନିର୍ଯାତନା ଦେବା ସହ ବେଆଇନ ଭାବେ ଗିରଫ କରିଥିଲା। ଏହି ଘଟଣାର ସିସିଟିଭି ଫୁଟେଜ ସଂରକ୍ଷଣ ସହ ନିରପେକ୍ଷ ତଦନ୍ତ ସହ ଦୋଷୀ ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ପୀଡିତଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରାର୍ଥନା କରି ଶ୍ରୀ ନନ୍ଦ ଏନଏଚଆରସିରେ ମାମଲା ରୁଜୁ କରିଥିଲେ।

## ରେଳଧାରଣାରେ ଖସିଲା ମାଟି ଅତଡ଼ା

■ କୋରାପୁଟ-ଜଗଦଲପୁର ରେଳ ଚଳାଚଳ ପ୍ରଭାବିତ
■ ହୀରାଖଣ୍ଡ ଓ ବିଶାଖାପାଟଣା ନାଇଟ୍ ଏକ୍ସପ୍ରେସ୍ ବାତିଲ



କୋରାପୁଟ,୨।୭(ସମିସ): କୋରାପୁଟ-ଜୟପୁର ମଧ୍ୟରେ ଥିବା ଜର୍ଟି ରେଳ ଷ୍ଟେସନ ନିକଟରେ ମାଟି ଅତଡ଼ା ଖସି କୋରାପୁଟ-ଜଗଦଲପୁର ମଧ୍ୟରେ ରେଳ ଚଳାଚଳ ପ୍ରଭାବିତ ହୋଇଛି। ବୁଧବାର ଅପରାହ୍ନ ଚାରିଟା ସମୟରେ ଅଚାନକ ମାଟି ଅତଡ଼ା ଖସି ରେଳ ଲାଇନ୍ ଅବରୋଧ ହୋଇଥିଲା। ଫଳରେ ଜଗଦଲପୁର ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ ଏବଂ କିରୋଣ୍ଡୁଲ୍ ବିଶାଖାପାଟଣା ନାଇଟ ଏକ୍ସପ୍ରେସ ଟ୍ରେନକୁ ବାତିଲ କରା ଯାଇଥିବା ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ହାୱଡା ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ୍ ଟ୍ରେନ ଗୁରୁବାର ସକାଳେ କୋରାପୁଟ ଠାରୁ ଫେରିବ ବୋଲି ସୂଚନା ମିଳିଛି। କୋରାପୁଟ ଠାରୁ ବିଭାଗୀୟ ବୈଷୟିକ ଓ ଉଦ୍ଧାରକାରୀ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ରେଳ ଲାଇନରୁ ମାଟି ହଟାଇବା କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ଗତ ୨୪ ଘଣ୍ଟା ମଧ୍ୟରେ କୋରାପୁଟ ଜିଲ୍ଲାରେ ୧୦୬୩ ମିମି ବର୍ଷା ହୋଇଛି। ଲଗାଣ ବର୍ଷାରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ପୋଲ ଉପରେ ଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି ।

## ନୀଳଗିରି ହାତୀ ହତ୍ୟା ଓ ଦାନ୍ତ ଲୁଟ୍

# ବିଧାୟକଙ୍କ ଫାର୍ମ ହାଉସରୁ ୩ ମୁଖ୍ୟ ଅଭିଯୁକ୍ତ ଗିରଫ

## ବିଧାୟକ ଖଟୁଆଙ୍କୁ ସରକାର ଘଣ୍ଟ ଘୋଡ଼ାଉଛନ୍ତି: ବିଜେଡି



ଭୁବନେଶ୍ୱର,୨।୭(ସମିସ): ନୀଳଗିରି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛି ବିଜେଡି। ଗତ ଜୁନ ୧୫ ତାରିଖରେ ନୀଳଗିରି ଅଞ୍ଚଳରେ ଘଟିଥିବା ଏକ ଦନ୍ତା ହାତୀର ହତ୍ୟା ଓ ଏହାର ଦାନ୍ତ ଲୁଟ ଘଟଣାରେ ସ୍ଥାନୀୟ ଜଙ୍ଗଲ ଅଧିକାରୀଙ୍କ ଦ୍ୱାରା ପାଞ୍ଚଜଣଙ୍କୁ ଗିରଫ ଘଟଣାରେ ଶ୍ରୀ ଖଟୁଆଙ୍କ ସମ୍ପୃକ୍ତି ରହିଛି। ସମ୍ପୂର୍ଣ୍ଣ ଘଟଣାରେ ରାଜ୍ୟ ସରକାର ତାଙ୍କୁ ଘଣ୍ଟ ଘୋଡାଉଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ଗିରଫ ହୋଇଥିବା ସମ୍ପୃକ୍ତ ପାଞ୍ଚଜଣ ଅଭିଯୁକ୍ତଙ୍କ ମଧ୍ୟରୁ ତିନି ଜଣ ମୁଖ୍ୟ ଅଭିଯୁକ୍ତ ବିଧାୟକ ଶ୍ରୀ ଖଟୁଆଙ୍କ ଫାର୍ମ ହାଉସରେ ଲୁଚି ରହିଥିବା ଅବସ୍ଥାରେ ଗିରଫ ହୋଇଥିଲେ। ଯେଉଁଥିରେ ବିଧାୟକଙ୍କ ଏହି ଅପରାଧରେ ସମ୍ପୃକ୍ତି ରହିଥିବା ସ୍ପଷ୍ଟ ହୋଇଥିଲେ ମଧ୍ୟ ଜଙ୍ଗଲ ଅଧିକାରୀମାନେ ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବାକୁ ସାହସ ଜୁଟାଇ ପାରି ନାହାନ୍ତି ବୋଲି ବିଜେଡି କହିଛି।

ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡଃ ଲେଖାଶ୍ରୀ ସାମନ୍ତ ସିଂହାର, ପୂର୍ବତନ ମନ୍ତ୍ରୀ ଜ୍ୟୋତି ରଞ୍ଜନ ପାଣିଗ୍ରାହୀ ଓ ପୂର୍ବତନ ବିଧାୟକ ସୁକାନ୍ତ ନାୟକ ରାଜ୍ୟରେ ହାତୀ ହତ୍ୟା ଓ ଦାନ୍ତ ଲୁଟ ଘଟଣାରେ ନୀଳଗିରି ବିଧାୟକଙ୍କ ସିଧାସଳଖ ସମ୍ପୃକ୍ତି ଅଭିଯୋଗ କରିଛନ୍ତି। ଡଃ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ଗତ ଜୁନ ୧୫ ତାରିଖରେ ନୀଳଗିରି ବ୍ଲକ ଅନ୍ତର୍ଗତ ତେଲିପାଡ଼ ପଞ୍ଚାୟତର ହୁଡ଼ିସାହି ଗ୍ରାମ ନିକଟରେ ଏକ ବିଶାଳ ଦନ୍ତା ହାତୀର ମୃତଦେହ ଜଙ୍ଗଲ ଅଧିକାରୀଙ୍କୁ ମିଳିଥିଲା। ମୃତ ହାତୀର ଦାନ୍ତକୁ ଦୁର୍ବୃତ୍ତ ମାନେ କାଟି ନେଇ ଯାଇଥିଲେ। ଯେଉଁଥିରୁ ଦାନ୍ତ ହାସଲ କରିବା ଉଦ୍ଦେଶ୍ୟରେ ଦୁର୍ବୃତ୍ତ ହାତୀକୁ ହତ୍ୟା କରିଥିବା ସ୍ପଷ୍ଟ ହୋଇଥିଲା। ପରେ ଜଙ୍ଗଲ ଅଧିକାରୀ ଏହି ଘଟଣାର ତଦନ୍ତ କରି ଏଥିରେ ସମ୍ପୃକ୍ତ ଥିବା ଚାରି ଜଣ ଦୁର୍ବୃତ୍ତଙ୍କୁ ଗିରଫ କରିଥିଲେ। ଚାରି ଜଣ ଅଭିଯୁକ୍ତଙ୍କ ଭିତରୁ ତିନି ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ସେହି ଅଞ୍ଚଳରେ ରହିଥିବା ନୀଳଗିରି ବିଧାୟକଙ୍କ ଫାର୍ମ ହାଉସରୁ ଗିରଫ କରାଯାଇଥିଲା। ଏହି ଘଟଣାରେ ସ୍ଥାନୀୟ ବିଧାୟକ ଶ୍ରୀ ଖଟୁଆଙ୍କ ସମ୍ପୃକ୍ତି ରହିଛି ବୋଲି ସନ୍ଦେହ ଉପୁଜିଥିଲେ ମଧ୍ୟ ଜଙ୍ଗଲ ଅଧିକାରୀ ମାନେ ଶ୍ରୀ ଖଟୁଆଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି। ସରକାରୀ ଦଳର ବିଧାୟକ ହୋଇଥିବାରୁ ରାଜ୍ୟ ସରକାର ଶ୍ରୀ ଖଟୁଆଙ୍କୁ ଘଣ୍ଟ ଘୋଡାଉଛନ୍ତି। ଶ୍ରୀ ଖଟୁଆ ଅନେକ ବେଆଇନ କାମରେ ସମ୍ପୃକ୍ତ ଥିବାର ଅଭିଯୋଗ ରହିଛି। ନବେ ଦଶକରେ ବାଲେଶ୍ୱରରେ ସ୍ଥିତ ଇସ୍ପାତ ଆଲୟଜ ଲିମିଟେଡ କମ୍ପାନୀରେ ଜଣେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ଶ୍ରୀ ଖଟୁଆ ପରବର୍ତ୍ତୀ ସମୟରେ କମ୍ପାନୀ ଦେବାଳିଆ ହେବା ବେଳକୁ ନିଜେ କୋଟିପତି ହୋଇ ଯାଇଥିଲେ। ଶ୍ରୀ ଖଟୁଆଙ୍କ ବିରୋଧରେ ପୂର୍ବରୁ ପଦ୍ମଲୋଚନ ମୁଣ୍ଡ ହାଇସ୍କୁଲର ଦେଢ଼ ଏକର ଜମି ଓ ଅନ୍ୟୂନ ୨୦୦ ଏକର ଜଙ୍ଗଲ ଜମି ଜବରଦଖଲ କରିଥିବା ଅଭିଯୋଗ ରହିଛି। ଏହାଛଡା ସେ ବେଆଇନ ମୋରମ ଓ ବାଲି ଉଠାଣ କାମରେ ଲିପ୍ତ ଅଛନ୍ତି ବୋଲି ଅଭିଯୋଗ ରହିଛି। ତେଣୁ ହାତୀ ମୃତ୍ୟୁ ଓ ଦାନ୍ତ ଲୁଟ ଘଟଣାରେ ଶ୍ରୀ ଖଟୁଆଙ୍କୁ ଗିରଫ କରି ତାଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ଓ ପେସା ଆକ୍ଟ ଲଗାଯାଉ ବୋଲି ଡଃ ସାମନ୍ତସିଂହାର ଦାବି କରିଥିଲେ।

**ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଏ କି ଅବସ୍ଥା !**

# ଘରୋଇ ଡାକ୍ତରଖାନା ବିରୋଧରେ ହେଉନି କାର୍ଯ୍ୟାନୁଷ୍ଠାନ

**ବଲାଙ୍ଗିର, ୨।୭ (ସମିସ)**

ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲା ବଲାଙ୍ଗିରରେ ସୁରକ୍ଷିତ ଘରୋଇ ଡାକ୍ତରଖାନା କିନ୍ତୁ ଅସୁରକ୍ଷିତ ରୋଗୀ। ଘରୋଇ ଡାକ୍ତରଖାନାର ମନମୁଖୀ କାରବାର ଯୋଗୁଁ ରୋଗୀମାନେ ଜୀବନ ହାରୁଥିବାବେଳେ ସେହି ଅବହେଳା ଘଟଣା ମାନଙ୍କରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଅଭିଯୋଗ ହୋଇଛି। କିନ୍ତୁ ରୋଗୀମାନେ ନ୍ୟାୟ ପାଇବା ପାଇଁ ଚାତକଭଳି ଚାହିଁ ରହିଛନ୍ତି। କିଛି ଦିନ ପୂର୍ବରୁ ବଲାଙ୍ଗିର ମଙ୍ଗଳ ହେଲଥ କେୟାର ନାମକ ଏକ ଘରୋଇ ଡାକ୍ତରଖାନା ବିରୋଧରେ ଅଭିଯୋଗ ହୋଇଥିଲା। ତେବେ ଏହା ପୂର୍ବରୁ ପାଟଣାଗଡ଼ରେ ଥିବା ଏକ ଘରୋଇ କ୍ଲିନିକରେ ଡାକ୍ତରଙ୍କ ଭୁଲ ଚିକିତ୍ସା ଯୋଗୁଁ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ଯାହାକୁ ନେଇ ତାଙ୍କ ପରିବାର ଲୋକ ଥାନାରେ ଅଭିଯୋଗ କରିଥିବାବେଳେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇଥିଲେ। କିନ୍ତୁ ଘଟଣାର ଦୁଇ ମାସ ପରେ ବି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଯାହାକି ବଲାଙ୍ଗିରରେ ଘରୋଇ ଡାକ୍ତରଖାନା କେତେ ସୁରକ୍ଷିତ ଅଛନ୍ତି ତାକୁ ସ୍ପଷ୍ଟ କରିଛି।

ଅଭିଯୋଗ ଅନୁସାରେ ଏପ୍ରିଲ ୨୪ରେ ପାଟଣାଗଡ଼ ମେହେରପଡ଼ା ରାଜୀବ ମେହେରଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କ ଭାଇ ପ୍ରେମାନନ୍ଦ ମେହେରଙ୍କ ସହ ଡାକ୍ତରଙ୍କ ପାଖକୁ ଯାଇଥିଲେ। ପାଟଣାଗଡ଼ କଲେଜ ଛକ ନିକଟରେ ଥିବା

**ମଙ୍ଗଲ ହେଲ୍‌ଥ କେୟାର ପୂର୍ବରୁ ପାଟଣାଗଡ଼ର ସତ୍ୟପଲି କ୍ଲିନିକ**

**ଏପ୍ରିଲ ମାସରେ ଚିକିତ୍ସା ଅବହେଳା ଯୋଗୁଁ ଯାଇଥିଲା ଜୀବନ**

**ପୁଲିସ ଓ ମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ପରିବାର**

ସତ୍ୟପଲି କ୍ଲିନିକ୍‌କୁ ନେଇଥିଲେ। ସେଠାରେ ଡାକ୍ତର ସ୍ୱାସ୍ଥ୍ୟପରୀକ୍ଷା କରିବାପରେ ରିପୋର୍ଟ ଦେବାସହ ତାଙ୍କୁ ସାଲାଇନ୍ ଦେଇଥିଲେ। ପରେ ରିପୋର୍ଟ ଦେଖି ତାଙ୍କୁ ସାମାନ୍ୟ ଟାଇଫଏଡ ବାହାରିଥିବା କହିଥିଲେ ଓ ସାଲଇନ ଭେନଫ୍ଲାମ ଖୋଲି ଏକ ଇଞ୍ଜେକ୍ସନ ଦେଇଥିଲେ। ଉକ୍ତ ଇଞ୍ଜେକସନ ଦେବାର କିଛି ମିନିଟ ପରେ ହିଁ ରାଜୀବ ବାନ୍ତି କରିବା ସହ ତାଙ୍କ ଗୋଡ଼ହାତ ବସିଯାଇଥିଲା। ସେ ଆଉ କାହା ଡାକ ଶୁଣି ନ ଥିଲେ। ଫଳରେ ଡାକ୍ତର ଜଣକ ତାଙ୍କୁ ସରକାରୀ ମେଡିକାଲକୁ ଇସିଜି ଟେଷ୍ଟ କରିବା ପାଇଁ ନେବାକୁ କହିଥିଲେ। ଏକ ଗାଡିରେ ରାଜୀବଙ୍କୁ ପରିବାର ଲୋକେ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଇସିଜି ପରୀକ୍ଷା କରାଯାଇଥିବା ବେଳେ କିଛି ବାହାରିନଥିଲା ଓ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ରାଜୀବଙ୍କ ମୃତ୍ୟୁ ପରେ ଘଟଣାକୁ ନେଇ ପରିବାର ଲୋକ ଅସନ୍ତୋଷ ପ୍ରକାଶ କରିଥିଲେ। ଏପରିକି ଚିକିତ୍ସା କରିଥିବା ଘରୋଇ କ୍ଲିନିକର ଡାକ୍ତର ରାଜୀବଙ୍କ ମେଡିକାଲ ପେସକ୍ରିପସନ ନିଜେ ରଖିଥିଲେ। ପରେ ମାଗିବାରୁ ସେଥିରେ ତଞ୍ଚକତା କରିଥିବା ଦେଖିବାକୁ ମିଳିଥିଲା। ଏନେଇ ପ୍ରେମାନନ୍ଦ ମେହେର ଗତ ଏପ୍ରିଲ ୨୮ ତାରିଖରେ ଲିଖିତ ଭାବେ ପାଟଣାଗଡ଼ ଥାନାରେ ଜଣାଇବା ସହ ଡାକ୍ତର ଓ କ୍ଲିନିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। କିନ୍ତୁ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ତେବେ କାହିଁକି ମାମଲା ରୁଜୁ ହୋଇନାହିଁ ତାହା ବଡ଼ ପ୍ରଶ୍ନ। ଥାନାର ଦ୍ୱାରସ୍ଥ ହେବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ମୃତ ରାଜୀବଙ୍କ ଭାଇ ଅଶୋକ ମେହେର ଓ ପ୍ରେମାନନ୍ଦ ମେହେର ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ନା ଡାକ୍ତରଙ୍କ ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇଛି ନା ଘରୋଇ କ୍ଲିନିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏନେଇ ଥାନା ଅଧିକାରୀଙ୍କୁ ପଚାରିବାରୁ ମାମଲା ହୋଇନାହିଁ କିନ୍ତୁ ଏକ ତଦନ୍ତ ରିପୋର୍ଟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦିଆଯାଇଥିବା କହିଛନ୍ତି। ସେହିପରି କିଛିଦିନ ପୂର୍ବରୁ ବଲାଙ୍ଗିର ମଙ୍ଗଲ୍ ହେଲଥ କେୟାର ଘଟଣାରେ ମଧ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ହାତ ବାନ୍ଧି ବସିରହିଛି। ପୂର୍ବରୁ ସାମ୍ନାକୁ ଆସିଥିବା ଘଟଣାରେ ମଧ୍ୟ ସମାନ ଭାବେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା।

**ଅସୁରକ୍ଷିତ ସରକାରୀ କାର୍ଯ୍ୟାଳୟ**

# ପୁଇଁନ୍ତଲା ତହସିଲ କର୍ମଚାରୀଙ୍କୁ ଆକ୍ରମଣ; ୨ ଗିରଫ



**ଦୁଇ କର୍ମଚାରୀଙ୍କୁ ନିଶାସକ୍ତ ଯୁବକଙ୍କ ଦୁର୍ବ୍ୟବହାର**

**ବଲାଙ୍ଗିର, ୨।୭ (ସମିସ):** ଭୁବନେଶ୍ୱର ବିଏମ୍‌ସି କାର୍ଯ୍ୟାଳୟର ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ଆକ୍ରମଣ ଘଟଣା ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଥିବାବେଳେ ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ତହସିଲ କାର୍ଯ୍ୟାଳୟରେ ପୁଣି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ନିଶାସକ୍ତ ଅବସ୍ଥାରେ ଦୁଇ ଯୁବକ କାର୍ଯ୍ୟାଳୟ ଭିତରେ ପଶି ଦୁଇ ରାଜସ୍ୱ ସହାୟକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ସହ ହତ୍ୟା ଧମକ ଦେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ସରକାରୀ କାର୍ଯ୍ୟାଳୟ ଭିତରେ ପଶି କର୍ମଚାରୀମାନଙ୍କୁ ଏହିଭଳି ଆକ୍ରମଣ କରିବା, ଧମକ ଦେବା ଘଟଣାକୁ ନେଇ କର୍ମଚାରୀମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହି ଘଟଣାରେ ପୁଲିସ ସମ୍ପୃକ୍ତ ଦୁଇ ଯୁବକଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

ସୂଚନା ଅନୁସାରେ ମଙ୍ଗଳବାର ପୁଇଁନ୍ତଲା ଥାନା ଅଧୀନ କାଲିଭନା ଗାଁର ସୁବାସ ଚନ୍ଦ୍ର ଭଞ୍ଜ ଓ ପୀପିର୍ଡା ଗାଁର ପ୍ରେମରାଜ ବାଗ ନିଶାସକ୍ତ ଅବସ୍ଥାରେ ପୁଇଁନ୍ତଲା ତହସିଲ କାର୍ଯ୍ୟାଳୟକୁ ଆସିଥିଲେ। କୌଣସି ଏକ କାମକୁ ନେଇ ସେହି ବିଭାଗର ରାଜସ୍ୱ ସହାୟକଙ୍କୁ ଗାଳିଗୁଲଜ କରିଥିଲେ। ଉକ୍ତ ବିଭାଗର ନୟନ ସା ଓ ମହିଳା ରାଜସ୍ୱ ନୀରିକ୍ଷକ ସୁଜୟା ସାଙ୍କୁ ଗାଳି କରିଥିଲେ। ନୟନଙ୍କ ସାର୍ଟର କଲର ଭିଡି ତାଙ୍କୁ ଆକ୍ରମଣ କରିବା ସହ ହତ୍ୟା ଧମକ ଦେଇଥିଲେ। ଏହାକୁ ବିରୋଧ କରିବାରୁ ମହିଳା କର୍ମଚାରୀଙ୍କ ମୋବାଇଲ ଛଡାଇ ନେଇଥିଲେ। ଏନେଇ ଉକ୍ତ ଦୁଇ ସରକାରୀ କର୍ମଚାରୀ ପୁଇଁନ୍ତଲା ଥାନାରେ ଲିଖୀତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ରାତିରେ ଉକ୍ତ ଦୁଇ ଯୁବକଙ୍କୁ ପୁଲିସ ଅଟକ ରଖିଥିବାବେଳେ ବୁଧବାର ସେମାନଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ତେବେ କାର୍ଯ୍ୟାଳୟ ଭିତରେ ପଶି ନିଶାସକ୍ତ ଯୁବକଙ୍କ ଏହିଭଳି କାର୍ଯ୍ୟକଳାପକୁ କର୍ମଚାରୀମାନେ ନିନ୍ଦା କରିଛନ୍ତି।

# ରେଳ ଉପଭୋକ୍ତା ସଂଘର ସାଧାରଣ ବୈଠକ

**ବଲାଙ୍ଗିର, ୨।୭ (ସମିସ):** ସ୍ଥାନୀୟ ତେଲିଗୋଠପଡ଼ାସ୍ଥିତ ପୂର୍ଣ୍ଣଚନ୍ଦ୍ର ରଥ ପାଠାଗାରରେ ରେଳ ଉପଭୋକ୍ତା ସଂଘର ଏକ ସାଧାରଣ ବୈଠକ ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ସମ୍ପାଦକ ବିମଳ ଚକ୍ରବର୍ତ୍ତି ଗତ




କାର୍ଯ୍ୟକାରିଣୀ ବୈଠକର ବିବରଣୀ ପାଠ କରିଥିଲେ ଏବଂ କୋଷାଧ୍ୟକ୍ଷ ଅଶୋକ ଚାନ୍ଦ ଆୟ ବ୍ୟୟର ହିସାବ ରଖିଥିଲେ। ଆଲୋଚନାରେ ଗୋପବନ୍ଧୁ ପୁରୋହିତ, ହରେକୃଷ୍ଣ ଷଡ଼ଙ୍ଗୀ, ରିତରାଜ ସିଂ, ଦିବାକର ହୋତା, ହରେକୃଷ୍ଣ ତ୍ରିପାଠୀ, ରାମକୃଷ୍ଣ ସାଏ, ମନୋରଞ୍ଜନ ପୁରୋହିତ, ପ୍ରଭାକର ମିଶ୍ର ପ୍ରମୁଖ ଲିଫ୍ଟ କାମକୁ ତ୍ୱରାନ୍ୱିତ କରିବା, ଦିଲ୍ଲୀ ବା ପ୍ରୟାଗରାଜକୁ ଏକ ସିଧାସଳଖ ଟ୍ରେନ୍ ଚଳାଇବା, ଭୁବନେଶ୍ୱରକୁ ଏକ ସକାଳୁଆ ଟ୍ରେଇ ଯାଇ ଫେରି ଆସିବା, ୱାଲଟୟରକୁ ଏକଟ୍ରେନ ଚଳାଇବା, ୪ ନଂ. ଏବଂ ୫ ନଂ. ପ୍ଲାଟଫର୍ମ ତିଆରି କରି କାର୍ଯ୍ୟକ୍ଷମ କରିବା ଏବଂ ବିଶେଷ କରି ପିଆଇଟି ଲାଇନକୁ ଜରୁରୀକାଳିନଭିତ୍ତିରେ ତିଆରି କରିବା ଦାବିରେ ଗୁରୁତ୍ୱାରୋପ କରିଥିଲେ। ବଲାଙ୍ଗିର-ଖୋର୍ଦ୍ଧା ଲାଇନରେ ବୌଦ୍ଧ ପର୍ଯ୍ୟନ୍ତ ଟ୍ରେନ ଚଳାଚଳ କରିଥିବାରୁ ସଭାପତି ଶ୍ରୀ ମିଶ୍ର ତାଙ୍କ ଅଭିଭାଷଣରେ ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ ଏବଂ ସ୍ଥାନୀୟ ଏମ୍‌ପିମାନଙ୍କୁ ଧନ୍ୟବାଦ ଦେଇଥିଲେ। ସେଥିପାଇଁ ବଲାଙ୍ଗିର ଆଗାମୀ ଦିନରେ ଏକ ବଡ ଜଙ୍କସନ ହେବାକୁ ଯାଉଛି ତ ଏଠାରେ ପିଆଇଟି ଲାଇନ ଅତ୍ୟନ୍ତ ଜରୁରି ବୋଲି ପ୍ରକାଶ କରିଥିଲେ। ଉକ୍ତ ସଭାରେ ଦ୍ୱାରିକା ପଣ୍ଡା, ବିଶ୍ୱନାଥ ତ୍ରିପାଠୀ, ଶିବ ନାରାୟଣ ରଥ, ଉପ-ସଭାପତି ଅନନ୍ଦ ବିଶୋଇ, ମୋତିଲାଲ ସାହୁ, ପର୍ଶୁରାମ ନାୟକ, ବିନୟ ମିଶ୍ର, ସିଦ୍ଧେଶ୍ୱର ପାଣିଗ୍ରାହୀ, ଓମ୍ ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସହ-ସମ୍ପାଦକ ହିତେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ବିଏମ୍‌ସି ଡେପୁଟି କମିଶନରଙ୍କୁ ଆକ୍ରମଣର ପ୍ରତିବାଦ**

# ବଲାଙ୍ଗିର ଜିଲ୍ଲାରେ ସମୂହ ଛୁଟିରେ ଗଲେ ଓଏଏସ ଅଧିକାରୀ

**ବଲାଙ୍ଗିର, ୨।୭ (ସମିସ):** ଭୁବନେଶ୍ୱର ବିଏମ୍‌ସି ଡେପୁଟି କମିଶନର ରତ୍ନାକର ସାହୁଙ୍କୁ ମାଡ଼ ଘଟଣାରେ ରାଜ୍ୟବ୍ୟାପୀ ଓଏଏସ ଓ ଓଆରଏସ ସଂଘ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଛି। ବାରମ୍ବାର କାର୍ଯ୍ୟରତ ଅଧିକାରୀଙ୍କ ବିରୋଧରେ ରାଜନୈତିକ ବ୍ୟକ୍ତିବିଶେଷ ଆକ୍ରମଣ କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବାରୁ ସରକାରୀ କାର୍ଯ୍ୟାଳୟରେ ଭୟର ବାତାବରଣ ରହିଛି। ଏହିକ୍ରମରେ ମଙ୍ଗଳବାର ବଲାଙ୍ଗିର ଜିଲ୍ଲା ଓଏଏସ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଥିବାବେଳେ ବୁଧବାର ଠାରୁ ଜିଲ୍ଲାର ସମସ୍ତ ଓଏଏସ୍ ଓ ଓଆରଏସ୍ ଅଧିକାରୀମାନେ ସମୂହ ଛୁଟିରେ ଯାଇଥିବା ଜଣାପଡ଼ିଛି। ଏନେଇ ଜିଲ୍ଲା ଓଏଏସ୍ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ସମସ୍ତ ଓଏଏସ୍ ଅଧିକାରୀ ଛୁଟିରେ ଯିବାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ତହସିଲ, ବ୍ଲକ କାର୍ଯ୍ୟାଳୟ ସମସ୍ତ ଅଧିକାରୀଙ୍କ କାର୍ଯ୍ୟାଳୟ ଠପ୍ ହୋଇପଡ଼ିଛି। ଅଧିକାରୀମାନେ ଛୁଟିରେ ଯାଇଥିବାରୁ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ତେବେ ବିଏମ୍‌ସି କାର୍ଯ୍ୟାଳୟର ଘଟଣା କେବଳ ଜଣେ ଅଧିକାରୀ ନୁହଁ ରାଜ୍ୟରେ କାର୍ଯ୍ୟରତ ଥିବା ସମସ୍ତ ଅଧିକାରୀଙ୍କ ଉପରେ ଆକ୍ରମଣ କରାଯାଇଛି। ଦୋଷୀମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନଯିବା ପର୍ଯ୍ୟନ୍ତ ଅଧିକାରୀମାନେ ସମୂହ ଛୁଟିରେ ରହିବେ ବୋଲି ବଲାଙ୍ଗିର ଜିଲ୍ଲା ଓଏଏସ୍ ସଂଘ ସଭାପତି ପବିତ୍ର ବେହେରା ଲିଖିତ ମାଧ୍ୟମରେ ସୂଚନା ପ୍ରଦାନ କରିଛନ୍ତି।

# ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରୀ କମିଟି ବୈଠକ

**ବଲାଙ୍ଗିର, ୨।୭ (ସମିସ):** ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରୀ କମିଟି ବୈଠକ ସ୍ଥାନୀୟ ଜେ.ଏସ୍.ଏମ୍ କଲେଜ ଠାରେ ଅନୁଷ୍ଠିତ ହୋଇଥିଲା। ସଭାପତି ପ୍ରଭାକର ମିଶ୍ର ଅଧ୍ୟକ୍ଷତା କରିଥିଲେ। ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ପୂର୍ବତନ ସାଧାରଣ ତଥା ଉପ-ସଭାପତି ଅଶୋକ ଚାନ୍ଦ। ଗୃହରେ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ ସାଧାରଣ ସମ୍ପାଦକ କପିଳେଶ୍ୱର ଖମାରୀ। ସର୍ବ ସମ୍ମତିକ୍ରମେ ଆଗାମୀ ଦିନରେ ଏକଘର କିମ୍ବା ଶାଖା ଯୋଗାଇ ଦେବାକୁ ସ୍ଥାନୀୟ ବିଧାୟକ ତଥା ନଗରପାଳଙ୍କୁ ଅନୁରୋଧ କରାଯିବ। ଉପଦେଷ୍ଟା ପଦ୍ମଚରଣ ଆଚାର୍ଯ୍ୟ, ଧନଞ୍ଜୟ ମିଶ୍ର, ଦୁର୍ଗାପ୍ରସାଦ ହୋତା ଓ ଏଡ୍‌ଭୋକେଟ ଅଶୋକ କୁମାର ମିଶ୍ର, ଉପ-ସଭାପତି ହରେକୃଷ୍ଣ ମେହେର ଓ ଅଶୋକ ଚାନ୍ଦ। ଯୁଗ୍ମ ସମ୍ପାଦକ ଗୌର ଚନ୍ଦ୍ର ପୁରୋହିତ ଓ ପୂର୍ଣ୍ଣଚନ୍ଦ୍ର ମେହେର, ସଂଗଠନ ସମ୍ପାଦକ ବିନୟ କୁମାର ମିଶ୍ର, କୋଷାଧ୍ୟକ୍ଷ ଚୁଡେନ୍ଦ୍ର କୁମାର ବେହେରା, କାର୍ଯ୍ୟକାରୀ ସଭ୍ୟ ବିପିନ ବିହାରୀ ପୁରୋହିତ, ପ୍ରମୋଦ କୁମାର ମିଶ୍ର, ଦୟାସାଗର ପଟେଲ, ନବୀନ କୁମାର ନନ୍ଦ, ପ୍ରମୋଦ




କୁମାର ଗୁରୁ ଓ ସୁରେନ୍ଦ୍ର ନେଗୀ, ଗୋଷ୍ଠୀ ସଂଗଠକ ପ୍ରଦ୍ୟୁମ୍ନ ଗଡ଼ତ୍ୟା, ମଥାମଣି ପଣ୍ଡା, ପ୍ରଦୀପ ଶତପଥୀ, ଗଣେଶ ଚନ୍ଦ୍ର ପାଢ଼ୀ, ବ୍ରଜକିଶୋର ପଣ୍ଡା, ତ୍ରିଲୋଚନ ଦାସ, କୃଷ୍ଣଚନ୍ଦ୍ର ନାଥ ଓ ବିଜୟ କୁମାର ବାଗ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ସାଧାରଣ ସମ୍ପାଦକ ସୁନୀଲ ଚନ୍ଦ୍ର ବିସ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ମାରୱାଡି ଯୁବାମଞ୍ଚ ଦ୍ୱାରା 'ପରିବାର ଉତ୍ସବ' କର୍ମଶାଳା



**କଣ୍ଟାବାଞ୍ଜି, ୨।୭ (ସମିସ):** ପରିବାରରେ ହ୍ରାସ ପାଉଥିବା ସମ୍ପର୍କର ଗୁରୁତ୍ୱକୁ ବଜାୟ ରଖିବା ପାଇଁ ମାରୱାଡି ଯୁବ ମଞ୍ଚ ଏବଂ ପ୍ରଗତି ଶାଖା କଣ୍ଟାବାଞ୍ଜି ସ୍ଥାନୀୟ ଓମକାରମାଲ ଭବନରେ ଏକ ପରିବାର ଉତ୍ସବ କର୍ମଶାଳା ଆୟୋଜନ କରିଥିଲେ। ସୁଦୂର ଗୁଜୁରାଟର ସୁରଟରୁ ପ୍ରଶିକ୍ଷକ ଭାବରେ ଆସିଥିବା ମନିଷ ବାଘେସିଆ ପରିବାରର ଗୁରୁତ୍ୱ ବୁଝାଇଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଏକ ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବରେ ଅଖିଳ ଭାରତୀୟ ମାରୱାଡି ଯୁବ ମଞ୍ଚର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅମର ସୁଲତାନିଆ ଏବଂ ସମ୍ମାନିତ ଅତିଥି ଭାବରେ ଜୋରାୱାର ନିର୍ଦ୍ଦେଶକ ସତବୀର ଜି ଭାଟିଆ, ଅଗ୍ରୱାଲ ସଭା ଟ୍ରଷ୍ଟ ସଭାପତି କୈଳାସ ଅଗ୍ରୱାଲ, ପ୍ରଣବ ଖଣ୍ଡେଲୱାଲ, ମଞ୍ଚପ୍ରାନ୍ତୀୟ ଉପାଧ୍ୟକ୍ଷ ପୁପକାନ୍ତ ଗୋୟଲ କାର୍ଯ୍ୟକ୍ରମ ସଂଯୋଜକ ଧିରାଜ ଅଗ୍ରୱାଲ ସହ ଶାଖା ଅଧ୍ୟକ୍ଷ ମନୀଷ ଅଗ୍ରୱାଲ, ସମ୍ପାଦକ ଗୋପାଲ ଅଗ୍ରୱାଲ, ପ୍ରଗତି ଶାଖା ଅଧ୍ୟକ୍ଷା ରୁଚି ଖଣ୍ଡଲବାଲ, ସମ୍ପାଦିକା ପୂଜା ଅଗ୍ରୱାଲ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ମନୀଷ ବାଘେସିଆ ପରିବାରର ଗୁରୁତ୍ୱର ସୂକ୍ଷ୍ମ ବିଶ୍ଳେଷଣ କରିଥିଲେ ଯାହାଦ୍ୱାରା ପରିବାରକୁ ସୁଦୃଢ଼ କରାଯାଇପାରିବ ଏବଂ ପାରିବାରିକ ମୂଲ୍ୟବୋଧ ବୃଦ୍ଧି କରାଯାଇପାରିବ। ଅଧ୍ୟକ୍ଷ ମନୀଷ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଅରୁନ୍ଧତୀ ଜୁଏଲର୍ସ ବଲାଙ୍ଗିର ଶାଖାର ୨୫ତମ ଜନ୍ମବାର୍ଷିକୀ

**ଭୁବନେଶ୍ୱର, ୨।୭ (ସମିସ):** ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଏହାର ସର୍ବପ୍ରଥମ ଓ ସର୍ବପୁରାତନ ବଲାଙ୍ଗୀର ଶାଖାର ୨୫ ତମ ଜନ୍ମବାର୍ଷିକୀ ବୁଧବାର ପାଳିତ ହୋଇଯାଇଛି। ବଲାଙ୍ଗୀର ମାଟିରୁ ମା ସମଲେଶ୍ୱରୀ ଦେବୀଙ୍କ କୃପାରୁ ଆରମ୍ଭ ହୋଇଥିବା ଅରୁନ୍ଧତୀ ଜୁଏଲର୍ସ ଦୀର୍ଘ ୨୫ ବର୍ଷ ଧରି ନିଜ ଆତ୍ମୀୟତା ଭରା ସେବା ମନୋଭାବ, ସୁନାଗହଣା ଓ ହୀରାମାନରେ ଶୁଦ୍ଧତା, ପ୍ରତ୍ୟେକ ବ୍ୟବସାୟିକ ପଦକ୍ଷେପରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରି ଏବେ ଓଡ଼ିଶାର ୧୧ ଟି ପ୍ରମୁଖ ସହରରେ ସେବା ଯୋଗାଇ ଦେବା ପାଇଁ ପ୍ରସ୍ତୁତ ହୋଇପାରିଛି। ଅବସରରେ ଅରୁନ୍ଧତୀ ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ପ୍ରକାଶ କରିଛନ୍ତି ଯେ, ବଲାଙ୍ଗୀର ବାସୀଙ୍କ ସ୍ନେହ, ଶ୍ରଦ୍ଧା ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଗକୁ ବଢିଥିବା ଅରୁନ୍ଧତୀ ଆଜି ଓଡ଼ିଶାର ଘରେ ଘରେ ଆଦୃତ ହୋଇପାରିଛି। ଏଥିନିମନ୍ତେ ବଲାଙ୍ଗୀରବାସୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଅର୍ପଣ କରିବା ସହ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଜନ୍ମବାର୍ଷିକୀ ସ୍ୱତନ୍ତ୍ର ଅଫର ମଧ୍ୟ ଘୋଷଣା କରାଯାଇଛି। ଏହି ଅଫର ମାଧ୍ୟମରେ ସୁନା ଓ ରୂପା ଗହଣାର ଗଢ଼ାମଜୁରୀ ଉପରେ ୫୦% ରିଆତି, ହୀରା ଗହଣାର ହିରାମୂଲ୍ୟ ଉପରେ ଫ୍ଲାଟ ୨୫% ରିଆତି ପ୍ରଦାନ କରାଯାଉଛି, ଯାହା ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ କେବଳ ବଲାଙ୍ଗୀରର ଅରୁନ୍ଧତୀ ଶାଖାରେ ଉପଲବ୍ଧ ରହିବ। ଆଗାମୀ ଦିନରେ ମଧ୍ୟ ଗ୍ରାହକ ବନ୍ଧୁଙ୍କ ନିଷ୍ଠାପର ସେବା ଜାରି ରହିବା ସହ ଭିଟାମାଟି ବଲାଙ୍ଗୀର ପାଇଁ ଅନେକ ସମ୍ମାନ ଓ ଗୌରବ ଆଣିବା ଅରୁନ୍ଧତୀର ପ୍ରଥମ ପ୍ରାଥମିକତା ବୋଲି ଏହି ଅବସରରେ କୁହାଯାଇଛି।



# ଛତୁଖାଇ ଗୋଟିଏ ପରିବାରର ୩ ଗୁରୁତର

**କଣ୍ଟାବାଞ୍ଜି, ୨।୭ (ସମିସ):** ଛତୁ ଖାଇ ଗୋଟିଏ ପରିବାରର ୩ ଜଣ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି। ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ସାହାଜପାଣି ଗାଁ ର ପ୍ରଭୁଲା ଛୁରା ଓ ତାଙ୍କ ସ୍ତ୍ରୀ, ପୁଅ ବୁଧବାର ରାତିରେ ଛତୁ ଖାଇବା ପରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନରେ ଭର୍ତ୍ତି ହୋଇଛନ୍ତି। ବର୍ଷାଦିନରେ ଗାଁ ଅଞ୍ଚଳରେ ଛତୁ ଫୁଟୁଥିବାବେଳେ ଘରେ ପାଖରେ ପୁଆଲ ଛତୁ ହୋଇଥିବାବେଳେ ପ୍ରଭୁଲାଲଙ୍କ ପରିବାର ବୁଧବାର ରାତିରେ ରୋଷେଇ କରି ଖାଇଥିଲେ। ଖାଇବାର କିଛି ସମୟ ପରେ ସେମାନେ ଝାଡ଼ାବାନ୍ତି କରିବାରୁ ପରିବାର ଅନ୍ୟ ସଦସ୍ୟମାନେ ତାଙ୍କୁ ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଆଣିଥିଲେ। ବର୍ତ୍ତମାନ କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାରେ ସେମାନେ ଭର୍ତ୍ତି ରହିଛନ୍ତି।

# ରକ୍ତଦାନ ଶିବିର; ୫୩ ୟୁନିଟ୍ ସଂଗ୍ରହ



**ବଲାଙ୍ଗିର, ୨।୭ (ସମିସ):** ନୂତନ ରୋଟାରୀ ବର୍ଷ ଆରମ୍ଭ ଅବସରରେ ମଙ୍ଗଳବାର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ପ୍ରୋଜେକ୍ଟ ଚେୟାରମ୍ୟାନ ରାଜକୁମାର ମୋଦିଙ୍କ ଅଧ୍ୟକ୍ଷତାରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ରକ୍ତଦାନ ଶିବିରରେ ୫୩ଜଣ ରକ୍ତ ଦାନ କରିଥିଲେ। ମୁଖ୍ୟଅତିଥି ଭାବରେ ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ କ୍ଲବର ପ୍ରତିଷ୍ଠାତା ବିଷ୍ଣୁ ପ୍ରସାଦ କେଡ଼ିଆ ଏବଂ ଗାୟତ୍ରୀ ମନ୍ଦିରର ସମ୍ପାଦକ ଡ. ସୁରେଶ ଷଡ଼ଙ୍ଗୀ ଯୋଗ ଦେଇଥିଲେ। କ୍ଲବ୍‌ର ନୂତନ ସଭାପତି ଶୈଳେଶ ଅଗ୍ରୱାଲ, ରାଜନାରାୟଣ ଅଗ୍ରୱାଲ, କୋଷାଧ୍ୟକ୍ଷ ରାଜେଶ କୁମାର ଅଗ୍ରୱାଲ ଓ ସଞ୍ଜୟ ଅଗ୍ରୱାଲ ଏହି ଶିବିର ଆୟୋଜନରେ ନେତୃତ୍ୱ ନେଇଥିଲେ। ରୋଟାରିଆନ ରାଜୀବ ହୋତା, ଭଜନ ଅଗ୍ରୱାଲ, ଦିନେଶ ଅଗ୍ରୱାଲ, କହ୍ନେୟା ଅଗ୍ରୱାଲ, କମଳ ଅଗ୍ରୱାଲ, ରାଜେଶ ମଲନ, ହରିବନ୍ଧୁ ନାୟକ, ରାଜେଶ ଜୈନ, ମନୋଜ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

# ସିନିୟର ନକଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ପଞ୍ଚମ ଦିନ

**ବଲାଙ୍ଗିର, ୨।୭ (ସମିସ)**

ବଲାଙ୍ଗିର ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଆଜି ୮ ଗୋଟି ପଡ଼ିଆରେ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଟାଉନ୍ ହାଇସ୍କୁଲ ପଡ଼ିଆରେ ଜେକେୱାଇଏସ୍ କାଲସାଏପାଲି ୫-୧ ଗୋଲରେ ଭିକ୍ଟୋରିୟସ କ୍ଲବ୍‌କୁ ହରାଇଛି। ଅତିଥିଭାବେ ପୂର୍ବତନ ବଲାଙ୍ଗିର ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ ଓ ପୂର୍ବତନ ଖେଳାଳି ଶ୍ରୀକାନ୍ତ ରାଉତ ଯୋଗ ଦେଇଥିଲେ। ସଂସଦର ଯୁଗ୍ମ ସମ୍ପାଦକ ଶତ୍ରୁଘନ ସିଂ, ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର, କାଉନସିଲ ସଭ୍ୟ ପ୍ରଭାତ କୁମାର ମିଶ୍ର, କ୍ରୀଡ଼ା ସମ୍ପାଦକ ବିଭୁତିଭୂଷଣ ପଣ୍ଡା ଓ ଟୁର୍ଣ୍ଣାମେଣ୍ଟ କମିଟି ଅଧ୍ୟକ୍ଷ ହେମନ୍ତ କୁମାର ବେହେରା ମଞ୍ଚାସିନ ଥିଲେ। ଖେଳକୁ ଦେବାଶିଷ ବାଗ, ଜିତେନ୍ଦ୍ର ପାତ୍ର, ତ୍ରିନାଥ ଚନ୍ଦନ ଓ ଜିତୁ ଦଲାଇ ପରିଚାଳନା କରିଥିଲେ। ପଲ୍ଲିଶ୍ରୀ ଷ୍ଟାଡିୟମ ସଦାଇପାଲି ଠାରେ ସରଗାଡ ଟ୍ରାଇବ୍ରେକର ସଡନ ଡେଥରେ କୁଶଙ୍ଗକୁ ହରାଇଛି। ମୁଖ୍ୟ ଅତିଥି ଭାବେ ଫୁଟବଲ ଆସୋସିଏସନ ଓଡ଼ିଶା ତଥା ଜିଲ୍ଲା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଯୋଗ ଦେଇଥିଲେ। ଆଦିତ୍ୟ ପଟ୍ଟନାୟକ ଓ ସୁନୀଲ ଚନ୍ଦ୍ର ବିଶ୍ୱାଲ ଉପସ୍ଥିତ ଥିଲେ। ବିକି ବିଶି, ସୁଧାଂଶୁ ସେଠ, ଉମେଶ ଭୋଇ ଓ ସଞ୍ଜୀବ ମହାରଣା ପରିଚାଳନା କରିଥିଲେ। ଚୁଡାପାଲି ପଡ଼ିଆରେ ଡଙ୍ଗାଘାଟ ଟ୍ରାଇବ୍ରେକର ୩-୨ ଗୋଲରେ ଲରମ୍ଭାକୁ ହରାଇ ବିଜୟୀ ହେଲା। ପୂର୍ବତନ ଖେଳାଳି ନରେଶ



ଅଗ୍ରୱାଲ ଓ ବୃନ୍ଦାବନ ଧରୁଆ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସଂସଦର ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ ମଞ୍ଚାସିନ ଥିଲେ। ପୁରୁଷୋତ୍ତମ ବୁଡେକ, ରାଜେନ୍ଦ୍ର ସେଠ, ମଣ୍ଟୁ ବେହେରା ଓ ବୈକୁଣ୍ଠ ଜେନା ପରିଚାଳନା କରିଥିଲେ। ଟିଟିଲାଗଡ଼ ସିଟି ସ୍କୁଲ ପଡ଼ିଆରେ ସିହିନି ୩-୦ ଗୋଲରେ ମଣିଗାଁ କୁ ହରାଇ ବିଜୟୀ ହେଲା। ଖେଳକୁ ମଳୟ ଘିଭେଲା, ରାଜେଶ ସ୍ୱାଇଁ, ପ୍ରୀତମ ନାଏକ, ମୋହନ ପ୍ରଧାନୀ ଓ ଧବଳେଶ୍ୱର ଦଳବେହେରା ପରିଚାଳନା କରିଥିଲେ। ୩ ତାରିଖ ରାଇଜିଂ ଷ୍ଟାର ଟିଟିଲାଗଡ଼ ବନାମ ଜୁରାବନ୍ଧ କେ.ସି. ୟୁ ମଧ୍ୟରେ ଖେଳ ହେବ। ଜରାସିଂହା ମିନି ଷ୍ଟାଡିୟମ ରେ ଜରାସିଂହା ୫-୦ ଗୋଲରେ ତୁଷୁରା କୁ ହରାଇ ବିଜୟୀ ହେଲା। ଅତିଥି ଭାବେ ପୂର୍ବତନ ଖେଳାଳି ରାମ ପରଧିଆ ଓ ବିଏନ୍‌ଏଏ ସମ୍ପାଦକ ରାଜ କିଶୋର ସେଠ ଯୋଗ ଦେଇଥିଲେ। ଖେଳକୁ କୁନ୍ତେ ମେହେର, ସତ୍ୟ ଦଣ୍ଡସେନା, ଡୋଳାମଣି ବର୍ଗର୍ତ୍ତି ଓ କୈଳାସ ଚନ୍ଦ୍ର କର୍ତ୍ତି ପରିଚାଳନା କରିଥିଲେ। ଲୋଇସିଂହା ମିନି ଷ୍ଟାଡିୟମରେ ଲୋଇସିଂହା ଏଏ ୧-୦ ଗୋଲରେ ଏଚ୍‌ଆରଡିଏ ଖଲିଆପାଲିକୁ ହରାଇ ବିଜୟୀ ହେଲା। ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଲୋଇସିଂହା ବ୍ଲକ ଅଧ୍ୟକ୍ଷ ଜିତେନ୍ଦ୍ର ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଦୀପ ବର୍ଗର୍ତ୍ତି, ଅଞ୍ଜନ ବେସ୍ରା, ରୋଶନ ମେହେର, ଗୋପାଳ ପ୍ରଧାନ ଓ ବିଜୟ ରଣା ପରିଚାଳନା କରିଥିଲେ। ବଙ୍ଗୋମୁଣ୍ଡା ପଡ଼ିଆରେ କୋଷ୍ଟାଲ ଇଲେଭେନ କଣ୍ଟାବାଞ୍ଜି ୩-୦ ଗୋଲରେ ବଡଗମଡାକୁ ହରାଇ ବିଜୟୀ ହେଲା। ଖେଳକୁ ଆଶୀର୍ବାଦ ସା, ଗୌରହରି ପୁଟେଲ, ଡିସାମ୍ବର ଭୋଇ, ଦୁଷ୍ମନ୍ତ ସାହୁ, ସୁନିଶ ପ୍ରଧାନୀ ଓ ଦୁଷ୍ମନ୍ତ ବେହେରା ପରିଚାଳନା କରିଥିଲେ। ଖୁଜେନପାଲି ପଡ଼ିଆରେ ରିସନ କାଲସାଏପାଲି ଟ୍ରାଇବ୍ରେକର ୫-୪ ଗୋଲରେ ଜେଏସ୍‌ସି ଖଲିଆପାଲିକୁ ହରାଇ ବିଜୟୀ ହେଲା। ଅତିଥି ଭାବେ ରାଜେନ୍ଦ୍ର କଲେଜ ଯୁକ୍ତ ଦୁଇ ଅଧ୍ୟକ୍ଷ ଆଲୋକ ମଙ୍ଗରାଜ ଓ ପୂର୍ବତନ ଖେଳାଳି ସୁବାସ ସ୍ୱାଇଁ ଯୋଗ ଦେଇଥିଲେ। ଖେଳକୁ ଶୁଶାନ୍ତ ନାଗ, ସୁଦର୍ଶନ ସେଠ, ରାଜକୁମାର ପାଣିଗ୍ରାହୀ ଓ ରାଜେନ୍ଦ୍ର ଧରୁଆ ପରିଚାଳନା କରିଥିଲେ।



# ପ୍ରଶାସନ ଶୁଣିଲାନି; ନିଜେ ରାସ୍ତା ମରାମତି କଲେ ଗ୍ରାମବାସୀ



**ନୂଆପଡ଼ା, ୨।୭(ସମିସ):** ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଫରସରା ପଞ୍ଚାୟତର ଏକ ଛୋଟ ଗାଁ ଭେରୁଆମାଲ। ଜନସଂଖ୍ୟା ପାଖାପାଖି ୪୫୦। ରୋକାଲ ଛକରୁ ଗାଁର ଦୂରତା ପ୍ରାୟ ୩ କିମି। ତେବେ ଏହି ଗାଁରେ ରାସ୍ତା ଅବସ୍ଥା ଶୋଚନୀୟ। ରାସ୍ତା ମରାମତି ପାଇଁ ଲୋକେ ଶାସନ ପ୍ରଶାସନକୁ ଜଣାଇଥିଲେ; ହେଲେ କେହି ଶୁଣି ନ ଥିଲେ। ନିରାଶ ହୋଇ ଶେଷକୁ ଗାଁ ଲୋକେ ନିଜେ ରାସ୍ତା ମରାମତି କରିଛନ୍ତି। ଗ୍ରାମବାସୀ ଏକଜୁଟ ହୋଇ ରାସ୍ତାକୁ ଓହ୍ଲାଇ ଥିଲେ। ହାତରେ କୁରାଢ଼ୀ, କୋଦାଳ ଧରି ନିକଟସ୍ଥ ଜାଗାରୁ ମାଟି ଓ ମୋରମ ସଂଗ୍ରହ କରି ଆଣି ରାସ୍ତାରେ ପକାଇଛନ୍ତି। ଦୁଇ ଦିନର ପରିଶ୍ରମ କରି ରାସ୍ତାକୁ କିଛିକାଂଶରେ ସୁଧାରିଛନ୍ତି। ବର୍ଷାଦିନ ହେତୁ ରାସ୍ତା କାଦୁଅରେ ପଚ ପଚ ହୋଇଛି। ବିଭିନ୍ନ ଜାଗାରେ ଖାଲଖମା ରହିଛି। ତେବେ ଏହି ମରାମତି ପରେ ରାସ୍ତାରେ କିଛିଟା ପରିବର୍ତ୍ତନ ଆସିଛି। ଗାଁର ନିର୍ମଳା ମାଝୀ, କ୍ଷୀର ମଣି ମାଝୀ, ତୁଲେ ମାଝୀ, ଟିକେ ରାମ ମାଝୀ ପ୍ରମୁଖ ଏହି ରାସ୍ତା ମାମତି କରିବାକୁ ସମସ୍ତଙ୍କୁ ଏକାଠି କରିଥିଲେ।

# ଖାଲଖମାରେ ଭର୍ତ୍ତି ଗତାବନ୍ଧ-ଧନସରା ରାସ୍ତା

**କୋକସରା, ୨।୭(ସମିସ)**



ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା କୋକସରା ବ୍ଲକର ଗତାବନ୍ଦ-ଧନସରା ରାସ୍ତା ଦୀର୍ଘ ବର୍ଷ ହେବ ମରାମତି ଅଭାବ କାରଣରୁ ଶୋଚନୀୟ ହୋଇପଡ଼ିଛି। ରାସ୍ତାରୁ ପିଚୁ ଉଠି ଯାଇ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଛି। ଲୋକେ ଯାତାୟାତ ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତିକି ଖାଲଖମା ଯୋଗୁଁ ଦୁର୍ଘଟଣାର ଶିକାର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ରାସ୍ତାଟି ଫୁପଗାଁ ସିର୍ଲିଗୁଡାଠାରୁ ଗତାବନ୍ଦ, ଧନସାରା, ତୁନଗାଁ, ଆଁଇଲି ଦେଇ ଲଡୁଗାଁକୁ ସଂଯୋଗ କରୁଛି। ତେବେ ଗତ କିଛି ମାସ ତଳେ ଫୁପଗାଁରୁ ଗତାବନ୍ଦ ପର୍ଯ୍ୟନ୍ତ ରାସ୍ତା ମରାମତି କରାଯାଇଛି; ହେଲେ ଗତାବନ୍ଦ ଗାଁ ଶେଷ ମୁଣ୍ଡରୁ ଧନସରା, ତୁନଗାଁ ଦେଇ ଆଁଇଲି ପର୍ଯ୍ୟନ୍ତ ପ୍ରାୟ ୪. କିମି ରାସ୍ତା ମରାମତି ଅଭାବ କାରଣରୁ ଶୋଚନୀୟ ହୋଇପଡ଼ିଛି। ଏବେ ବର୍ଷା ଦିନ ହୋଇ ଥିବାରୁ ରାସ୍ତାରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଖାଲ ପୋଖରୀର ଭ୍ରମ ସୃଷ୍ଟି କରୁଛି। ଖାଲ ଖମାରେ ପାଣି ଜମି ରହୁଥିବାରୁ ଲୋକେ ଯିବାଆସିବା କରିବା ସମୟରେ ଖସି ପଡୁଛନ୍ତି। ସାମାନ୍ୟ ଅସାବଧାନତା ହେଲେ ଦୁର୍ଘଟଣା ଘଟିବାର ମଧ୍ୟ ଆଶଙ୍କା ରହିଛି। ପ୍ରତିଦିନ ଏହି ରାସ୍ତା ଦେଇ ଲୋକେ ବ୍ୟବସାୟିକ ପେଣ୍ଠସ୍ଥଳ ଲଡୁଗାଁକୁ ବିଭିନ୍ନ କାର୍ଯ୍ୟ ପାଇଁ ଯିବା ଆସିବା କରୁଥିବାବେଳେ ଏହି ରାସ୍ତାରେ ଆଁଇଲି, ତୁନଗାଁ, ଧନସାରା ସମେତ ଆଖପାଖ ଅଞ୍ଚଳର ଲୋକେ କୋକସରା ବ୍ଲକ କାର୍ଯ୍ୟାଳୟ, ମେଡିକାଲ ସମେତ ବିଭିନ୍ନ କାର୍ଯ୍ୟାଳୟ ଓ ଛାତ୍ରଛାତ୍ରୀ ସ୍କୁଲ ଓ କଲେଜ ଯିବା ଆସିବା କରିବାରେ ନିର୍ଭର କରିଥାନ୍ତି। ତେବେ ଯାତାୟାତ ସମୟରେ ଅନେକ ହଟହଟା ହେଉଥିବା ଦେଖିବାକୁ ମିଳୁଛି। ତେଣୁ ଏହି ରାସ୍ତା ମରାମତି ଦିଗରେ ସମ୍ପୃକ୍ତ ବିଭାଗ ତୁରନ୍ତ ଦୃଷ୍ଟି ଦେବା ସହ ବର୍ଷା ଦିନ ଲାଗି ଯୁଦ୍ଧ କାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ କରିବା ନେଇ ଦାବି ହୋଇଛି। ଏନେଇ କୋକସରା ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ସୁରେଶ ବରିହାଙ୍କୁ ପଚାରିବାରୁ ଉକ୍ତ ରାସ୍ତା ମରାମତି ଦିଗରେ ଶୀଘ୍ର ପ୍ରସ୍ତାବ ଦିଆଯିବ ବୋଲି କହିଛନ୍ତି।

# ଅସରାଏ ବର୍ଷାରେ ଖଡ଼ିଆଳ ବସ୍‌ଷ୍ଟାଣ୍ଡ ରାସ୍ତା କାଦୁଅ ପଚ ପଚ



**ଖଡ଼ିଆଳ, ୨।୭(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହର ମଧ୍ୟ ଭାଗରେ ଏକ ମାତ୍ର ଆସ୍ଥାୟୀ ବସଷ୍ଟାଣ୍ଡ ରହିଛି। ଏହି ବସଷ୍ଟାଣ୍ଡରେ ପ୍ରତ୍ୟେକ ଦିନ ଶତାଧିକ ଯାତ୍ରୀବାହୀ ବସ୍ ଯିବା ଆସିବା କରିଥାଏ; ହେଲେ ବସଷ୍ଟାଣ୍ଡ ରାସ୍ତା ଅବସ୍ଥା କହିଲେ ଭଲ। ଅନେକ ସ୍ଥାନରେ ଅନେକ ଖାଲଢ଼ିପ ଥିବାବେଳେ ଅଳ୍ପ ବର୍ଷା ହେଲେ ମଧ୍ୟ କାଦୁଅ ଜମା ହୋଇ ରହିଥାଏ। ଏହା ଫଳରେ ଖଡ଼ିଆଳ ବସଷ୍ଟାଣ୍ଡକୁ ଆସୁଥିବା ଯାତ୍ରୀ ତଥା ବାଇକ୍ ଆରୋହୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିକଟରେ ଖଡ଼ିଆଳ ପବ୍ଲିକ ସ୍କୁଲ ଏବଂ ସବ୍ ଟ୍ରେଜେରୀ ଅଫିସ ରହିଥିବାରୁ ଏହି ରାସ୍ତା ଦେଇ ଛାତ୍ରଛାତ୍ରୀ ଓ ଲୋକେ ହଇରାଣ ହେଉଛନ୍ତି। ସ୍ଥାନୀୟ ପ୍ରଶାସନ ତଥା ଜିଲ୍ଲା ପ୍ରଶାସନ ଏଥିପ୍ରତି ଆଦୌ ଦୃଷ୍ଟି ଦେଉ ନାହିଁ ବୋଲି ଅଭିଯୋଗ କରି ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି।

# ସିନାପାଲି ସହରର ଅନେକ ଗଳି ଜଳାର୍ଣ୍ଣବ

**ସିନାପାଲି, ୨।୭ (ସମିସ):** ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଛି। ଏହାଫଳରେ ସିନାପାଲି ସହରର ଅନେକ ଗଳି ରାସ୍ତାରେ ବର୍ଷା ଜଳ ଲହଡ଼ି ଭାଙ୍ଗୁଛି। ଏଣୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୂଆପଡ଼ା ଜିଲ୍ଲା ସିନାପାଲି ସହର ଜଗନ୍ନାଥ ଛକ ନିକଟ ଗୋବର୍ଦ୍ଧନ ମେହେର ଗଳି ରାସ୍ତାରେ ବର୍ଷା ପାଣି ଜମି ରହୁଛି। ଖରାପ ରାସ୍ତାରେ ଆଣ୍ଠୁଏ ପାଣିରେ ଲୋକେ ଯିବାଆସିବା କରିବାକୁ ବାଧ ହେଉଛନ୍ତି। ଦୀର୍ଘ ବର୍ଷ ହେଲା ଏହି ସାହିର ଲୋକେ ଯାତାୟାତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କ୍ଷୀରଧର ମେହେରଙ୍କ ଘରଠୁ କେଜି ମେହେରଙ୍କ ଘର ପର୍ଯ୍ୟନ୍ତ ବର୍ଷା ପାଣି ଲହଡି ମାରୁଛି। ୨୦ଟି ପରିବାର ରହୁଥିବା ଏହି ପଡ଼ାରେ ଦୀର୍ଘ ବର୍ଷ ହେଲା ରାସ୍ତା ଖରାପ ହୋଇ ପଡ଼ିଛି। ରାସ୍ତାକାମ ନେଇ ପ୍ରଶାସନ ଏବଂ ନେତାଙ୍କୁ ବାରମ୍ବାର ଅଭିଯୋଗ କଲେ ବି କିଛି ସୁଫଳ ମିଳୁନାହିଁ। ପଡ଼ାର ସ୍କୁଲ ପିଲାଠୁ ସମସ୍ତେ ବହୁ କଷ୍ଟରେ ଯିବା ଆସିବା କରୁଛନ୍ତି। ବୃଦ୍ଧବୃଦ୍ଧା ଯାତାୟାତ କରିବା ବହୁ କଷ୍ଟକର ହୋଇ ପଡ଼ିଛି। ଭଙ୍ଗା ଦଦରା କଂକ୍ରିଟ ମାଟି ରାସ୍ତାରେ ବର୍ଷସାରା ଯାତାୟତ ଦୁର୍ଦ୍ଦଶା ଭୋଗୁଥିବା ବେଳେ ବର୍ଷା ମାସରେ ସମସ୍ୟା ଦୁଇ ଗୁଣ ହୋଇଯାଏ; ହେଲେ ଆଜି ଯାଏ ପ୍ରଶାସନର ନଜର ପଡ଼ିନି ଏବଂ ମେହେରପଡ଼ାବାସୀ ଅସୁବିଧା ଭୋଗୁଛନ୍ତି। ରାସ୍ତାରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷା ପାଣି ଘର ଭିତରକୁ ପଶୁଛି। ଅନେକ ସମୟରେ ଘରର ଆବାସପତ୍ର ଭିଜି ନଷ୍ଟ ହେଉଛି। ଜିଲ୍ଲା ପ୍ରଶାସନ ଦୃଷ୍ଟିଦେଇ ରାସ୍ତା ଅବସ୍ଥା ସୁଧାରିବା ସହ ଡ୍ରେନେଜ ବ୍ୟବସ୍ଥା କରିବାକୁ ସୁରେଶ ମେହେର, ଗୋବର୍ଦ୍ଧନ ମେହେର, ପ୍ରମୋଦ ମେହେର, ପ୍ରଦୀପ ମେହେର, ଭୂପେନ୍ଦ୍ର ମେହେର, ଦୟା ମେହେର, କୁନୁ ମେହେର ସୁଜନ ମେହେର, କୃତିବାସ ମେହେର, ପ୍ରକାଶ ମେହେର ପ୍ରମୁଖ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ଦୟନୀୟ ଅବସ୍ଥାରେ କେସିଙ୍ଗା ୱେୟାରହାଉସ ରାସ୍ତା



**କେସିଙ୍ଗା, ୨।୭(ସମିସ):** ସାରା ଭାରତକୁ ଚାଉଳ ଓ ଗହମ ଯୋଗାଉଥିବା କେନ୍ଦ୍ର ସରକାରଙ୍କ ଏଫସିଆଇ ର କଳାହାଣ୍ଡି ଜିଲ୍ଲାର କେସିଙ୍ଗା ରେ ଯୋଲକ ମୌଜାରେ ଥିବା ବ୍ରାଞ୍ଚ ଅଫିସ ୱେରହାଉସକୁ ଯିବା ପାଇଁ ଉଦ୍ଦିଷ୍ଟ ଥିବା ରାସ୍ତା ଅତି ଦୟନୀୟ ଅବସ୍ଥାରେ ରହିଛି।ଯିବା ଆସିବା ପାଇଁ ଥିବା ରାସ୍ତା ଏତେ ଖରାପ ହୋଇଛି ଯେ ଚାଉଳ ବୋଝେଇ ଟ୍ରକ୍ ତ ଦୂରର କଥା ବାଇକ୍, ସାଇକଲ ଏମିତିକି ମଣିଷ ଚାଲି ଚାଲି ଯିବାକୁ ମଧ୍ୟ ସୁରକ୍ଷିତ ମଣୁ ନାହାନ୍ତି। କାଦୁଅ ପଚ୍‌ପଚ୍ ସାଙ୍ଗକୁ ଛୋଟିଆ ରାସ୍ତା ଯାହାକୁ କଳାହାଣ୍ଡିଆ ଭାଷାରେ 'ଜମ ବି ଭିତର କେ ନାଇଯାଇ ପାରେ' ପରି ହେଇଛି। ଏନ୍‌ଏଚ ୨୬ ରାସ୍ତାରୁ ଭିତରକୁ ପ୍ରାୟ ଏକ କିଲୋମିଟର ରାସ୍ତା ପ୍ରତି ବର୍ଷ ବର୍ଷା ଦିନରେ ଉକ୍ତ ୱେର୍‌ହାଉସ ରାସ୍ତା ଖରାପ ହେଉଥିବା ଦେଖି ମଧ୍ୟ ସମ୍ପୃକ୍ତ ବିଭାଗର ଅଧିକାରୀ ମାନେ ଜାଣିଶୁଣି ଟ୍ରକ୍ ଡ୍ରାଇଭରମାନଙ୍କୁ ମରଣମୁହଁକୁ ଠେଲୁଛନ୍ତି। ବର୍ଷା ଦିନେ ପ୍ରତି ବର୍ଷ ଟ୍ରକ୍ ଓଲଟିବା ଓ ଗାଡ଼ିଦବୀ ଗାଡ଼ି ମାଲିକ ଅଯଥାରେ ଖର୍ଚ୍ଚାନ୍ତ ହେବା ନୁଆଁ କଥା ନୁହେଁ। ଟ୍ରକ୍ ଡ୍ରାଇଭର ମାନେ କହିବା ଅନୁସାରେ ଆଜକୁ ପ୍ରାୟ ୨୦ ବର୍ଷ ହେଲାଣି ରାସ୍ତା ସେମିତି ଏକା ରହିଛି ରାସ୍ତା ମରାମତି ନାମରେ ଲକ୍ଷ ଲକ୍ଷ ଖର୍ଚ୍ଚ ହେଉଥିଲେ ମଧ୍ୟ କେବଳ ମୁରୁମ୍ କେତେ ଗାଡ଼ି ପକାଇ ବିଭାଗ ନିଜ କାମ ସାରି ଦେଉଛି।ମାସକୁ ୧୦ରୁ ୧୫ ଦିନ ଉକ୍ତ ୱେରହାଉସରୁ ଟ୍ରକ୍ ଯୋଗେ ଜିଲ୍ଲା ତଥା ଜିଲ୍ଲା ବାହାରକୁ ଚାଉଳ ଯିବା ଆସିବା କରିଥାଏ କିନ୍ତୁ ବିଭାଗୀୟ ଉଦାସୀନତା ଯୋଗୁଁ ପ୍ରାୟ ୨୦ ବର୍ଷ ପରେ ମଧ୍ୟ ୱେରହାଉସ ପାଇଁ ପକ୍କା ରାସ୍ତା ଖଣ୍ଡେ ହୋଇ ପାରିନାହିଁ। ଯଥା ଶୀଘ୍ର ପକ୍କା ରାସ୍ତା ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଛି।

# ବାରବଖରା ସ୍କୁଲ ପୁନଃ ଖୋଲିବାକୁ ଗ୍ରାମବାସୀଙ୍କ ଦାବି

**କୋକସରା, ୨।୭(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଖୁଣ୍ଟିଆ ପଞ୍ଚାୟତର ବାରବଖରା ଗାଁର ବନ୍ଦ ଥିବା ପ୍ରାଥମିକ ବିଦ୍ୟାଳୟରକୁ ପୁନଃ ଖୋଲିବା ନେଇ ଦାବି ହୋଇଛି। ଏ ନେଇ ବୁଧବାର ଗ୍ରାମବାସୀ କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ବାରବଖରା ପ୍ରାଥମିକ ବିଦ୍ୟାଳୟକୁ ଗତ ୨୦୨୧ ମସିହାରେ ଶିକ୍ଷା ବିଭାଗ ପକ୍ଷରୁ ୨୦ରୁ କମ୍ ଛାତ୍ରଛାତ୍ରୀ ଉପସ୍ଥାନ ଥିବା ଦର୍ଶାଇ ବନ୍ଦ କରାଯାଇଛି। ସେହି ସମୟରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନିକଟସ୍ଥ ଖୁଣ୍ଟିଆ, ଧରୁଆପଡ଼ା ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା; ହେଲେ ବାରବଖରା ଗାଁଠାରୁ ଧରୁଆପଡ଼ା ପ୍ରାଥମିକ ବିଦ୍ୟାଳୟ ପ୍ରାୟ ୨.କିଲୋମିଟରରୁ ଅଧିକ ଦୂର ଥିବାରୁ ଛାତ୍ରଛାତ୍ରୀ ସ୍କୁଲ ଯିବା ଆସିବାରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନିଛାଟିଆ ରାସ୍ତା କାରଣରୁ ଅଭିଭାବକମାନେ ପିଲାଙ୍କୁ ସ୍କୁଲ ଛାଡିବାକୁ ସୁରକ୍ଷିତ ମଣୁ ନାହାନ୍ତି। ଅନ୍ୟପଟେ ବନ୍ୟ ଜୀବଜନ୍ତୁ ଭୟ ମଧ୍ୟ ରହିଛି। ଏହି କାରଣରୁ ଅନେକ ପିଲା ସ୍କୁଲ ଯିବାପାଇ ଅମଙ୍ଗ ହେଉଛନ୍ତି। ଏ ନେଇ ଗାଁ ଲୋକେ କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତୋଫାନ ମାଝୀଙ୍କୁ ପ୍ରଦାନ କରିଛନ୍ତି। ବନ୍ଦ ପଡ଼ିଥିବା ଉକ୍ତ ବିଦ୍ୟାଳୟକୁ ପୁନଃର୍ବାର ଖୋଲିବାକୁ ଦାବି କରିଛନ୍ତି।



# ନୂଆପଡ଼ାରେ ଜନ ସଚେତନତା ସୁରକ୍ଷା ଭ୍ୟାନ୍‌ର ଶୁଭାରମ୍ଭ




**ନୂଆପଡ଼ା, ୨।୭(ସମିସ):** ଷଷ୍ଠ ଜାତୀୟ ବୈଦ୍ୟୁତିକ ସୁରକ୍ଷା ସପ୍ତାହ ଅବସରରେ ସଚେତନତା ସୃଷ୍ଟି ପାଇଁ ଟିପିଡବ୍ଲ୍ୟୁଓଡ଼ିଏଲ ତରଫରୁ ଏକ ଜନ ସଚେତନତା ସୁରକ୍ଷା ଭ୍ୟାନ ଯାତ୍ରାରମ୍ଭ କରିଛି। ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରୁ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ସମାରୋହରେ ବିଦ୍ୟୁତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୁଖ୍ୟାତ ଦେବ ପରିଡ଼ା ଓ ବିଦ୍ୟୁତ ବିଭାଗ ସହ ଟିପି ଡବ୍ଲ୍ୟୁଓଡ଼ିଏଲର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସ୍କୁଲ କଲେଜ ଛାତ୍ରଛାତ୍ରୀ, ଗୃହିଣୀ, ବ୍ୟବସାୟୀ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଜନ ସାଧାରଣଙ୍କୁ ବୈଦ୍ୟୁତିକ ସୁରକ୍ଷା, ଘରୋଇ ବୈଦ୍ୟୁତିକ ସୁରକ୍ଷା, ବିଦ୍ୟୁତ ଲାଇନରେ ପଶୁ ଶିକାର ନ କରିବା ଇତ୍ୟାଦି ବିଷୟରେ ସଚେତନ କରାଯାଇଛି।

# ସମୃଦ୍ଧ କଳାହାଣ୍ଡି-ନୂଆପଡ଼ା ଜିଲ୍ଲା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

**ଭବାନୀପାଟଣା, ୨।୭(ସମିସ):** ରାଜ୍ୟର ପଛୁଆ ଅଞ୍ଚଳ ତଥା ଆକାଂକ୍ଷା ଜିଲ୍ଲାରୂପେ ପରିଚିତ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାକୁ ସମୃଦ୍ଧ କରିବା ଦିଗରେ ଅନେକ ସମ୍ଭାବନା ରହିଛି। ସରକାରଙ୍କ ଓଡ଼ିଶା ଭିଜନ ୨୦୩୬ ସୂଚୀପତ୍ରରେ ଏହି ଦୁଇ ଜିଲ୍ଲାର ଅଭାବ ଅସୁବିଧା ସ୍ଥାନିତ ହେବା ଜରୁରୀ। ଓଡ଼ିଶା ଭିଜନ ୨୦୨୬ ଏବଂ ୨୦୪୭ ସମ୍ପର୍କରେ ଓଡ଼ିଶାକୁ ଦେଶର ଏକ ଅଗ୍ରଣୀ ଅର୍ଥନୈତିକ ଶକ୍ତି ଭାବରେ ପ୍ରତିଷ୍ଠିତ କରିବା ପାଇଁ ରାଜ୍ୟସରକାରଙ୍କର ସ୍ୱାଗତଯୋଗ୍ୟ ପଦକ୍ଷେପ। ଭାରତ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଭାରତ ୨୦୪୭ ଜାତୀୟ ଲକ୍ଷ୍ୟ ସହିତ ଓଡ଼ିଶା ଭିଜନ ୨୦୩୬ ଏହା ସହ ଯୋଡି ହୋଇ କାର୍ଯ୍ୟକାରୀ କରିବାର ଧାର୍ଯ୍ୟ ରଖାଯାଇଛି। ଜନସାଧାରଣଙ୍କ ସକ୍ରିୟ ସମ୍ପୃକ୍ତି ଯାହା ଭବିଷ୍ୟତରେ ଓଡ଼ିଶାର ବିବିଧ ଦୃଷ୍ଟିକୋଣ ଓ ଆକାଂକ୍ଷାକୁ ପ୍ରତିଫଳିତ କରିପାରିବ। ଏହିକ୍ରମରେ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସାଇନି କଳାହାଣ୍ଡି ଅଧକ୍ଷ ଡ. ଭବାନୀଶଙ୍କର ନିଆଲ ପ୍ରଦାନ କରିଛନ୍ତି। କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର ବିକାଶର ଅଧ୍ୟାୟକୁ ଭିଜନ ଓଡ଼ିଶା ଡକୁମେଣ୍ଟରେ ଯୋଡିବା ପାଇଁ ସରକାରଙ୍କୁ ନିବେଦନ କରିଯାଇଛି। ଏହି ଦାବିଗୁଡିକ ମଧ୍ୟରୁ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରେ ଆଲୁମିନିୟମ ଶିଳ୍ପ, ୟୁକୋ ଟୁରିଜିମ ଶିଳ୍ପ, କୃଷିଭିତ୍ତିକ



ଶିଳ୍ପ, ବୃହତ ଶିଳ୍ପ, ଫରେଷ୍ଟ ପ୍ରୋସେସିଂ ଶିଳ୍ପ, କୁଟୀର ଶିଳ୍ପ, ସେରିକଲ୍‌ଚର ଶିଳ୍ପ, ସୁଗର ମିଲ, ସ୍ପିନିଂ ମିଲ, ଜିନିଂ ମିଲ, କଟନ ଟେକ୍ସଟାଇଲ ମିଲ, ମିନେରାଲ ପ୍ରୋସେସିଂ ଶିଳ୍ପ ସହ ଫୁଡ୍ ପ୍ରୋସେସିଂ ପ୍ଲାଣ୍ଟ, ଇଥୋନାଲ ପ୍ଲାଣ୍ଟ, ମେଗା ରାଇସ ପ୍ଲାଣ୍ଟ, ସୋଲାର ପାୱାର ପ୍ଲାଣ୍ଟ, ହାଇଡ୍ରୋ ଇଲେକ୍ଟ୍ରିକାଲ ପ୍ରୋଜେକ୍ଟ, ଟେକ୍ସଟାଇଲ ପାର୍କ, ସଫ୍ଟୱେର ଟେକ୍‌ନୋଲୋଜି ପାର୍କ ଏହା ବ୍ୟତୀତ କଳାହାଣ୍ଡିର ଗୁଡହାଣ୍ଡିକୁ ରାଷ୍ଟ୍ରୀୟ ମାନବ ସଂଗ୍ରହାଳୟ ମାନ୍ୟତା ଏବଂ ହାବସପୁର ଶାଢ଼ୀକୁ ପ୍ରୋତ୍ସାହନ ସହିତ ଜିଲ୍ଲାରେ ତଥା ୨ଟି ଜିଲ୍ଲାରେ ଶୀତଳ ଭଣ୍ଡାର ଏବଂ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର ରେଳ ବିକାଶ ସମ୍ବନ୍ଧିତ ଦାବୀ, ଜଳସେଚନ ଓ ନଦୀବନ୍ଧ ଯୋଜନା, ଉଦନ୍ତୀ ଓ ଉତେଇ ପ୍ରକଳ୍ପ ସହ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରେ ବିଭିନ୍ନ ରାଜମାର୍ଗରେ

**ଭିଜନ ଓଡ଼ିଶା-୨୦୩୬**

ବ୍ୟବସ୍ଥିତ ୬୦ ଦଶକରେ ନିର୍ମିତ ହୋଇଥିବା ପୋଲର ବୈକଳ୍ପିକ ବ୍ୟବସ୍ଥା ସୁନିଶ୍ଚିତ କରିବା, କଳାହାଣ୍ଡି କୃଷି ମହାବିଦ୍ୟାଳୟ ଏବଂ ଯାନ୍ତ୍ରୀକ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଏବଂ ଗତ ଦଶକ ଭିତରେ ୨ଟି ଜିଲ୍ଲାର ବିଭିନ୍ନ ରାଜନୈତିକ ସଂଗଠନ ତରଫରୁ ଏବଂ ୨ଟି ଜିଲ୍ଲା ପ୍ରଶାସନ ତରଫରୁ ଦିଆଯାଇଥିବା ଦାବୀ ଏବଂ ପ୍ରସ୍ତାବକୁ ଅନ୍ତର୍ଭୁକ୍ତ କରିବା ଆଦି ଦାବୀ ଗୁଡିକୁ ଭିଜନ ଓଡ଼ିଶା ୨୦୩୬ରେ ଯୋଡିବା ପାଇଁ ଉକ୍ତ ସ୍ମାରକପତ୍ର ଜରିଆରେ ଡ. ନିଆଲ ନିବେଦନ କରିଛନ୍ତି।

## ସିନାପାଲି ଏନ୍‌ଏସି ଦାବି

# ବିଭାଗୀୟ ମନ୍ତ୍ରୀଙ୍କୁ ଭେଟିଲା ପ୍ରତିନିଧି ଦଳ



**ସିନାପାଲି, ୨।୭ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲିକୁ ଯଥାଶୀଘ୍ର ଏନ୍‌ଏସି ମାନ୍ୟତା ପ୍ରଦାନ କରିବା ଦାବିରେ ସିନାପାଲି ନାଗରିକ କମିଟି ମନୋନୀତ ଏକ ପ୍ରତିନିଧି ଦଳ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଏବଂ ନୂଆପଡ଼ା ଜିଲ୍ଲା ପ୍ରଭାରୀ ତଥା ଜଙ୍ଗଲ ଓ ପରିବେଶ କଲ୍ୟାଣ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆଙ୍କୁ ଭେଟି ଦାବି ଜଣାଇଛନ୍ତି। ଉଭୟ ମନ୍ତ୍ରୀଙ୍କୁ ଭୁବନେଶ୍ୱର ସ୍ଥିତ ତାଙ୍କ ବାସଭବନରେ ଭେଟି ଏନେଇ ଆବେଦନ ପତ୍ର ପ୍ରଦାନ କରାଯିବା ସହ ସିନାପାଲିର ଏନଏସି ମାନ୍ୟତା ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିବା ବେଳେ ଉଭୟ ମନ୍ତ୍ରୀ ଏନେଇ ସକରାତ୍ମକ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ପ୍ରତିନିଧି ଦଳରେ ଶଶିଭୂଷଣ ମାଝୀ, ସୁବ୍ରତ ଠାକୁର, ଲିଙ୍ଗରାଜ ଘିଭେଲା, ତ୍ରିନାଥ ମେହେର, ମନୀଷ ପଟେଲ, ସୁରଜ କୁମାର ମେହେର, ମଧୁସୂଦନ ମାଝୀ ସାମିଲ ଥିଲେ। ଖଡିଆଳ ବିଧାୟକ ଅଧିରାଜ୍ ମୋହନ ପାଣିଗ୍ରାହୀ ମଧ୍ୟ ଏହପ୍ରତିନିଧି ଦଳରେ ସାମିଲ ହୋଇ ସହଯୋଗ କରିଥିଲେ। ଏଠାରେ ସୂଚନାଯୋଗ୍ୟ, ସ୍ଥାନୀୟ ନାଗରିକ କମିଟି ତରଫରୁ ଡ. ଅରିଗଞ୍ଜନ ଯୋଷୀ, ଶଶିଭୂଷଣ ମାଝୀ, ଲିଙ୍ଗରାଜ ଘିଭେଲା, ସୁବ୍ରତ ଠାକୁର, ମନିଷ ପଟେଲ, ତ୍ରିନାଥ ମେହେର, ମଧୁସୂଦନ ମାଝୀ, ନନ୍ଦକୁମାର ପାତ୍ର ପ୍ରମୁଖ ପ୍ରଥମେ ନୂଆପଡ଼ା ଜିଲ୍ଲାପାଳଙ୍କୁ ଏନେଇ ସାକ୍ଷାତ କଲା ପରେ ଆଜି ଏହି ପ୍ରତିନିଧି ଦଳ ମନ୍ତ୍ରୀଙ୍କୁ ଭେଟିଥିବା ଜଣାପଡ଼ିଛି।

# ବନ ମହୋତ୍ସବରେ ସବୁଠି ଚାରାରୋପଣକୁ ଗୁରୁତ୍ୱ






**ଭବାନୀପାଟଣା, ୨।୭(ସମିସ)**

ସ୍ଥାନୀୟ ଶିଶୁ ପର୍ଯ୍ୟବେକ୍ଷଣ ଗୃହରେ କଳାହାଣ୍ଡି ଉତ୍ତର ବନଖଣ୍ଡର ଭବାନୀପାଟଣା ରେଞ୍ଜ ତରଫରୁ ୭୬ତମ ବନମହୋତ୍ସବ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଉତ୍ତର ବନଖଣ୍ଡର ସହକାରୀ ବନ ସଂରକ୍ଷକ ଲିଲି ଅମାନତ୍ୟା ଯୋଗ ଦେଇ ବନ ମହୋତ୍ସବର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଉପକାରିତା ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟବେକ୍ଷଣ ଗୃହର ଭାରପ୍ରାପ୍ତ ଅଧିକ୍ଷକ ଗୁଲାମ ଅମିବୁଲା ଖାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର, କିଶୋର ନ୍ୟାୟ ବୋର୍ଡର ସଦସ୍ୟା ସ୍ୱର୍ଣ୍ଣଲତା ମହାନ୍ତି ଏବଂ ଭବାନୀପାଟଣା ରେଞ୍ଜ ଅଧିକାରିଣୀ ସ୍ନିଗ୍ଧା ସରିତା ବଳିଆରସିଂ ଉପସ୍ଥିତ ଥିଲେ। ମଣିଷ ଲାଗି ଗଛ କେତେ ଦରକାରୀ ଅତିଥବଗଣ ତାହା ବର୍ଣ୍ଣନା କରିଥିଲେ। ଭବାନୀପାଟଣା ଡେପୁଟି ରେଞ୍ଜର ରେଖାରାଣୀ ମିଶ୍ରଙ୍କ ସହିତ ଟାଉନ ଫରେଷ୍ଟର ଦେବବ୍ରତ ମିଶ୍ର, ଭବାନୀ ଶଙ୍କର ପରିଛା, ଭାଗବତ ଭୂଷଣ ବେହେରା, ସର୍ବେଶ୍ୱର ଗହୀର, କିଶୋର ଚନ୍ଦ୍ର ସାହୁ ଏବଂ ସମସ୍ତ ଫରେଷ୍ଟଗାର୍ଡ ଉପସ୍ଥିତ ଥିଲେ। ସୁବାଷ ପଟେଲ, ଅଭିଜିତା ପରିଡ଼ା, ଉମେଶ ଗଉଡ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀ ଚାରାରୋପଣ କରିଥିଲେ।

**ଗୋଲାମୁଣ୍ଡା:** ସାରା ଭାରତରେ ଜୁଲାଇ ୧ରୁ ୭ ଦିନ ପର୍ଯ୍ୟନ୍ତ ୭୬ତମ ବନ ମହୋତ୍ସବ ଚାଲିଛି। ଏହି ଅବସରରେ କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଅଧୀନ କେଗାଁ ବନାଞ୍ଚଳ ଅଧିକାରୀ ଚିନ୍ମୟ ଗଡ଼ତିଆଙ୍କ ନେତୃତ୍ୱରେ କେଗାଁ ସେକ୍ସନ ଜୟନ୍ତପୁର ବିଟ୍ ମହାଲିଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ-୨୦୨୫ ପାଳନ ସାଙ୍ଗକୁ ଚାରା ରୋପଣ କରାଯାଇଛି। ଏଥିରେ ଜଗଦୀଶ ଚନ୍ଦନ, ମହାଲିଙ୍ଗ ପଞ୍ଚାୟତ ସମିତି ସଭ୍ୟ କିରଣ କୁମାର ସିଂ, ଗୋପାଳ ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ଚାରା ରୋପଣ କରିଥିଲେ। ବନ ବିଭାଗ ପକ୍ଷରୁ ବନପାଳ ରମେଶ ପଣ୍ଡା, ବନରକ୍ଷୀ ସୁନୀତା ପୁଟେଲ, ଆମ ଜଙ୍ଗଲ ଯୋଜନା ଦଳପତି ବିକାଶ ତାଣ୍ଡି, ରୋମାଞ୍ଚଳ ବାଗ, ୱାଚର ଚରଣ ଧରୁଆ, ପରମେ ଟୋଲ୍ଟିଆ, ନବୀନ ଟୋଲଟିଆ ସହଯୋଗ କରିଥିଲେ।

**କୋମନା:** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ମହୁଲଭଟା ଓ ଲରକି ଗ୍ରାମରେ ମଦର ଟେରେସା ସେବା ସଙ୍ଗଠନ ପକ୍ଷରୁ ଚାରାରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉଭୟ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଯୋଗଦେଇ ଚାରା ରୋପଣ କରିଥିଲେ। ଶେଷଦେବ ପ୍ରଧାନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସତ୍ୟବ୍ରତ ସାମଲ, ତେଜୁରାମ ନାଏକ, କ୍ଷମା ଭୋଇ, ନିରୁପମା ସାହୁ, ଫକୀର ରାଉତ, ଭାଗ୍ୟବାନ୍ତ ଶବର ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ଏମ୍‌ଏସିପି, ଆର୍‌ଏସିପି ପ୍ରଦାନରେ ବିଳମ୍ବ

# ଜାଣିଶୁଣି ଅବହେଳା କରାଯାଉଛି

**ନୂଆପଡ଼ା, ୨।୭(ସମିସ):** ଶିକ୍ଷାର ମାନ ବୃଦ୍ଧି ସହ ଶିକ୍ଷକମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବାକୁ ସରକାର ଏମଏସିପି ( ମୋଡିଫାଏଡ ଆସ୍ୟୁର୍ଡ କ୍ୟାରିୟର ପ୍ରୋଗ୍ରେସନ) ଏବଂ ଆରଏସିପି( ରିଭାଇଜଡ ଆସ୍ୟୁର୍ଡ କ୍ୟାରିୟର ପ୍ରୋଗ୍ରେସନ) ଯୋଜନା କାର୍ଯ୍ୟକାରୀ କରିଛନ୍ତି। ନୂଆପଡ଼ା ଜିଲ୍ଲା ସଦର ବ୍ଲକ ଶିକ୍ଷା ବିଭାଗରେ କିନ୍ତୁ ଏଥିରେ ବ୍ୟାପକ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ଏହି ଦୁଇ ଯୋଜନାରେ ବ୍ଲକର ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଲାଭାନ୍ୱିତ ହେବାକୁ ଥିବାବେଳେ ଅଧିକାରୀ ଏବଂ କିରାଣୀମାନଙ୍କ ବୈମାତୃକ ମନୋଭାବ ଯୋଗୁଁ ଫାଇଲ ନାଲି ଫିତା ତଳେ ଚାପି ହୋଇଯାଇଛି। ଦୀର୍ଘ ବର୍ଷେ ଗଡ଼ିଯାଇଥିଲେ ମଧ୍ୟ ଏହି ଫାଇଲ ସବୁ ଖୋଲୁନି। ଏଥିରେ ଅଧିକାରୀ ଏବଂ କିରାଣିମାନଙ୍କ ଉଦ୍ଦେଶ୍ୟ କ'ଣ ରହିଛି ବୋଲି ଆଲୋଚନା ହେଉଛି। ଏଥିପାଇଁ ଶିକ୍ଷକମାନେ ବାରମ୍ବାର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଦୌଡୁଛନ୍ତି ସିନା କୌଣସି ସୁଫଳ ପାଉନାହାନ୍ତି। ଅନ୍ୟପକ୍ଷେ ଜିଲ୍ଲାର ଅନ୍ୟାନ୍ୟ ବ୍ଲକରେ ଶିକ୍ଷକମାନେ ଏଥିରୁ ସୁବିଧା ପାଇସାରିଥିବା କୁହାଯାଉଛି। ଏହା ଉପରେ ଜିଲ୍ଲା ସିଟି ଶିକ୍ଷକ ସଂଘ ବ୍ଲକ ଶିକ୍ଷାଧିକାରୀଙ୍କୁ ଦୃଷ୍ଟି ଆକର୍ଷଣ କରିଛି। ସଂଘ ସଭାପତି ଅମିଲାଲ ଶବରଙ୍କ ନେତୃତ୍ୱରେ ଏକ ଟିମ୍ ବ୍ଲକ ଶିକ୍ଷାଧିକାରୀ ଗୀତାରାଣୀ ଯୋଷୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛି। ଏହା ଶିଘ୍ର ଦିଆ ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସଭାପତି ଶବର ଚେତାବନୀ ଦେଇଛନ୍ତି।

# ସମ୍ପାଦକୀୟ



ଜଙ୍ଗଲ ଅସୀମ ଦୟାର ପ୍ରତୀକ, ଯିଏ ନିଜର ଜୀବନ ଉତ୍ସର୍ଗ କରି ସମସ୍ତ ପ୍ରାଣୀଙ୍କୁ ସୁରକ୍ଷା ପ୍ରଦାନ କରେ।
- ଗୌତମ ବୁଦ୍ଧ

ସକାଳ
THE SAKALA

## ରେଳକୁ ଗତି ଦେବ ରାଜସ୍ୱ

ରେଳବାଇ ପକ୍ଷରୁ ବର୍ଦ୍ଧିତ ଯାତ୍ରୀଭଡ଼ା ଲାଗୁ ହେବା ପୂର୍ବରୁ ଅସହଜ ଓ ଅସୁରକ୍ଷିତ ରେଳଯାତ୍ରା ପ୍ରତି ସର୍ବାଧିକ ଗୁରୁତ୍ୱ ଦେଇ ସୁଧାର ଓ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ କରିବାର ଥିଲା। କ୍ରମାଗତ ରେଳ ଦୁର୍ଘଟଣା ଅପବାଦରୁ ମଧ୍ୟ ରେଳବାଇ ମୁକ୍ତ ହୋଇନାହିଁ। ରେଳଯାତ୍ରୀଙ୍କ ଆସ୍ଥା ଓ ବିଶ୍ୱାସଭାଜନ ହେଲା ଭଳି ପଦକ୍ଷେପକୁ ପ୍ରାଥମିକତା ଦେବାର ଥିଲା। ଅବଶ୍ୟ ଏକଥା ସତ ଯେ ନିୟମିତ ମରାମତି ଓ ଆଧୁନିକୀକରଣର ବ୍ୟୟଭାରକୁ ଦୃଷ୍ଟିରେ ରଖି ରାଜସ୍ୱ ବୃଦ୍ଧିର ଆବଶ୍ୟକତା ରହିଛି। କୋଭିଡ ପରେ ଏହା ପ୍ରଥମ ଯାତ୍ରୀଭଡ଼ା ବୃଦ୍ଧି। ଆମକୁ ଏଠାରେ କହିବାକୁ ପଡୁଛି ଯେ ଶୀତତାପ ନିୟନ୍ତ୍ରିତ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ବର୍ଗରେ ଯାତାୟାତ ପାଇଁ ପୂର୍ବରୁ ଧାର୍ଯ୍ୟ ହୋଇଥିବା ଯାତ୍ରୀଭଡ଼ା ବିମାନ ଯାତ୍ରାର ଦେୟଠାରୁ ସାମାନ୍ୟ କମ୍ ହୋଇଥିବାରୁ ଆଜିକାଲି ବିମାନଯାତ୍ରାକୁ ପସନ୍ଦ କରୁଛନ୍ତି ଉଚ୍ଚବର୍ଗର ଯାତ୍ରୀ। ତେଣୁ ଯାତ୍ରୀଭଡ଼ା ବୃଦ୍ଧି ନିଷ୍ପତ୍ତି ନେବା ପୂର୍ବରୁ ସଂସଦୀୟ କମିଟି ଏନେଇ ପର୍ଯ୍ୟାପ୍ତ ବିଚାର ଆଲୋଚନା କରିବାର ଥିଲା।

ଯାତାୟାତର ବ୍ୟୟଭାର ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଆର୍ଥିକ ଦୃଷ୍ଟିରୁ ଅସ୍ୱଚ୍ଛଳ ବର୍ଗଙ୍କ ରେଳଯାତ୍ରା ଉପରେ ନିର୍ଭରଶୀଳତା ବୃଦ୍ଧି ପାଇଛି। ସେ ଦୃଷ୍ଟିରୁ ବିଚାର କଲେ, ରେଳବାଇକୁ ଆମେ ଦେଶର ଜୀବନରେଖା ରୂପେ ଗ୍ରହଣ କରିଥାଉ। କିନ୍ତୁ ଏଥିସହ ସଂଶ୍ଳିଷ୍ଟ ମୌଳିକ ସେବା ବା ସୁବିଧା ସୁଯୋଗ ଯେ ଆଶାନୁରୂପ ହୋଇପାରି ନାହିଁ, ତାହା ଆମକୁ ସ୍ୱୀକାର କରିବାକୁ ପଡ଼ିବ। ବର୍ଦ୍ଧିତ ଯାତ୍ରୀ ଭଡ଼ାର ଅନ୍ୟତମ ଉଲ୍ଲେଖନୀୟ ଦିଗ ହେଲା, ସାଧାରଣ ଶ୍ରେଣୀରେ ୫ ଶହ କିଲୋମିଟର ଯାତ୍ରା କ୍ଷେତ୍ରରେ ଭଡ଼ା ବୃଦ୍ଧି କରାଯାଇନାହିଁ। ସେହିଭଳି ଉପନଗର ଏକକ ଯାତ୍ରୀଭଡ଼ା ଓ ସିଜିନ୍ ଟିକଟ୍‌ର ଦେୟ ଅପରିବର୍ତ୍ତିତ ରହିଛି। ଆସନ ସଂରକ୍ଷଣ ଫି, ସୁପରଫାଷ୍ଟ ସରଚାର୍ଜ ଓ ଅନ୍ୟାନ୍ୟ ଶୁଳ୍କ ବଢ଼ା ଯାଇନାହିଁ। ସାଧାରଣ ୨ୟ ଶ୍ରେଣୀ ବର୍ଗରେ ୫୦୧ ରୁ ୧୫୦୦ କିଲୋମିଟର ଯାତାୟତ କ୍ଷେତ୍ରରେ ଭଡ଼ା ୫ ଟଙ୍କା, ୧୫୦୧ରୁ ୨୫୦୦ କିଲୋମିଟର ପିଛା ୧୦ ଟଙ୍କା ଏବଂ ୨୫୦୧ରୁ ୩୦୦୦ କିଲୋମିଟର ପର୍ଯ୍ୟନ୍ତ ଯାତାୟାତରେ ଭଡ଼ା ୧୫ ଟଙ୍କା ବଢ଼ିଛି। ଏହାଛଡ଼ା ସ୍ଲିପର ଓ ପ୍ରଥମ ଶ୍ରେଣୀର ଯାତ୍ରୀଭଡ଼ା କିଲୋମିଟର ପିଛା ୦.୫ ଟଙ୍କା ବଢ଼ିଥିବାର ଜଣାପଡ଼ିଛି। ମେଲ୍ ଓ ଏକ୍ସପ୍ରେସ୍ ଟ୍ରେନ୍‌ରେ ଅଣଶୀତତାପ ନିୟନ୍ତ୍ରିତ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଯାତାୟତ ସକାଶେ ଯାତ୍ରୀଭଡ଼ା କିଲୋମିଟର ପିଛା ୧ ପଇସା ବଢ଼ିଛି। ତେବେ ଶୀତତାପ ନିୟନ୍ତ୍ରିତ ବର୍ଗରେ ଯାତାୟତ ସକାଶେ ଭଡ଼ା କିଲୋମିଟର ପିଛା ୨ ପଇସା ବଢ଼ାଯାଇଛି। ଏହି ବର୍ଦ୍ଧିତ ଭଡ଼ା ସହ ଯାତ୍ରୀଙ୍କୁ ଜିଏସଟି ମଧ୍ୟ ଦେବାକୁ ପଡ଼ିବ। ରେଳ ଓ ବିମାନ ଯାତ୍ରାର ତୁଳନାତ୍ମକ ଭଡ଼ା ସଂପର୍କରେ ପର୍ଯ୍ୟାଲୋଚନା କଲାବେଳେ କେବଳ ଏତିକି କୁହାଯାଇପାରିବ ଯେ ବିମାନ ସେବା ଏବେ ମଧ୍ୟ ଦେଶର ସବୁ ଅଞ୍ଚଳକୁ ଉପଲବ୍ଧ ନୁହେଁ। ତେବେ ବର୍ଦ୍ଧିତ ଭଡ଼ାକୁ ବିଚାର କଲେ ଯେକୌଣସି ଯାତ୍ରୀ ସମୟ ଅପଚୟକୁ ଏଡ଼ାଇ ଯିବା ସକାଶେ ବିମାନ ଯାତ୍ରାକୁ ଅଧିକ ପସନ୍ଦ କରିବ। ରେଳ ମନ୍ତ୍ରଣାଳୟକୁ ପରିବର୍ତ୍ତିତ ପରିସ୍ଥିତିରେ ନିଜକୁ ଅଧିକ ପ୍ରତିଯୋଗୀକ୍ଷମ କରିବା ପାଇଁ ମୌଳିକ ସୁବିଧାସୁଯୋଗର ଉନ୍ନତି ପ୍ରତି ଅଧିକ ଧ୍ୟାନ ଦେବାକୁ ପଡ଼ିବ।

ଏତେ ଅବ୍ୟବସ୍ଥା ସତ୍ତ୍ୱେ ଯାତାୟତ ପାଇଁ ରେଳବାଇ ଉପରେ ନିର୍ଭରଶୀଳତା ବଢ଼ିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ରେଳଯାତ୍ରୀଙ୍କ ସଂଖ୍ୟା ୭୧୫ କୋଟି ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ବିନା ସଂରକ୍ଷଣ ସୁବିଧାରେ ଯାତାୟତ କରୁଥିବା ଯାତ୍ରୀଙ୍କ ସଂଖ୍ୟା ୬୩୪ କୋଟି। ଆର୍ଥିକ ଦୃଷ୍ଟିରୁ ବିଚାର କଲେ ସମାଜର ନିମ୍ନବର୍ଗର ଲୋକେ ସାଧାରଣ ବର୍ଗରେ ଯାତାୟତ କରିବାକୁ ବାଧ୍ୟ ହୋଇଥା'ନ୍ତି। ଯେଉଁବର୍ଗରେ କି ଶୌଚାଳୟ ସୁବିଧା ଆଦୌ ବ୍ୟବହାର ଉପଯୋଗୀ ନୁହେଁ। ଏପରିକି ଟ୍ୟାପରେ ଜଳ ପ୍ରବାହର ଅନିୟମିତତା ସକାଶେ ଯାତ୍ରୀ ନାନା ଅସୁବିଧାର ସମ୍ମୁଖୀନ ହୋଇଥାଏ। ବଗିର କ୍ଷମତାଠାରୁ ଯଥେଷ୍ଟ ଅଧିକ ଯାତ୍ରୀ ଯାତାୟତ କରୁଥିବାରୁ ବିଶୃଙ୍ଖଳା ଓ ଆପରାଧିକ କାର୍ଯ୍ୟକଳାପ ମଧ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ଆମ ବିପୁଳ ଜନସଂଖ୍ୟାର ଏକ ବୃହତ୍ ଅଂଶ ଏବେ ମଧ୍ୟ ରେଳଯାତ୍ରା ଉପରେ ନିର୍ଭରଶୀଳ। ତେଣୁ ପ୍ରତିବର୍ଷ ରେଳବଜେଟ ଉପସ୍ଥାପନ ବେଳେ ଦେଶର ବିଭିନ୍ନ ଅଞ୍ଚଳ ସହ ରେଳ ସଂଯୋଗକୁ ପ୍ରାଧାନ୍ୟ ଦିଆଯାଉଛି। ସେହି ଅନୁପାତରେ ବିଭିନ୍ନ ଟ୍ରେନର ରହଣି ଏବଂ ସ୍ଥଳବିଶେଷରେ ନୂଆ ରେଳ ଷ୍ଟେସନ ସକାଶେ ଦାବି ମଧ୍ୟ ହେଉଛି। କିନ୍ତୁ ଯାତ୍ରୀଙ୍କ ସୁବିଧା ଓ ସ୍ୱାଚ୍ଛନ୍ଦ୍ୟ ପ୍ରତି ଯେତିକି ଧ୍ୟାନ ଦିଆଯିବା କଥା ସେଦିଗରେ ଏପର୍ଯ୍ୟନ୍ତ ଆଖିଦୃଶିଆ କାମ ହୋଇପାରିନାହିଁ। ବହୁ ଅବ୍ୟବସ୍ଥା ଓ ଅନିୟମିତତାରେ ପରିଚାଳିତ ରେଳବାଇକୁ ସୁଧାରିବାରେ ଆବଶ୍ୟକତା ପ୍ରତି ଯେଉଁମାନେ ଦୃଷ୍ଟି ଦେବା କଥା ସେମାନଙ୍କ ଯାତାୟତର ମାଧ୍ୟମ ବିମାନ ହୋଇଥିବାରୁ ପ୍ରକୃତ ସ୍ଥିତି ସଂପର୍କରେ ସେମାନେ ଯେ କେତେଦୂର ଅବଗତ ସେ ନେଇ ସନ୍ଦେହ ରହିଛି। ଯେତେଦୂର ମନେହୁଏ ରେଳବାଇର ଉଚ୍ଚ ଓ ନିମ୍ନବର୍ଗର କର୍ମଚାରୀଙ୍କୁ ବାଦ ଦେଲେ ମଧ୍ୟମ ବର୍ଗର ତଦାରଖକାରୀଙ୍କ ଅଭାବ ନିଯୁକ୍ତି ସଙ୍କୋଚନର ଅନ୍ୟ ଏକ ଦିଗ, ଯାହାକି ପରିଲକ୍ଷିତ ଅସଜଡ଼ା ପରିସ୍ଥିତି ପାଇଁ ଅନେକାଂଶରେ ଦାୟୀ।

ବର୍ଦ୍ଧିତ ଯାତ୍ରୀଭଡ଼ା ଯେ ଅସହନୀୟ ସ୍ଥିତି ସୃଷ୍ଟି କରିଛି ଏକଥା ନୁହେଁ, ତେବେ ସର୍ବନିମ୍ନ ସୁବିଧା ସୁଯୋଗ ଅଭାବ ଯାତ୍ରୀଙ୍କ ମଧ୍ୟରେ ସୃଷ୍ଟି କରିଥିବା ଅସନ୍ତୋଷକୁ ଏହି ଭଡ଼ା ବୃଦ୍ଧି ବହୁଗୁଣିତ କରିବ। ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଶୀତତାପ ନିୟନ୍ତ୍ରିତ ବଗିର ଯାତ୍ରୀଭଡ଼ାଠାରୁ ୩.୫ ପ୍ରତିଶତ ଏବଂ ସାଧାରଣ ବର୍ଗର ରେଳଯାତ୍ରୀଙ୍କଠାରୁ ୩୯ ପ୍ରତିଶତ ଅତିରିକ୍ତ ରାଜସ୍ୱ ଆଦାୟ ହେବ। ଚଳିତ ବିତ୍ତବର୍ଷରେ ରେଳବାଇର ପୁଞ୍ଜିନିବେଶ ଅପରିବର୍ତ୍ତିତ ରହିଛି। ରାଜସ୍ୱ ଅଭାବରୁ ନୂଆ ରେଳଲାଇନ ନିର୍ମାଣ ଓ ମରାମତି କାର୍ଯ୍ୟରେ ଶିଥିଳତା ପରିଲକ୍ଷିତ ହୋଇଛି। ବାରମ୍ବାର ଘଟୁଥିବା ଦୁର୍ଘଟଣାର ଏହା ଅନ୍ୟତମ ଏକ କାରଣ। ତଥାକଥିତ ସୁପରଫାଷ୍ଟ ଟ୍ରେନର ଗତିଶୀଳତା ମଧ୍ୟ ହ୍ରାସ ପାଇବାର ବାଧ୍ୟବାଧକତା ସୃଷ୍ଟି ହୋଇଛି। ତେଣୁ ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ ଯାତାୟତ କରୁଥିବା ଟ୍ରେନ ପାଇଁ ଅତିଷ୍ଠ ରେଳଯାତ୍ରୀ। ଏହାକୁ ଯଦି କେହି ରେଳବାଇର ଗତି ଓ ପ୍ରଗତିରେ ବାଧକ କୁହେ ତେବେ ତାହାକୁ ଭୁଲ କହିବା ମଧ୍ୟ ଅସୀମଚୀନ ହେବ। ●

## ଆଧୁନିକତା ବନାମ ଆଧୁନିକ ସାହିତ୍ୟ

**ପ୍ରଫୁଲ୍ଲ କୁମାର ସାହୁ**

ବାସ୍ତବରେ ଆଧୁନିକତା ହେଉଛି ଏକ ନୂତନ ଦୃଷ୍ଟିକୋଣ। କୌଣସି କାଳଖଣ୍ଡ ଆଧୁନିକ ନୁହେଁ। ଆମେ ଶୁଣିଛେ ସାରଳା ଦାସ, ଉପେନ୍ଦ୍ର ଭଞ୍ଜ ପ୍ରମୁଖ ତାଙ୍କ ସମୟରେ ଆଧୁନିକ ଥିଲେ। ଏହି ଦୃଷ୍ଟିକୋଣ ଯେତେବେଳେ ଜୀବନରେ ଆସେ ସେତେବେଳେ ଜୀବନ ଆଧୁନିକ ପାଲଟିଯାଏ ଏବଂ ଯେତେବେଳେ ସାହିତ୍ୟରେ ପ୍ରବେଶ କରେ ସେତେବେଳେ ଆମେ କହୁ ଆଧୁନିକ ସାହିତ୍ୟ। ସମାଜ ଜୀବନରେ ଏକ ନିରନ୍ତନ ପ୍ରବାହ ଅଛି ଏବଂ ସମାଜ ସହିତ ବ୍ୟକ୍ତି ଜୀବନର ମଧ୍ୟ ଏକ ପ୍ରଭାବ ଅଛି। ଯେତେବେଳେ ସମାଜ ଜୀବନରେ ପରିବର୍ତ୍ତନ ଆସେ ସେତେବେଳେ ବ୍ୟକ୍ତି ଜୀବନକୁ ରୂପାନ୍ତରିତ ହୁଏ। ବେଳେବେଳେ ଏମିତି ମଧ୍ୟ କିଛି ବ୍ୟକ୍ତି ଆସନ୍ତି, ଯିଏ ସମାଜକୁ ପରିବର୍ତ୍ତନ ବା ପ୍ରଭାବିତ କରିଥା'ନ୍ତି। ଯେତେବେଳେ ସମାଜ ଦ୍ୱାରା ବ୍ୟକ୍ତି ପ୍ରଭାବିତ ହୁଏ, ତା'କୁ ଆମେ ପରମ୍ପରା, ସଂସ୍କୃତି ଆଦି ନାମରେ ନାମିତ କରୁ। ପୁଣି ଯେତେବେଳେ ବ୍ୟକ୍ତି ସମାଜକୁ ପ୍ରଭାବିତ କରେ ସେତେବେଳେ ଆମେ କହୁଛେ ଆଧୁନିକ। ସେହିପରି ଗୋଟାଏ କାଳଖଣ୍ଡରେ ବାସ କରୁଥିଲେ ମଧ୍ୟ ସବୁସ୍ଥାନର ବୈଶ୍ୱିକ ପରିବେଶ ଅଲଗା। ତେଣୁ ଆଧୁନିକତାର ଭିତ୍ତିଭୂମି ମଧ୍ୟ ଅଲଗା ଅଲଗା।

ଆମେ ପଢ଼ିଛେ ଅଷ୍ଟାଦଶ ଶତାବ୍ଦୀରେ ୟୁରୋପରେ ଶିଳ୍ପ ବିପ୍ଳବରୁ ଆଧୁନିକତାର ଅୟମାରମ୍ଭ। ଟେଲିଫୋନ, ଷ୍ଟିମଇଞ୍ଜିନ ଇତ୍ୟାଦିର ଉଦ୍ଭାବନରେ ମନ୍ଦିର, ମସଜିଦ, ଗିର୍ଜା, ଚର୍ଚ୍ଚ ସଂସ୍କୃତିରୁ ଜୀବନ ଆସିଲା ଶିଳ୍ପ ଓ ବିଜ୍ଞାନ ସଂସ୍କୃତିକୁ। ଯେଁଉ ସମୟରେ ୟୁରୋପରେ ଶିଳ୍ପର ବିକାଶ ଚାଲିଥିଲା ସେହି ସମୟରେ ଆମେ ବଳଦ ଗାଡ଼ିକୁ ଆମର ଆଧୁନିକତା କହୁଥିଲେ। ତେଣୁ ୟୁରୋପର ଯାହା ଆଧୁନିକତା ଆମର ତାହା ଆଧୁନିକତା ନୁହେଁ। ଏଠି ନବଜାଗରଣ ଓ ଆଧୁନିକତା ଆସିଛି ନଅଙ୍କ ଦୁର୍ଭିକ୍ଷର ଆଁ ଭିତରୁ, ଭାଷା ସୁରକ୍ଷାର ଆନ୍ଦୋଳନ ଭିତରୁ, ବ୍ରାହ୍ମ ଧର୍ମ, ମହିମା ଧର୍ମ, ଅଲେଖ ଧର୍ମ ଭିତରୁ। ଗୌରୀ ଶଙ୍କର ରାୟ, ରାମ ଶଙ୍କର, ଫକୀର ମୋହନ ସେନାପତି, ରାଧାନାଥ ରାୟ ପ୍ରମୁଖ ଶିଳ୍ପୋଦ୍ୟୋଗୀ ଏବଂ ଉତ୍କଳ ଦୀପିକା, ସମ୍ବାଦ ବାହିକା ଗୋଟେ ଗୋଟେ ଆଧୁନିକତାର ଉତ୍ପାଦ। ଯଦି ଏସବୁ ନଥା'ନ୍ତା ଓଡ଼ିଶାରେ ନବଜାଗରଣ ଆସି ନ ଥା'ନ୍ତା।

ଆଧୁନିକର ଦୁଇଟି ରୂପ ଅଛି - ବାହ୍ୟ ଓ ଅନ୍ତ। ଆମେମାନେ ବାହ୍ୟରୂପର ଆଧୁନିକତାକୁ ଅଧିକ ଗୁରୁତ୍ୱ ଦେଇଛେ। ତାରକାମାନେ ଚିରା ପୋଷାକ କିମ୍ବା ଚଷମା ପିନ୍ଧିଲେ ତାଙ୍କୁ ଅନୁକରଣ କରି ଆମେ ଚିରା ପୋଷାକ ଓ ରାତିରେ ମଧ୍ୟ କଳାଚଷମା ଓ ଟୋପି ପିନ୍ଧୁଛନ୍ତି। ଏ ହେଉଛି ବାହ୍ୟ ଆଧୁନିକତା। ଏହା ମଣିଷର ଅନ୍ତଃଚେତନାକୁ ପ୍ରଭାବିତ କରେ ନାହିଁ। ବ୍ୟକ୍ତିର ଅନ୍ତଃଚେତନାର ଅନ୍ଧାରକୁ ଆଲୋକିତ କରିବା ହେଉଛି ଚେତନାର ଆଧୁନିକତା। ଅନ୍ତଃଚେତନାର ଅନ୍ଧାର ସେତେବେଳେ ଆଲୋକିତ ହେବ ଯେତେବେଳେ ଆଧୁନିକତାର ଅନ୍ତରୂପ ବିକଶିତ ହେବ। ଯେତେବେଳେ ଗୋଟିଏ ଶମ୍ବାଳୁଆ ପ୍ରଜାପତିରେ ପରିବର୍ତ୍ତନ ହେବ। ଯେତେବେଳେ ଝଡ଼ାଫୁଙ୍କାରେ ବିଶ୍ୱାସ ନ କରି ଜଣେ ଡାକ୍ତରଖାନାକୁ ଯିବ।

ଆଧୁନିକତା ଅନ୍ତଃଚେତନାରେ ଆସେ। ଓଡ଼ିଆ ସମାଜରେ ଜଣେ କନ୍ଧ କବି କହିଲେ 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ'। ଆଜି ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ଆଧୁନିକତା ଆସିନଥିଲା। ଏହି ମହାନ ବ୍ୟକ୍ତିତ୍ୱ ପାଇଁ ହିଁ ଓଡ଼ିଆରେ ମଣିଷର ଜୀବନ ପାଇଁ ସାହିତ୍ୟ ଲେଖା ଆରମ୍ଭ ହେଲା। ଏଡ଼େ ବଡ଼ କବିମାନଙ୍କ ପାଟିରୁ ମଣିଷ ପାଇଁ ପଦେ କବିତା ବାହାରି ନଥିଲା। ଲାବଣ୍ୟବତୀର ଓଠରୁ ଖସିପଡୁଥିବା ମହୁ ବୁନ୍ଦାରେ ପିମ୍ପୁଡ଼ି ଧାର ଧାର ଲାଗିଯାଉଥିଲା। ସଂସ୍କୃତ ରସିକ ପଣ୍ଡିତମାନେ ଲାବଣ୍ୟବତୀ ଚିତ୍ତରେ ବାଃ ବାଃ ହେଉଥିଲେ। ମଲ୍ଲିମାଳ ଶ୍ୟାମକୁ ଦେବା ପାଇଁ କବିମାନେ ବ୍ୟସ୍ତ ହେଉଥିଲେ। କେଉଁଠି ଥିଲା ଧାନ କାଟୁଥିବା ସ୍ତ୍ରୀ ଲୋକର କଥା? କେଉଁଠି ଥିଲା ଗରିବ ଲୋକର କଥା, କେଉଁଠି ଥିଲା ଖୁଦ ରଙ୍କୁଣି ମାଆର ଆତୁର ଚିତ୍କାର? ମହିମା ଗୋସ୍ୱାମୀ ବୁଝାଇ ଦେଲେ। ଈଶ୍ୱର ନିରାକାର ଅଣାକାର କହି କପିଳାସର ଶିଖରରେ ବସି ଅଗ୍ନିର ଧୂନିରେ ଜାଳିଦେଲେ ଜାତି, ବର୍ଣ୍ଣ, ଆଭିଜାତ୍ୟର ଗରିମା। ରାଜା ରାମମୋହନ ରାୟ, ଦୟାନନ୍ଦ ସରସ୍ୱତୀ ଆର୍ଯ୍ୟସମାଜ ଯଥାକ୍ରମେ ବ୍ରାହ୍ମସମାଜ ଗଠନ କରି କଲିକତାରେ ଯେଉଁ ବିକାଶର ମଡେଲ ଥୋଇଦେଲେ ସେହି ସଂସ୍କାରକୁ ମଧୁସୂଦନ ଓଡ଼ିଶା ଆଣିଲେ। ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମାଜରୁ କୁସଂସ୍କାର, କୁନୀତି, ଅନ୍ଧବିଶ୍ୱାସକୁ ସାହିତ୍ୟ ଧାରାରେ ବଦଳେଇବା। ୟୁରୋପର ଆଧୁନିକତା ଥିଲା ଯାନ୍ତ୍ରିକ ଆଧୁନିକତା, କିନ୍ତୁ ଓଡ଼ିଶାର ଆଧୁନିକତା ଥିଲା ଆଧ୍ୟାତ୍ମିକ ଆଧୁନିକତା। ଏହି କବିମାନେ, ଏହି ସନ୍ଥମାନେ ଓଡ଼ିଶାର ଜୀବନଧାରଣା ପ୍ରଣାଳୀରେ ପରିବର୍ତ୍ତନ ଆଣିଲେ।

ଆମ ସାହିତ୍ୟର ପୃଷ୍ଠଭୂମି ୟୁରୋପର ନବଜାଗରଣ ନୁହେଁ, ଆଧୁନିକ ଚେତନାର ପୃଷ୍ଠଭୂମି। ଗୋଟିଏ ପରମ୍ପରା, ପରିବେଶ, ପାଣିପାଗ, ଭୂଗୋଳକୁ ନେଇ ଆଧୁନିକତା ଆସିଥାଏ। ଆଧୁନିକତା ଗୋଟେ ଚେତନା, ଏକ ଦୃଷ୍ଟିକୋଣ, ଏକ ଜାଗରଣ, ବଞ୍ଚିବାର ଏକ କଳା। ବ୍ୟକ୍ତିତ୍ୱ ନିର୍ମାଣ ହିଁ ଆଧୁନିକ। ସଂସ୍କାରିତ, ସାହାଯ୍ୟକାରୀ, ସମ୍ବେଦନଶୀଳ, ଉଦାର, ପ୍ରଶସ୍ତ ବ୍ୟକ୍ତିତ୍ୱ ହେଉଛି ଆଧୁନିକ ବ୍ୟକ୍ତିତ୍ୱ। ତେଣୁ ଆଧୁନିକ ହେବା ଏକ ସହଜ କଥା ନୁହଁ। ଆଧୁନିକ ମଣିଷ ଲାବଣ୍ୟବତୀର ହସକୁ ଯେତିକି ଗୁରୁତ୍ୱ ଦିଏ ସେତିକି ଖୁଦ ରଙ୍କୁଣୀ ମାଆର ଆତୁର ଚିତ୍କାରକୁ ମଧ୍ୟ ଦିଏ। କାହିଁକି ରାଧାନାଥଙ୍କୁ ଆମେ ଆଧୁନିକ କହୁଛେ? କାରଣ ରାଧାନାଥ ବହିରେ ଲୁହ ଆଣିଲେ। ସାହିତ୍ୟରେ ରାଧାନାଥଙ୍କ ସବୁ କାବ୍ୟନାୟିକା ମରିଗଲେ। ଯେଉଁ ଦେଶରେ ଲାବଣ୍ୟବତୀ ଚନ୍ଦ୍ରଭାନୁ ନିମିତ୍ତ ବିରହରେ ଛଟପଟ ହେଉଥିଲେ ସେଠି ରାଧାନାଥ ତାଙ୍କ କାବ୍ୟନାୟିକାମାନଙ୍କୁ ମାରିଦେଉଛନ୍ତି କ'ଣ ପାଇଁ? ଏ ହେଉଛି ବାସ୍ତବ ଦୃଷ୍ଟିକୋଣ।

ଜୀବନ ପାଇଁ କଳା ସାହିତ୍ୟ କଳ୍ପନା ରାଜ୍ୟରେ ବିଚରଣ ନକରି ଜୀବନର କଥା କହିବ। ରିକ୍ସାବାଲା ପିଠିରେ ଝରିଯାଉଥିବା ସ୍ୱେଦର କଥା କହିବ। ଛେଳି ଚରାଉଥିବା ତଅପୋଇର କଥା କହିବ। କବିତାର ଧାରା ବଦଳିବ ସାହିତ୍ୟର ଦୃଷ୍ଟିକୋଣ ମଧ୍ୟ ବଦଳିବ। ମଣିଷ ଗୋଟିଏ ଓଠରେ ହସେ, ଦୁଇଟି ଆଖିରେ କାନ୍ଦେ। ଜୀବନରେ ପ୍ରତିଟି ହସର ମୂଲ୍ୟ ଦୁଇ ବୁନ୍ଦା ଲୁହ ଦେଇକି ଶୁଝିବାକୁ ପଡ଼େ। ଅନ୍ୟର ଲୁହକୁ ବୁଝିବା ହେଉଛି ଆଧୁନିକତା। ଯେଉଁ ସାହିତ୍ୟରେ ଲୁହର କଥା, କରୁଣ ଚିତ୍କାରର ବେଦନା, ବାସ୍ତବର କଥା, ସଂଘର୍ଷର କଥା ରହିଲା ସେ ସାହିତ୍ୟ ହେଉଛି ଆଧୁନିକ ସାହିତ୍ୟ।

ସମକାଳୀନ ସମାଜରେ ଘଟୁଥିବା ଘଟଣାବଳୀର ବାସ୍ତବ ବର୍ଣ୍ଣନା ହିଁ ଆଧୁନିକ ସାହିତ୍ୟ। ତେଣୁ ଆମ ଓଡ଼ିଆ ଆଧୁନିକତାର ଗୋଟେ ସ୍ୱଦେଶୀ ରୂପ ଅଛି। ସବୁ କଥାକୁ ୟୁରୋପ ସହିତ ତୁଳନା କଲେ ହେବନାହିଁ। ତାଙ୍କର ଯେତେବେଳେ ଲେଖା ହେଉଥିଲା 'ଲଭ୍ ସଙ୍ଗ ଅଫ୍ ଜାଲ୍‌ଫ୍ରେଡ୍ ପ୍ରୁଫ୍ରକ୍' ଆମର ନନ୍ଦ କିଶୋର ବଳ ଲେଖୁଥିଲେ 'ଲୁଲୁ ପାଇଁ ନାନା ବାୟା' ଗୀତ। ଆମ ସାହିତ୍ୟର ଧାରା ଭିନ୍ନ। ଓଡ଼ିଆ ଆଧୁନିକତା ଯାହାକୁ ଆମେ ନବଜାଗରଣ ବୋଲି କହୁଛେ, ସେଠି ଆମେ ଦେଖିଛେ ପଦ୍ମାବତୀ, ବାବାଜୀ, ରେବତୀ, ଛ'ମାଣ ଆଠ ଗୁଣ୍ଠ, ବିବାସିନି, ବିବେକୀ, ରାଣ୍ଡି ପୁଅ ଅନନ୍ତା। ଏଗୁଡ଼ିକ ସମକାଳୀନ ସମାଜର ସାହିତ୍ୟ ବା ଆଧୁନିକତାର ପରିଚୟ। ଏଥିରୁ ପୁଣି ଖୋଜାପଡ଼ିବ ଯୁଗସ୍ରଷ୍ଟା କିଏ? ଯୁଗ ସ୍ରଷ୍ଟା ସିଏ, ଯିଏ ଲେଖିଛି ବାସ୍ତବତାର କରୁଣ ଚିତ୍କାର ଲୁହ ଆଉ ସ୍ୱେଦର କାହାଣୀ। ଯେଉଁ ସାହିତ୍ୟ ସମାଜର କଥା କହେ ଯେଉଁ ସାହିତ୍ୟ ଗଣମଣିଷ ଓ ତୃଣମୂଳସ୍ତରର କଥା କହେ, ତାହା ଆଧୁନିକ ସାହିତ୍ୟ, ସେ ସ୍ରଷ୍ଟା ଆଧୁନିକ।

ଆଧୁନିକ ଏକ ଯୁଗ ନୁହେଁ, ଏକ ସ୍ରୋତ। ଏହି ସ୍ରୋତରେ ହୁଏତ କିଛି ଯୁଗ ଚଳିଯାଇପାରେ। ସାରଳାଯୁଗ, ମଧ୍ୟଯୁଗ, ପଞ୍ଚସଖା ଯୁଗ ପରେ ଆଧୁନିକ ସାହିତ୍ୟ ଏକ ଚେତନା। ଏ ଚେତନାରେ ଗୋପବନ୍ଧୁ ଆସିଲେ, ଦେଲେ ସତ୍ୟବାଦୀ ଚେତନା। ଆସିଲା ସବୁଜ ଓ ପ୍ରଗତିଶୀଳ ଚେତନା। ଆଧୁନିକ ଏକ ନଈ, ଯେଉଁଠି ପ୍ରବାହିତ ହୁଏ ଦିଗନ୍ତ ଚେତନାର ସୁଅ। ●

ହୁମ୍ମା(ଗଞ୍ଜାମ), ମୋ: ୭୮୫୩୯୮୬୯୯୭

## ବନୀକରଣର ଆନ୍ତରିକତାରେ ପ୍ରଶ୍ନବାଚୀ

**ଡ.ମନୋଜ କୁମାର ମହାନ୍ତି**

ଅଧୁନା ପରିବେଶର ଅବନତି ବିଶ୍ୱର ଏକ ପ୍ରମୁଖ ସମସ୍ୟା ଭାବେ ଉଭାହୋଇଛି। ଜୀବଜଗତ; ବିଶେଷ କରି ମାନବଜାତିର ଅସ୍ତିତ୍ୱ ନଷ୍ଟ ହେଇଯିବ ଯଦି ପରିବେଶ ପ୍ରତି ଅମାନବୀୟ ଅତ୍ୟାଚାରକୁ ନିୟନ୍ତ୍ରଣ କରା ନ ଯିବ। ନିକଟରେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ ନିକଟସ୍ଥ କାଞ୍ଚନ ଗୋଚିୱାଲରେ ଅବସ୍ଥିତ ୪୦୦ଏକର ପରିଧି ବିଶିଷ୍ଟ ଜଙ୍ଗଲକୁ ରାତିର ଅନ୍ଧାରରେ ଉଚ୍ଛେଦ ପାଇଁ ସରକାରଙ୍କ ପଦକ୍ଷେପ ପରିବେଶକୁ ବୀଭତ୍ସ କରିବାର ଏକ ଜ୍ୱଳନ୍ତ ଉଦାହରଣ। ଓଡ଼ିଶାରେ ଅନୁଗୁଳ ଓ ଢେଙ୍କାନାଳର ଫୁସଫୁସ୍ କୁହାଯାଉଥିବା ଛେଣ୍ଡିପଦାରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ୯ କୋଟି ବୃକ୍ଷଚ୍ଛେଦନ କରି ୩୫ଟି କୋଇଲାଖଣି ଖନନ ପାଇଁ କେନ୍ଦ୍ରସରକାରଙ୍କ ପ୍ରୟାସର ପରବର୍ତ୍ତୀ ଫଳାଫଳ କ'ଣ? ବଲାଙ୍ଗୀର ଜିଲ୍ଲାର ରାମାୟଣ ପ୍ରସିଦ୍ଧ ଗନ୍ଧମର୍ଦ୍ଦନ ପାହାଡ଼କୁ ନିଲାମ ପାଇଁ ଯୋଜନା ଚାଲିଥିବା ଅଭିଯୋଗ ହେଉଛି। ସେହିପରି ଗୋଟେପଟେ ବୃକ୍ଷସୁରକ୍ଷା ସହ ବୃକ୍ଷରୋପଣ ଏବଂ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ସ୍ଲୋଗାନ, ପୁଣି ଅନ୍ୟପଟେ ରାସ୍ତାର ଦୁଇପାର୍ଶ୍ୱରୁ ଦୀର୍ଘବର୍ଷ ଧରି ଛାୟାପ୍ରଦାନପୂର୍ବକ ଶୁଦ୍ଧ ଅମ୍ଳଜାନ ବାଣ୍ଟୁଥିବା ବୃକ୍ଷଲତାକୁ ଛେଦନ କରି ଅଣଓସାରିଆ ରାସ୍ତାକୁ ପ୍ରଶସ୍ତ କରିବାର ବିଧିବଦ୍ଧ ଯୋଜନା ହାସ୍ୟାସ୍ପଦ ନୁହେଁ କି? ଶହଶହ ବର୍ଷଧରି ଛିଡ଼ା ହୋଇଥିବା ଘଞ୍ଚ ଜଙ୍ଗଲକୁ କାଟି ତା' ପରିବର୍ତ୍ତେ ରାସ୍ତା କଡ଼ରେ ଗଛଟିଏ ଲଗାଇବା କେଉଁ ମହାନତାର କାମ? ଦୀର୍ଘଦିନର ଦଣ୍ଡାୟମାନ ଦ୍ରୁମରେ ଥିବା ଉପାଦେୟତା ନିକଟରେ ସଦ୍ୟରୋପିତ ବୃକ୍ଷ କେତେଦୂର ଫଳପ୍ରଦ ଥରେ ବିଚାରକୁ ନିଆଯାଉ।

ପ୍ରତିବର୍ଷ ବନ ମହୋତ୍ସବରେ ବୃକ୍ଷରୋପଣ କରାଯାଉଛି ସତ, କିନ୍ତୁ ତା'ର ତତ୍ତ୍ୱାବଧାନ ସଠିକ ଭାବେ କରାଯାଉନାହିଁ। ରାସ୍ତାର କେଉଁ କଡ଼ରେ, ବିଦ୍ୟାଳୟ, ମହାବିଦ୍ୟାଳୟ, ପଞ୍ଚାୟତ ଓ ଅନ୍ୟ କାର୍ଯ୍ୟାଳୟ ପରିସରରେ ଚାରା ଗଛଟିଏ ଲଗାଇବା ବେଳେ ଯେଉଁ ମାତୃତ୍ୱର ସମ୍ମାନରେ ପ୍ରଚାର ପ୍ରସାର କରାଯାଏ, ପରବର୍ତ୍ତୀ ସମୟରେ ସେହି ମା'ର ସଠିକ ଯତ୍ନ ନିଆଯାଏ ତ? ଉଚ୍ଚ ପଦସ୍ଥ ଅଧିକାରୀ ଓ କାର୍ଯ୍ୟକର୍ତ୍ତାମାନେ ଯେଉଁ ଆନ୍ତରିକ ଉଦ୍ୟମରେ ବର୍ଷକୁବର୍ଷ ଗଛଟିଏ ପୋତି ଚାଲନ୍ତି, ତା'ର ଉତ୍ତରଦାୟିତ୍ୱ କାହା ଉପରେ ନ୍ୟସ୍ତ କରନ୍ତି?

ମାଟିର ଅସ୍ତିତ୍ୱ ସହ ମଣିଷ ଖେଳିଚାଲିଛି। କେତେବେଳେ ତା' ଛାତିଚିରି ବୁର୍ଜଖଲିଫା ତ କେତେବେଳେ ଖଣିଖାଦାନର ଗଚ୍ଛିତ ସମ୍ପଦକୁ ପାଇବା ଲକ୍ଷ୍ୟରେ ତା'କୁ ଧ୍ୱଂସବିଧ୍ୱଂସ କରିବାରେ ଲାଗି ପଡ଼ିଛି। ଶିଳ୍ପ, ରାସ୍ତାଘାଟ, ବନ୍ଧବାଡ଼ ଓ ଉଚ୍ଚଉଚ୍ଚ ଅଟ୍ଟାଳିକା ନିର୍ମାଣ କରି ବିକାଶର ପତାକା ଉଡ଼େଇବାକୁ ମଣିଷ ବ୍ୟତିବ୍ୟସ୍ତ। ମନୁଷ୍ୟ ଦ୍ୱାରା ସୃଷ୍ଟ ଦୈନିକ ଘରୋଇ ଓ କଳକାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ଯାଉଛି କୁଆଡ଼େ? ଉଭୟ ଶିଳ୍ପ ଓ ସହର ବର୍ଜ୍ୟବସ୍ତୁ ବର୍ଷବର୍ଷ ଧରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପଡ଼ି ରହି ମାଟି ଓ ପରିବେଶକୁ ପ୍ରଦୂଷଣ କରିଚାଲିଛି, ଯାହା ପ୍ରତ୍ୟେକ ସହରର ଏକ ପ୍ରମୁଖ ସମସ୍ୟା। ମାଟି, ପାଣି, ପବନ ଓ ଜଙ୍ଗଲ ପରିବେଶର ମୁଖ୍ୟ ଉପାଦାନ। ସୃଷ୍ଟିର କେନ୍ଦ୍ରବିନ୍ଦୁ ସାଜିଥିବା ମଣିଷ ବିକାଶ ଓ ପ୍ରଗତିର ମାର୍ଗରେ ପଥିକ ହୋଇ ସୃଷ୍ଟିକୁ ତା' ନିଜହାତରେ ନୂତନ ରୂପ ଦେବାରେ ବ୍ୟସ୍ତ।

ବିଜ୍ଞାନ ଓ ବୈଷୟିକ ବିଜ୍ଞାନର ସାହାରା ନେଇ ସେ ମଣିଷ ଜୀବନର ମାନଦଣ୍ଡକୁ ଉନ୍ନତ କରିବାରେ ସତପ୍ରଚେଷ୍ଟା କିଛି ଖରାପ କଥା ନୁହେଁ। ଦେଶକୁ, ରାଜ୍ୟକୁ ଆର୍ଥିକ ପ୍ରଗତି ଓ ବିକାଶଶୀଳ ଭାବେ ବିଶ୍ୱରେ ଉପସ୍ଥାପିତ କରିବାକୁ ହେଲେ ଶିଳ୍ପପ୍ରତିଷ୍ଠା ସହ ପ୍ରାକୃତିକ ସମ୍ପଦର ସଦୁପଯୋଗକୁ ଧ୍ୟାନଦେବା ଜରୁରୀ। ଶିଳ୍ପ ପ୍ରତିଷ୍ଠା ହେଲେ ଯୁବଗୋଷ୍ଠୀ ନିଯୁକ୍ତି ପାଇବେ। କର୍ମନିଯୁକ୍ତି ସହ ଆର୍ଥିକ ମାନଦଣ୍ଡ ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ ଓ ଗମନାଗମନ କ୍ଷେତ୍ରରେ ନିରନ୍ତର ବିକାଶ ଓ ପ୍ରଗତି ଅନ୍ତରାଳେ ବିଶ୍ୱ ଭୌଗୋଳିକ ମାନଚିତ୍ରର ସୁନ୍ଦର ସବୁଜିମାକୁ ଆମେ କଦର୍ଯ୍ୟ ଓ ଧୂଳିଧୂସରିତ କରୁନାହାନ୍ତି ତ? ବିଶ୍ୱ ପ୍ରଦୂଷଣ ସର୍ବେକ୍ଷଣ ଅନୁସାରେ ଭାରତର ୧୩ଗୋଟି ସହର ସମ୍ପୂର୍ଣ୍ଣ ପ୍ରଦୂଷିତ। ସେଥିମଧ୍ୟରୁ ଆସାମ ଓ ମେଘାଳୟ ମଧ୍ୟରେ ଥିବା ବ୍ରିନାହାଟ ଭାରତର ପ୍ରମୁଖ ପ୍ରଦୂଷିତ ସହରଭାବେ ବିଶ୍ୱ ଦରବାରରେ ପରିଚିତ। ଭାରତର ରାଜଧାନୀ ଦିଲ୍ଲୀର ପରିବେଶ ବିଗତ ଦିନରୁ ଏପର୍ଯ୍ୟନ୍ତ ସୁଧୁରିବାରେ କୌଣସି ସଙ୍କେତ ଦେଖାଯାଉ ନାହିଁ। ସଚେତନ କାର୍ଯ୍ୟକ୍ରମ ଜାରି ରହିଛି।

ଆମକୁ ହୃଦୟଙ୍ଗମ କରିବାକୁ ହେବ ଖାଦ୍ୟ, ବସ୍ତ୍ର ଓ ବାସଗୃହ ମଣିଷ ଜୀବନ ପାଇଁ ଯେତିକି ଜରୁରୀ, ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଆମ ପରିବେଶ ଓ ପାରିପାର୍ଶ୍ୱିକ ବାତାବରଣ। ସୁସ୍ଥ, ନିରୋଗ ସହ ଶାନ୍ତିପୂର୍ଣ୍ଣ ସହବସ୍ଥାନ ବିଶ୍ୱ ମାନବସମାଜର ଶ୍ରେଷ୍ଠ ଲକ୍ଷ୍ୟ। ବୃକ୍ଷଲତା, ନଦୀନାଳ, ପାହାଡ଼ପର୍ବତ, ବଣଜଙ୍ଗଲ, ବନ୍ୟପ୍ରାଣୀ ଓ ଉଦ୍ଭିଦସମୂହ ସେମାନଙ୍କର ବିଭିନ୍ନ ପ୍ରଜାତି, ପ୍ରକୃତି ଓ ପରିବେଶ ସହ ଜୀବଜଗତର ଆରମ୍ଭରୁ ଅବସ୍ଥାପିତ। ସେମାନେ ପ୍ରକୃତି ଓ ପରିବେଶକୁ ନିଜର ଯୋଗଦାନ ଦ୍ୱାରା ସନ୍ତୁଳିତ କରିଆସିଛନ୍ତି। କିନ୍ତୁ ଶ୍ରେଷ୍ଠପ୍ରାଣୀ ମଣିଷ ପରିବେଶକୁ ନେଇ ଯେଉଁ ଆଚରଣ ପ୍ରଦର୍ଶନ କରୁଛି ସେଥିରେ ପେଶି ହୋଇଚାଲିଛନ୍ତି ମାନବଜାତି।

ନିଜର ଅଭିବୃଦ୍ଧି ଓ ସୁରକ୍ଷାରେ ଧ୍ୟାନମଗ୍ନ ମଣିଷ ଦିନକୁଦିନ ପୃଥିବୀର ପରିବେଶକୁ ବିପର୍ଯ୍ୟସ୍ତ କରିବାରେ ଲାଗିଛି। ଏବେ ତା'ର ମନେପଡ଼ିଛି ଏକ ସୁସ୍ଥ ଜୀବନ ଅତିବାହିତ ପାଇଁ ଏକ ସୁସ୍ଥ ସମାଜ ଓ ସୁସ୍ଥ ପ୍ରାକୃତିକ ପରିବେଶ ଅପରିହାର୍ଯ୍ୟ। ସେଥିପାଇଁ ବନ ମହୋତ୍ସବ ପାଳନ କରି ଗଛ ଲଗାଇବାର ପ୍ରଚେଷ୍ଟା ଚାଲିଛି। ଖାଲି ଗଛଟିଏ ପୋତି ଫିତାକାଟି ଗଣମାଧ୍ୟମ ଆଗରେ ଭାବପ୍ରବଣତାର ଶବ୍ଦ ପରିପ୍ରକାଶ ଉପଯୁକ୍ତ ମାଧ୍ୟମ ନୁହେଁ। ଯେଉଁଠି ସଭ୍ୟସମାଜ ବୃଦ୍ଧାମାତାର ଯତ୍ନ ନ ନେଇ ବୃଦ୍ଧାଶ୍ରମକୁ ଠେଲିଦିଏ, ସେଠି ଗଛଟିକୁ କେତେ ବା ଯତ୍ନ କରିବ? ●

ଭଦ୍ରକ, ମୋ: ୮୮୯୫୩୪୧୦୩୩

## ବୈପ୍ଳବିକ ଚେତନାର ବଳିଷ୍ଠ ବାର୍ତ୍ତାବହ ଜଗନ୍ମୋହନ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ସାହିତ୍ୟ ସରିତ୍

ଓଡ଼ିଆ ସାହିତ୍ୟର ପ୍ରଥମ ନାଟ୍ୟକାର ଜଗନ୍ମୋହନ ଲାଲଙ୍କୁ କିଏ ଅବା ବିସ୍ମରି ଯିବା ସମ୍ଭବ! ସମାଜରେ ଯେଉଁ କୁସଂସ୍କାର ଲକ୍ଷ୍ୟ କରିଥିଲେ ଜଗନ୍ମୋହନ, ନାଟକ ଅଭିନୟ ଦ୍ୱାରା ତାହାର ଦୂରୀକରଣ ସମ୍ଭବ - ଏହି ବିଶ୍ୱାସ ତାଙ୍କ ମଧ୍ୟରେ ଦୃଢ଼ୀଭୂତ ହୋଇଥିବା କମ୍ ଚମକପ୍ରଦ ବିଷୟ ନୁହେଁ। ନାଟକ ଲେଖିବାର ଦୁଇବର୍ଷ ପୂର୍ବରୁ ସେ ପ୍ରତିଷ୍ଠା କରିଥିଲେ ନିଜ ଗ୍ରାମ ମାହାଙ୍ଗାରେ 'ରାଧାକାନ୍ତ' ରଙ୍ଗମଞ୍ଚ। ସେ ଏକାଧାରାରେ ଥିଲେ ନାଟ୍ୟକାର, ନିର୍ଦ୍ଦେଶକ, ମୁଖ୍ୟ ଅଭିନେତା ଓ ପୃଷ୍ଠପୋଷକ। 'ବାବାଜୀ' ୧୮୭୭ ମସିହାରେ ରଚନା କରି ସେ ଯେଉଁ ସାମାଜିକ ଆଲୋଡ଼ନ ସୃଷ୍ଟି କରିଥିଲେ ତାହା ତାଙ୍କର ବୈପ୍ଳବିକ ଚେତନାର ଯେ ଏକ ଅଗ୍ନିସ୍ଫୁଲିଙ୍ଗ ଏହା ବାରମ୍ବାର ଉପଲବ୍ଧି କରିବାର ବିଷୟ ନିଶ୍ଚୟ। ଯେଉଁ ସମୟରେ ପୌରାଣିକ ବିଷୟ ପ୍ରତି ଦର୍ଶକମାନଙ୍କର ରହିଥିଲା ତୀବ୍ର ଆକର୍ଷଣ, ସେଇ ସମୟରେ ଏକ ସାମାଜିକ ନାଟକ ରଚନାର ପରିକଳ୍ପନା ହିଁ ହେଉଛି ତାଙ୍କର ଏକ ସୁଦୃଢ଼ ବୈପ୍ଳବିକ ପଦକ୍ଷେପ। ଜଣେ ସାଧୁ ବାବାଜୀଙ୍କର ଆଗମନ ଓ ସମାଜର ବିଭିନ୍ନ ସ୍ତରରେ ରହିଥିବା କୁସଂସ୍କାରର ଉଦ୍‌ଘାଟନ କରିଦେଇ ଏହାର ଦୂରୀକରଣ ପାଇଁ ସେ ଯେଉଁ ବାର୍ତ୍ତା ପ୍ରଦାନ କଲେ, ସେଥିରେ ରହିଥିଲା ତେଜସ୍ୱୀ ନାଟ୍ୟକାରଙ୍କ ଆତ୍ମାର ଆହ୍ୱାନ। ସେ ଜଣେ ସମାଜ ସଚେତନ ମଣିଷ ଭାବରେ କିପରି ତୀକ୍ଷ୍ଣ ଦୃଷ୍ଟିରେ ଅବଲୋକନ କରୁଥିଲେ ବିଭିନ୍ନ ପ୍ରକାରର ଚରିତ୍ରକୁ, ଏହା ତାହାର ପ୍ରକୃଷ୍ଟ ନିଦର୍ଶନ।

ଯେଉଁ ସମୟରେ ଏ ନାଟକର ସୃଷ୍ଟି ସମ୍ଭବ ହୋଇଛି, ତାହାକୁ ଚକ୍ଷୁସମକ୍ଷରେ ରଖିଲେ, ଯାହା ପାଠକ ବା ଦର୍ଶକକୁ ଅଭିଭୂତ କରିଦିଏ, ତାହା ହେଲା ନାଟ୍ୟକାରଙ୍କ ବ୍ୟକ୍ତିତ୍ୱ। ଯାହାର ବ୍ୟକ୍ତିତ୍ୱ ଯେତିକି ବଳିଷ୍ଠ ତାଙ୍କ ନାଟକର ଅନ୍ତଃଆବେଦନ ସେତିକି ଗଭୀର ଓ ଘନିଷ୍ଠ। କିନ୍ତୁ ନାଟ୍ୟକାର ଜଗନ୍ମୋହନଙ୍କ ମର୍ଯ୍ୟାଦା ଯେପରି ଶୀର୍ଷ ସୋପାନରେ ପ୍ରତିଷ୍ଠିତ ହେବାର ଯଥାର୍ଥତା ରହିଛି, ତାହା ଏ ପର୍ଯ୍ୟନ୍ତ ସମ୍ଭବ ହୋଇପାରିନାହିଁ। ନିଜେ ପ୍ରଥମେ ପରିବର୍ତ୍ତିତ ନ ହେଲେ କେବଳ ନାଟକ ରଚନା ଦ୍ୱାରା କେହି ଆଲୋଡ଼ନ ସୃଷ୍ଟି କରିଦେଇ ପାରେନା। ସମାଜକୁ ପରିବର୍ତ୍ତିତ ରୂପରେ ଦେଖିବାର ଯେଉଁ ପ୍ରତିଜ୍ଞା କରିଥିଲେ ଜଗନ୍ମୋହନ ତାହାର ବଳିଷ୍ଠ ପ୍ରତିବିମ୍ବ ହେଉଛି ତାଙ୍କ ନାଟ୍ୟ ସର୍ଜନା ଏବଂ ମଞ୍ଚରେ ତାହାର ପ୍ରାଣବନ୍ତ ଅବତାରଣା।

'ବାବାଜୀ' ନାଟକ ଲେଖିଦେଇ ସେ ସନ୍ତୁଷ୍ଟ ହୋଇନାହାନ୍ତି। ପରବର୍ତ୍ତୀ ସୃଷ୍ଟି ହେଲା ତାଙ୍କର 'ସତୀ'। ବ୍ରିଟିଶ୍ ସାମ୍ରାଜ୍ୟର ଆଧିପତ୍ୟ ସ୍ୱୀକାର କରି ଯେଉଁ ସ୍ୱଦେଶୀୟ ଶାସକମାନେ ନିରୀହ ଜନତାଙ୍କ ପ୍ରତି କରୁଥିଲେ ଅକଥନୀୟ ଅତ୍ୟାଚାର ସେମାନଙ୍କ ବିରୁଦ୍ଧରେ ସ୍ୱରଉତ୍ତୋଳନ କରିବା କ'ଣ ସହଜ ବ୍ୟାପାର? ଯେଉଁ ପ୍ରତିବାଦ କରିବା ପାଇଁ ଶିକ୍ଷିତ ଗୋଷ୍ଠୀର ସୁଦ୍ଧା ନ ଥିଲା ସାମର୍ଥ୍ୟ, ଜଗନ୍ମୋହନ ସେଇ ଦୁଃସାହସିକ ବାଣୀ ସଂଯୋଜିତ କରିଛନ୍ତି ନାଟକରେ। ସମ୍ପ୍ରତି ନାରୀମୁକ୍ତିର ପାଶ୍ଚାତ୍ୟ ତତ୍ତ୍ୱ ଦ୍ୱାରା ପ୍ରଭାବିତ ହୋଇ ଯେଉଁମାନେ ସାହିତ୍ୟ ସୃଷ୍ଟି କରୁଛନ୍ତି ସେମାନଙ୍କ ଦୃଷ୍ଟି ପ୍ରଥମେ ଆକର୍ଷିତ ହେବା ଉଚିତ ଜଗନ୍ମୋହନ ଲାଲଙ୍କ ପ୍ରତି। 'ପ୍ରୀତି', 'ବୃଦ୍ଧବିବାହ' ନାଟକ ଦୁଇଟିରେ ଓଡ଼ିଶାର ଶିକ୍ଷିତ ସମାଜକୁ ବିସ୍ମିତ ଓ ଚେତନାଦୀପ୍ତ କରିଦେବା ପାଇଁ ତାଙ୍କ ପ୍ରଚେଷ୍ଟାର ଯେ ନଥିଲା ଅନ୍ତଃ ତାହା ପୁନଃ ପୁନଃ ସ୍ମରଣ ଓ ସମୀକ୍ଷା କରିବା ଆବଶ୍ୟକ। ଜଣେ ନାଟ୍ୟସ୍ରଷ୍ଟାଙ୍କ ନାଟ୍ୟାଦର୍ଶ ହୋଇପାରେ କିପରି ଶକ୍ତିସଂପନ୍ନ ତାହାର ବଳିଷ୍ଠ ଉଦ୍ଭାସନ ହେଉଛନ୍ତି ଜଗନ୍ମୋହନ। ନାଟକର ମୂଳ ଆଭିମୁଖ୍ୟ ଯେ ହେଉଛି ସାମାଜିକ ପରିବର୍ତ୍ତନ ତାହା ଯେପରି ଭାବରେ ପ୍ରମାଣିତ କରିଦେଇଛନ୍ତି ଜଗନ୍ମୋହନ ତାହାର ତୁଳନା କାହିଁ? ନାଟକର ସର୍ଜନା ଥିଲା କଳ୍ପନାର ସ୍ତରରେ। ତାହା ବାସ୍ତବତାର ଭୂମିରେ ପ୍ରୋଥିତ କରିଦେଇ ସେ ସୂର୍ଯ୍ୟୋଦୟର ସଂକେତ ପ୍ରଦାନ କଲେ।

ଆଜିର ନାଟ୍ୟକାର, ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ ଓ ପ୍ରାଣବାନ ଦର୍ଶକମାନେ ଏ କଥା ଜାଣିରଖିବା ଆବଶ୍ୟକ ଯେ, ଯେଉଁ ସଂସ୍କାର ଆଣିବା ପାଇଁ ଅଙ୍ଗୀକାରବଦ୍ଧ ଥିଲେ ଜଗନ୍ମୋହନ, ତାହା ନିଜ ବାସ୍ତବ ଜୀବନରେ ମଧ୍ୟ ପ୍ରୟୋଗ କରିଛନ୍ତି। ଏହି ସତ୍ୟ ଯେପରି ପ୍ରଭାବଶାଳୀ ଭାବରେ ଉପସ୍ଥାପିତ ହେବା ଏକାନ୍ତ ଜରୁରୀ, ତାହା ହୋଇ ପାରିଛି କି? ତାଙ୍କ ସ୍ରଷ୍ଟା ମାନସ ଓ ସୃଷ୍ଟି ସମ୍ପଦର ପୁନଃ ଉପସ୍ଥାପନା ହୋଇପାରିବ ଅଧିକରୁ ଅଧିକ ଅର୍ଥଦ୍ୟୋତକ। ତାଙ୍କ ବିଧବା ସୁକନ୍ୟାଟିର ପୁନଃବିବାହ କରାଇ ସେ ସାହିତ୍ୟ ଜଗତକୁ ଆଶ୍ଚର୍ଯ୍ୟ କରିଦେଇପାଇଛନ୍ତି। ଜଗନ୍ମୋହନ ବାସ୍ତବରେ ସାମାଜିକ ପରିବର୍ତ୍ତନର ବଳିଷ୍ଠ ବାର୍ତ୍ତାବହ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ପୁରୁଣା ପେନ୍‌ସନ୍ ବ୍ୟବସ୍ଥାରେ ରହିବାକୁ ଯନ୍ତ୍ରୀଙ୍କ ମାମଲା

## ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ହାଇକୋର୍ଟଙ୍କ ରହିତାଦେଶ

ଭୁବନେଶ୍ୱର, ୨।୭ (ସମିସ): ବର୍ଷବର୍ଷ ଧରି ଠିକାରେ କାମ କରିବା ପରେ ୨୦୦୫ ଜାନୁଆରୀରେ ଯନ୍ତ୍ରୀମାନେ ନିୟମିତ ହୋଇଛନ୍ତି। ସେମାନଙ୍କୁ ୧୯୯୨ର ପୁରୁଣା ପେନ୍ସନ୍ ରୁଲ୍ ଓ ୧୯୩୮ର ଜିପିଏଫ୍ ରୁଲ୍ ପରିସରରୁ ବାଦ୍ ଦେବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ନେଇଥିଲେ। ଏହା ଉପରେ ହାଇକୋର୍ଟ ରୋକ୍ ଲଗାଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୦୫ ପୂର୍ବରୁ ଠିକାରେ ଦୀର୍ଘବର୍ଷ ଧରି କାମ କରିଥିବା ବହୁ ଯନ୍ତ୍ରୀଙ୍କୁ ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ନିୟମିତ କରିଥିଲେ। ଏମାନଙ୍କ ମଧ୍ୟରୁ କେତେକ ଅବସର ଗ୍ରହଣ କରି ପୁରୁଣା ପେନ୍ସନ୍ ରୁଲ୍ ଆଧାରରେ ପେନ୍ସନ, ଜିପିଏଫ୍ ଆଦି ପାଇଛନ୍ତି। ଅନ୍ୟମାନଙ୍କର ଏବେ ବି ପ୍ରତି ମାସରେ ଜିପିଏଫ୍ ଟଙ୍କା କଟୁଛି। ତେବେ ଏଣିକି ଏଭଳି ଯନ୍ତ୍ରୀମାନଙ୍କୁ ଜିପିଏଫ୍ ବ୍ୟବସ୍ଥାରୁ ବାଦ୍ ଦେବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସର୍ବୋଚ୍ଚ ମୁଖ୍ୟ ଯନ୍ତ୍ରୀ ଗତମାସ ୬ ତାରିଖରେ ସମସ୍ତ ଦପ୍ତରକୁ ଚିଠି ଲେଖି ଆଉ ସେମାନଙ୍କ ମାସିକ ଜିପିଏଫ୍ ଜମା ଦରମାରୁ ନକାଟିବା ଲାଗି ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ଏଥିରେ କ୍ଷତିଗ୍ରସ୍ତ ହୋଇ ସୁଶାନ୍ତ ମହାପାତ୍ର ନାମକ ଜଣେ ଯନ୍ତ୍ରୀ ହାଇକୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି। ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାଟିର ବିସ୍ତୃତ ଶୁଣାଣି କରି ରାଜ୍ୟ ସରକାରଙ୍କୁ ପକ୍ଷ ରଖିବା ଲାଗି ସୁଯୋଗ ଦେବା ସହ ତାଙ୍କ ମଧ୍ୟବର୍ତ୍ତୀକାଳୀନ ଆଦେଶରେ ସଂପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କୌଣସି ପ୍ରତିକୂଳ ପଦକ୍ଷେପ ନ ନେବାକୁ କହିଛନ୍ତି।

ଆବେଦନକାରୀଙ୍କ ପକ୍ଷରୁ ଅମୀୟ କୁମାର ଛାଟୋଇ ମାମଲା ପରିଚାଳନା କରୁଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ବର୍ଷବର୍ଷ ଧରି ଠିକାରେ କାମ କରିଥିବା ବହୁ ଯନ୍ତ୍ରୀଙ୍କୁ ବିଭିନ୍ନ ସମୟରେ ନିୟମିତ କରାଯାଇଛି। ସେମାନଙ୍କ ଭିତରୁ ଅନେକ ମଧ୍ୟ ଏକାଧିକ ପଦୋନ୍ନତି ପାଇଛନ୍ତି। ଆଉ କେତେକ ଅବସର ଗ୍ରହଣ କରି ସାରିଲେଣି। ଏଭଳି ଘଟଣାରେ ଆକାଉଣ୍ଟାଣ୍ଟ ଜେନେରାଲଙ୍କ ଦପ୍ତର ଆପତ୍ତି ଉଠାଇ ଗତବର୍ଷ ଡିସେମ୍ବର ୨୬ ତାରିଖରେ ରାଜ୍ୟ ସରକାରଙ୍କୁ ଏକ ସ୍ପଷ୍ଟିକରଣ ଦେଇଥିଲେ। ତାହାରି ଆଧାରରେ ଗତ ମେ୧୭ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସର୍ବୋଚ୍ଚ ମୁଖ୍ୟ ଯନ୍ତ୍ରୀଙ୍କୁ ଏକ ପତ୍ର ଲେଖି ୨୦୦୫ ଜାନୁଆରୀ ପହିଲା ପରେ ନିୟମିତ ହୋଇଥିବା ଠିକା ଯନ୍ତ୍ରୀମାନଙ୍କୁ ପୁରୁଣା ପେନ୍ସନ୍ ରୁଲ୍ ଓ ଜିପିଏଫ୍ ରୁଲ୍‌ରୁ ପରିସରରୁ ବାଦ୍ ଦେବାକୁ କହିଥିଲେ।

ଉଲ୍ଲେଖଥାଉ କି, ୨୦୦୫ ଜାନୁଆରୀ ପହିଲାରୁ ରାଜ୍ୟ ସରକାରଙ୍କ "କଣ୍ଟ୍ରିବୁଟାରୀ ପେନ୍ସନ୍ ସ୍କିମ୍' ଲାଗୁ ହୋଇଛି। ଏହି ଆଇନ୍ ଆଧାରରେ ୨୦୦୫ ଜାନୁଆରୀ ପହିଲା ପରେ ନିଯୁକ୍ତ ରାଜ୍ୟ ସରକାରୀ କର୍ମଚାରୀମାନେ ସେମାନଙ୍କ ମାସିକ ବେତନରୁ କଣ୍ଟ୍ରିବୁଟାରୀ ପେନ୍‌ସନ୍ ସ୍କିମ୍‌ରେ ନିର୍ଦ୍ଧାରିତ ଅର୍ଥ ଜମା କରିବା କଥା ଏବଂ ଏହି ଆଧାରରେ ସେମାନେ ପ୍ରୋଭିଡେଣ୍ଟ ଫଣ୍ଡର ଅର୍ଥ ଫେରସ୍ତ ପାଇବା ସହ ଜମା ଅର୍ଥ ଭିତ୍ତିରେ ମାସିକ ପେନ୍‌ସନ୍ ପାଇବେ। ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ ପାଇବା ପରେ ସରକାର ବିଭିନ୍ନ ଦିଗ ପ୍ରସଂଗରେ ତର୍ଜମା କରୁଛନ୍ତି। ତଦନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବରିଷ୍ଠ ଅଧିକାରୀ କହିଛନ୍ତି।

### ବଦଳିଲା ପିସିସି ନିର୍ଦ୍ଦେଶନାମା

## ମଧ୍ୟବର୍ତ୍ତୀକାଳୀନ ଜିଲ୍ଲା ସଭାପତି ସଂଯୋଜକ ନିଯୁକ୍ତ

ଭୁବନେଶ୍ୱର,୨।୭ (ସମିସ): ଓଡିଶା କଂଗ୍ରେସ ଆପଣାଇବ ଗୁଜରାଟ ମଡେଲ। "ସଂଗଠନ ସୃଜନ' ମାଧ୍ୟମରେ ଜିଲ୍ଲାସଭାପତି ଚୟନ କରାଯିବ। ମାସେ ଭିତରେ ଏହି ପ୍ରକ୍ରିୟା ସରିବ ଓ ଖୁବଶୀଘ୍ର ରାଜ୍ୟର ସମସ୍ତ ୩୫ ଟି ସାଂଗଠନିକ ଜିଲ୍ଲା ପାଇଁ କଂଗ୍ରେସ ଜିଲ୍ଲା ସଭାପତି ଘୋଷଣା କରିବ। ସୁପାରିସ କିମ୍ବା ଲବି ବଦଳରେ ଜିଲ୍ଲାସ୍ତରରୁ ଏଆଇସିସିର ଟିମ ଜିଲ୍ଲା ସଭାପତି ଚୟନ କରିବେ। ପଡୋଶୀ ରାଜ୍ୟ ଓ ପିସିସି ସ୍ତରର ଜଣେ ଜଣେ ନେତା ଜିଲ୍ଲା ଗସ୍ତରେ ଯିବେ। ସେମାନେ ଲଗାତାର କିଛି ଦିନ ଧରି ଜିଲ୍ଲାସ୍ତରୀୟ ସଂଗଠନର ତର୍ଜମା କରିବେ। ଏହାପରେ ସେହି ସଦସ୍ୟମାନେ ଜିଲ୍ଲାର ସଭାପତି ଓ କମିଟି ଗଠନ କିଭଳି ହେବ ତାହା ଚୟନ କରିବେ ବୋଲି ନିଷ୍ପତ୍ତି ହୋଇଛି। ୬ ରୁ ୮ ଜଣଙ୍କୁ ନେଇ ଜିଲ୍ଲା କମିଟି ଗଠନ ହେବ ବୋଲି ଜଣାପଡ଼ିଛି।

ପିସିସି ସଭାପତି ଭକ୍ତ ଚରଣ ଦାସ ମଧ୍ୟ ଜିଲ୍ଲା ସଭାପତି ଚୟନ ପ୍ରକ୍ରିୟାରେ ପ୍ରତିକ୍ରିୟା ଦେଇ ପିସିସିର ୩୫ଟି ସାଂଗଠନିକ ଜିଲ୍ଲା ସଭାପତି ଚୟନ କରିବାକୁ ଏଆଇସିସି ଓଡିଶାରେ ଗୁଜରାଟ ମଡେଲ ଆପଣାଇଛି। ଗୁଜରାଟ ମଡେଲ ଦ୍ୱାରା ଜିଲ୍ଲା ସଭାପତିଙ୍କୁ ଅଧିକ କ୍ଷମତା ଦିଆଯିବ ବୋଲି କହିଛନ୍ତି। ଏହି ପ୍ରକ୍ରିୟା ଆସନ୍ତା ମାସରେ ଆରମ୍ଭ ହୋଇ ଏକ ମାସ ମଧ୍ୟରେ ସରିବ ବୋଲି ପିସିସି ସଭାପତି କହିଛନ୍ତି। "ସଂଗଠନ ସୃଜନ' ନାମରେ ଅଭିଯାନ ଆରମ୍ଭ କରାଯିବ। ଅନ୍ୟପଟେ ନିକଟରେ ପିସିସି ପକ୍ଷରୁ ରାଜ୍ୟର ୩୨ ଟି ସାଂଗଠନିକ ଜିଲ୍ଲା ପାଇଁ ଯେମାନନଙ୍କୁ ମଧ୍ୟବର୍ତ୍ତୀକାଳୀନ ସଭାପତି ଭାବେ ଘୋଷଣା କରାଯାଇଥିଲା ସେମାନଙ୍କୁ ଏବେ "ଜିଲ୍ଲା ସଂଯୋଜକ' ଭାବେ ନାମିତ କରାଯାଇଛି। ଆଜି ଏନେଇ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି।

ଆସନ୍ତା ୧୧ ତାରିଖରେ ରାହୁଲ ଗାନ୍ଧୀ ଓଡ଼ିଶା ଆସୁଛନ୍ତି। ତାଙ୍କ ଗସ୍ତକୁ ଦୃଷ୍ଟିରେ ରଖି ୩୨ ଟି ଜିଲ୍ଲା ପାଇଁ ସଂଯୋଜକ ନିଯୁକ୍ତ କରାଯାଇଥିବା ଜଣାପଡ଼ିଛି। ଦିନିକିଆ ଓଡିଶା ଗସ୍ତରେ ରାହୁଲ ଗାନ୍ଧୀ ସମାବେଶରେ ଯୋଗଦେଇ କଂଗ୍ରେସ କର୍ମୀଙ୍କୁ ଗୁରୁମନ୍ତ୍ର ଦେବା ସହ ଦଳୀୟ କର୍ମୀଙ୍କ ସହ ଆଲୋଚନା କରିବାର କାର୍ଯକ୍ରମ ରହିଛି। ରାହୁଲଙ୍କ ଓଡିଶାଗସ୍ତ ନେଇ ଉତ୍ସାହିତ ଅଛନ୍ତି କଂଗ୍ରେସ କର୍ମୀ ଓ ନେତା। ଡବଲ ଇଞ୍ଜିନ ସରକାରଙ୍କ ବିଫଳତାକୁ ରାହୁଲ ମୁଖ୍ୟ ପ୍ରସଙ୍ଗ କରି ଦଳୀୟ କର୍ମୀଙ୍କୁ ଗୁରୁମନ୍ତ୍ର ଦେବେ ବୋଲି ବରିଷ୍ଠ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି।

## ପରିତ୍ୟକ୍ତ ଖଣିରେ ଅତଡ଼ା ଖସି ୩ ମୃତ

ଯୋଡ଼ା, ୨।୭ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ବିଚାକୁଣ୍ଡି, ଦଲପାହାଡ଼ ନିକଟ ବୈତରଣୀ ସଂରକ୍ଷିତ ଜଙ୍ଗଲରେ ଅଭାବନୀୟ ଘଟଣା ଘଟିଯାଇଛି। ଅପରାହ୍ଣ ସମୟରେ ଏକ ବେଆଇନ ମାଙ୍ଗାନିଜ ଖଣିରେ କାମ





କରୁଥିବା ବେଳେ ତିନିଜଣ ନିରୀହ ଶ୍ରମିକ ମାଟି ଅତଡ଼ା ଖସିବାରୁ ପ୍ରାଣ ହରାଇଛନ୍ତି। ପ୍ରବଳ ବର୍ଷାରେ ମାଟି ଅତଡ଼ା ଖସି ପଡ଼ିବା ଫଳରେ ସେମାନେ ଚାପିହୋଇ ରହିଯାଇଥିଲେ। ମୃତ ଶ୍ରମିକମାନେ ହେଲେ ଯୋଡ଼ା ଥାନା ବିଚାକୁଣ୍ଡି ମୁଣ୍ଡା ବସ୍ତିର ସନ୍ଦୀପ ପୂର୍ତ୍ତି (୩୨), ଗୁରୁ ଚାମ୍ପିଆ (୧୯) ଓ କାଣ୍ଡେ ମୁଣ୍ଡା (୧୮)। ବନ ବିଭାଗ, ପୁଲିସ୍ ଏବଂ ଅଗ୍ନିଶମ ବିଭାଗ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାମ ଆରମ୍ଭ ହୋଇଥିଲା। ଘଞ୍ଚ ଜଙ୍ଗଲ ଭିତରେ ପାଦରେ ଚାଲି ଯିବାକୁ ପଡୁଥିବାରୁ ପ୍ରାୟ ୬ ଘଣ୍ଟାର କଠିନ ପରିଶ୍ରମ ପରେ ଉଦ୍ଧାର କାର୍ଯ୍ୟ ଶେଷ ହୋଇଥିଲା। ୩ଟି ମୃତଦେହକୁ ଅତଡ଼ା ଭିତରୁ ବାହାର କରାଯାଇ ବୁଧବାର ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଯୋଡ଼ା ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ଏଭଳି ବିପଦପୂର୍ଣ୍ଣ ସ୍ଥାନରେ ଏହି ନିରୀହ ଶ୍ରମିକଙ୍କୁ ଆଣି କିଏ କାମରେ ଲଗାଇଥିଲା, କେବେଠାରୁ ଏଠାରେ ବେଆଇନ୍ ଖଣି ଖନନ କରାଯାଇ ମାଙ୍ଗାନିଜ ଉତ୍ତୋଳନ କରାଯାଉଥିଲା ଓ ଘଟଣାରେ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି; ଏ ସଂକ୍ରାନ୍ତରେ ପୁଲିସ ଖୋଳତାଡ଼ ଆରମ୍ଭ କରୁଛି। ମୃତକଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ବିଚାକୁଣ୍ଡି ମୁଣ୍ଡା ବସ୍ତିର ସରୋଜ ମୁଣ୍ଡା ଓରଫ୍ ଡେଙ୍ଗରା ନାମକ ଜଣେ ବ୍ୟକ୍ତି ଏମାନଙ୍କୁ ନେଇ ଏହି ଚୋରା ଖନନ କାମରେ ଲଗାଇଥିଲା। ଘଟଣା ପରଠାରୁ ସରୋଜ ଫେରାର ଥିବା ସେମାନେ କହିଛନ୍ତି। ତାକୁ ଧରିବା ସହ ମୃତକଙ୍କ ପରିବାରକୁ ସହାୟତା ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରଶାସନ ଅଚଳ...

କାର୍ଯ୍ୟ ବନ୍ଦ କରିଦେଇଛନ୍ତି। ସେହିପରି ଅନ୍ୟ ପ୍ରଶାସନିକ ସେବା ସଂଘ ମଧ୍ୟ ଓଏଏସ୍ ସଂଘକୁ ସମର୍ଥନ ଜଣାଇଛି।

ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାକୁ ୩ ଦିନ ବିତିଯିବା ପରେ ମଧ୍ୟ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଗିରଫ ନ ହେବା ଯୋଗୁଁ ବୁଧବାର ସକାଳେ ଓଏଏସ୍ ସଂଘ ପୂନର୍ବାର ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଭେଟିଥିଲେ। ଏହି ସମୟରେ ସଂଘ ପକ୍ଷରୁ ଏକ ବିସ୍ତୃତ ଦାବିପତ୍ର ଦିଆଯାଇଥିବା ବେଳେ ୩ ଟି ମୁଖ୍ୟ ଦାବି ଉପରେ କୌଣସି ସାଲିସ୍ କରାଯିବ ନାହିଁ ବୋଲି ସଂଘ ରୋକଠୋକ୍ କହିଥିଲା। ଓଏଏସ୍ ରତ୍ନାକର ସାହୁଙ୍କ ଆକ୍ରମଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ତଥା 'କିଙ୍ଗପିନ୍' ଜଗନ୍ନାଥ ପ୍ରଧାନଙ୍କ ଗିରଫ ନିମନ୍ତେ ସଂଘ ଦାବି କରିଥିଲା। ଏହା ସହ ରାଜ୍ୟର ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀ ଯଥା ତହସିଲଦାର, ଉପ-ଜିଲ୍ଲାପାଳ, ବିଡିଓ ଓ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଦାବି କରାଯାଇଥିଲା। ଓ ତୃତୀୟ ଦାବି ଭାବରେ ରତ୍ନାକର ସାହୁଙ୍କ ଆକ୍ରମଣ ଘଟଣାକୁ ସରକାର ନିନ୍ଦା କରିବା ସହ ଅଧିକାରୀଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଦାବି କରାଯାଇଥିଲା। ଯେପର୍ଯ୍ୟନ୍ତ ସରକାର ଏହି ଦାବି ଉପରେ କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି ଓଏଏସ୍ ସଂଘ ସମୂହ ଛୁଟିରେ ରହିବ ବୋଲି ସଂଘ ସ୍ପଷ୍ଟ କରିଛି।

ଅନ୍ୟପଟେ ରାଜ୍ୟରେ ଘଟିଥିବା ଏହି ଘଟଣା ଏବେ ଜାତୀୟ ସ୍ତରରେ ମଧ୍ୟ ଓଡ଼ିଶା ପାଇଁ ନିନ୍ଦା ଆଣିଛି। ଖୋଦ୍ ରାଜଧାନୀ ଭୁବନେଶ୍ୱର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଓ ପ୍ରମୁଖ କାର୍ଯ୍ୟାଳୟରେ ଜଣେ ବରିଷ୍ଠ ଅଧିକାରୀଙ୍କ ଉପରେ ମାଡ଼ ଘଟଣାକୁ ଜାତୀୟ ସ୍ତରରେ ନିନ୍ଦା କରାଯାଉଛି। ଜାତୀୟ ଗଣମାଧ୍ୟମଗୁଡ଼ିକରେ ମଧ୍ୟ ଏହି ଖବର ବଡ଼ ପ୍ରସଙ୍ଗ ପାଲଟିଛି। ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଏହାକୁ ଜଙ୍ଗଲରାଜ୍‌ର ଆଖ୍ୟା ଦିଆଯାଉଥିବା ବେଳେ ଜାତୀୟ କଂଗ୍ରେସ ଓ ଅନ୍ୟ ରାଜ୍ୟଗୁଡ଼ିକରେ ଥିବା ଆଞ୍ଚଳିକ ଦଳର ବରିଷ୍ଠ ନେତାମାନେ ମଧ୍ୟ ଏହି ଘଟଣାକୁ ନିନ୍ଦା କରିବା ସହ ବିଜେପି ସରକାର ଉପରେ ବର୍ଷିଛନ୍ତି। ପୂର୍ବରୁ ଓଏଏସ୍ ସଂଘ ପକ୍ଷରୁ ଆହୂତ ସମୂହ ଛୁଟି ଡାକରା ଆନ୍ଦୋଳନକୁ ରାଜ୍ୟ ଓଆର୍‌ଏସ୍ ସଂଘ, ଓଏଫ୍‌ଏସ୍ ସଂଘ, ଓଡ଼ିଶା ସୂଚନା ସେବା ସଂଘ, ଓଡ଼ିଶା କୃଷି ସେବା ସଂଘ ସମର୍ଥନ ଜଣାଇଥିବା ବେଳେ ବୁଧବାର ଓଡ଼ିଶା ସଚିବାଳୟ ସମୀକ୍ଷକ ସେବା ସଂଘ, ଓଡ଼ିଶା ଅଧସ୍ତନ ଅର୍ଥ ସେବା ସଂଘ ଓଏଏସ୍ ସଂଘକୁ ସମର୍ଥନ ଜଣାଇଛି। ତେବେ ରାଜ୍ୟରେ ବର୍ତ୍ତମାନ ବିଭିନ୍ନ ଜିଲ୍ଲାରେ ବନ୍ୟା ସ୍ଥିତି ଉପୁଜିଥିବା ବେଳେ ଓଆର୍‌ଏସ୍ ଅଧିକାରୀମାନଙ୍କର ରାଜ୍ୟ ସରକାର ସହଯୋଗ ଲୋଡ଼ିଥିଲେ। ରାଜସ୍ୱ ମନ୍ତ୍ରୀ ଏନେଇ ଓଆର୍‌ଏସ୍ ସଂଘ ସହ ଆଲୋଚନା କରିବା ପରେ ସେମାନେ କେବଳ ବନ୍ୟା ମୁକାବିଲା ଓ ରଥଯାତ୍ରା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହିଁ ସହଯୋଗ କରିବେ ବୋଲି କହିଛନ୍ତି। ମାତ୍ର ଦାବି ପୂରଣ ନ ହେବା ଯାଏ ସେମାନେ ଅନ୍ୟ କୌଣସି ପ୍ରଶାସନିକ କାର୍ଯ୍ୟ କରିବେ ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି।

### ଅକଳରେ ସରକାର...

ତାଙ୍କ ସହ ଆଲୋଚନା କଲି। ଏବେ ମୁଁ ମୋ ଘରକୁ ଯାଉଛି ବୋଲି କହି ଜଗନ୍ନାଥ ନିଜ ଘରକୁ ଫେରି ଯାଇଛନ୍ତି। ସେହିପରି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରତିକ୍ରିୟା ରଖିଛନ୍ତି। ଓଏଏସ ସଂଘ ଜଗନ୍ନାଥଙ୍କୁ ଗିରଫଦାରୀ ନେଇ ଅଡ଼ି ବସିଥିବା ବେଳେ ତାଙ୍କ ବିରୋଧରେ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବକି ବୋଲି ସାମ୍ବାଦିକ ପ୍ରଶ୍ନ କରିଥିଲେ। ଏନେଇ ସରକାର ଚିନ୍ତା କରୁଛନ୍ତି ବୋଲି ମନମୋହନ ଧାଡ଼ିକିଆ ଉତ୍ତର ରଖିଛନ୍ତି। ଜଗନ୍ନାଥ ପ୍ରସଙ୍ଗରୁ ଦଳ ନିଜକୁ ଦୂରେଇ ନେବା ଏବେ ସରକାରଙ୍କ ପାଇଁ ଆହ୍ୱାନ ପାଲଟିଛି। ଜଗନ୍ନାଥଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବକି ନାହିଁ ସେନେଇ ସରକାର ଅଠାକାଠିରେ ପଡ଼ିଛନ୍ତି। ରାଜ୍ୟ କାର୍ଯାଳୟକୁ ଆସିବା ପୂର୍ବରୁ ଜଗନ୍ନାଥ ପ୍ରଧାନ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରିଥିଲେ। ରାଜ୍ୟରେ ପ୍ରଶାସନିକ ଅଚଳାବସ୍ଥା ଆଡ଼କୁ ଗତି କରୁଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଯିବାକୁ ଯାଉଛି। ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ଏବଂ ଆମ ସରକାର ହିତ ପାଇଁ ମୁଁ ଆଇନକୁ ସମ୍ମାନ ଦେଉଛି। ଆଇନ ଅନୁସାରେ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ, ସେଥିରେ ମୁଁ ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି ସେ ଉଲ୍ଲେଖ କରିଥିଲେ। ଜଗନ୍ନାଥଙ୍କ ଏପରି ପୋଷ୍ଟ ପରେ ତାଙ୍କ ଗିରଫଦାରି ଚର୍ଚ୍ଚା ବଢ଼ିଥିଲା।

ଅପରପକ୍ଷେ ଗଣମାଧ୍ୟମକୁ ସୂଚନା ଦେଇ ମନମୋହନ ସାମଲ କହିଥିଲେ ଯେ ଆମେ ଜଗନ୍ନାଥ ପ୍ରଧାନଙ୍କୁ ଡାକି ଆଲୋଚନା କଲୁ। ଦଳର ଆଭ୍ୟନ୍ତରୀଣ କଥାକୁ ଗଣମାଧ୍ୟମ ଆଗରେ କୁହାଯାଇପାରିବ ନାହିଁ। ତେବେ ଓଏଏସ ରତ୍ନାକର ସାହୁଙ୍କ ଉପରେ ଆକ୍ରମଣ ଘଟଣାକୁ ଦଳ ପକ୍ଷରୁ ନିନ୍ଦା ସହ ଏବଂ ସମସ୍ତେ ବାରମ୍ବାର ଦୁଃଖ ପ୍ରକାଶ କରିଛନ୍ତି। ତେଣୁ ଏହାକୁ ନେଇ ବାରମ୍ବାର ଆଲୋଚନା କରିବା ଉଚିତ୍ ନୁହେଁ ବୋଲି ମନମୋହନ ଜବାବ ରଖିଛନ୍ତି। ରାଜ୍ୟ ବିଜେପି ସଭାପତି ଏବଂ ଜଗନ୍ନାଥଙ୍କ ଆଭିମୁଖ୍ୟ ସରକାରଙ୍କୁ ସଙ୍କଟରେ ପକାଇବ ବୋଲି ମତ ଦେଇଛନ୍ତି ରାଜନୈତିକ ସମୀକ୍ଷକ। ଯଦି ଜଗନ୍ନାଥଙ୍କୁ ଗିରଫ କରାନଯାଏ, ତାହେଲେ ଓଏଏସ ଅଧିକାରୀ କାର୍ଯ୍ୟରେ ଯୋଗଦେବେ ନାହିଁ। ୨ ଦିନ ଧରି ଏହା ରାଜ୍ୟରେ ସରକାରୀ କାର୍ଯ୍ୟକୁ ଠପ୍ କରିଦେଲାଣି। ଓଏଏସ ସଂଗଠନର ଏପରି ଆଭିମୁଖ୍ୟ ଆଗକୁ ଆହୁରି ବଡ଼ ସମସ୍ୟା ସୃଷ୍ଟି କରିପାରେ। ତେଣୁ ଯଥାଶୀଘ୍ର ଏହି ସମସ୍ୟାର ସମାଧାନ ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ହସ୍‌ପିଟାଲରେ ରତ୍ନାକର...

ବୁଧବାର ରତ୍ନାକର ବିଏମ୍‌ସି କାର୍ଯ୍ୟାଳୟକୁ ଆସିଥିଲେ। ବିଏମ୍‌ସର ସୁରକ୍ଷା ସମ୍ବନ୍ଧୀୟ ଏକ ବୈଠକରେ ଯୋଗ ଦେଇଥିଲେ। ଏହାପରେ ପୁଲିସ କମିଶନର ଏବଂ ମେୟରଙ୍କ ସହ ଆଲୋଚନା ହୋଇଥିଲା। କିଛି ଗୁରୁତ୍ୱପୂର୍ଣ୍ଣ ଘଟଣାରେ ତାଙ୍କ ଅନ୍ୟ ସହଯୋଗୀଙ୍କ ସହ ଆଲୋଚନା ହୋଇଥିଲା। ଏହା ପରେ ସେ ବସିଥିବାବେଳେ ଅକସ୍ମାତ ଚୌକିରୁ ପଡ଼ିଯାଇ ଅଚେତ ହୋଇ ଯାଇଥିଲେ। କିଛି ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ ରତ୍ନାକର ମାଡ଼ ଖାଇବା ପରେ ପ୍ରବଳ ମାନସିକ ଚାପରେ ରହୁଛନ୍ତି। ତାଙ୍କୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଚାପ ପ୍ରୟୋଗ କରାଯାଉଛି। ଦିନ ପ୍ରାୟ ୪ଟା ୩୦ସମୟରେ ସେ ଅଚାନକ ଝାନନାଳ ହୋଇଯାଇଥିଲେ। ଏହାପରେ ବେହୋସ ହୋଇଯାଇଥିଲେ। ପରେ ଗୁରୁତର ଅବସ୍ଥାରେ ହସ୍ପିଟାରରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ରୁଷିଛି ଜଗା...

ବିଳମ୍ବ ଯୋଗୁଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଗଡ଼ିପାରି ନାହିଁ। ଗୁରୁବାର ନନ୍ଦିଘୋଷ ରଥକୁ ଦକ୍ଷିଣ ମୋଡ଼ କରାଯିବ। ମଧ୍ୟାହ୍ନ ସାଢ଼େ ୧୨ଟାରେ ଆଜ୍ଞାମାଳ ବିଜେ ହେବା ଲାଗି ସମୟ ନିର୍ଘଣ୍ଟ ହୋଇଥିଲା। ହେଲେ ଦେଢ଼ ଘଣ୍ଟା ବିଳମ୍ବରେ ଅର୍ଥାତ୍ ଅପରାହ୍ନ ୨ଟାରେ ଆଜ୍ଞାମାଳ ବିଜେ ହୋଇଥିଲା।

ନବଦିନାତ୍ମକ ଯାତ୍ରାରେ ବାହାରିଥିବା ଚତୁର୍ଦ୍ଧାବିଗ୍ରହ ଏବେ ଆଡ଼ପଣ୍ଡପରେ ଅବସ୍ଥାନ କରି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଠାକୁରଙ୍କ ନୀତିକାନ୍ତି ସୁରୁଖୁରରେ ଚାଲିଛି। ମଙ୍ଗଳବାର ହେରାପଞ୍ଚମୀ ନୀତି ବିଳମ୍ବ ହୋଇଥିଲା। ତେଣୁ ବୁଧବାର ସକାଳ ୭ଟା ୫୫ରେ ମଙ୍ଗଳ ଆଳତି ହୋଇଥିଲା। ସକାଳ ୯ଟା ୪୫ରେ ଅବକାଶ ନୀତି ବଢ଼ିବା ପରେ ସାହାଣମେଲା ଦର୍ଶନ ହୋଇଥିଲା। ପରେ ଦ୍ୱାରପାଳ ପୂଜା ଶେଷ ହୋଇ ଅପରାହ୍ନ ୧ଟାରେ ସକାଳ ଧୂପ ଓ ଭୋଗମଣ୍ଡପ ଉଠିବା ପରେ ୨ଟାରେ ଆଜ୍ଞାମାଳ ବିଜେ ହୋଇଥିଲା। ତିନିଠାକୁରଙ୍କ ଆଜ୍ଞାମାଳ ନେଇ ତିନିବାଡ଼ର ପୂଜାପଣ୍ଡା ସାମନ୍ତ ରଥ ପାଖକୁ ଆସିଥିଲେ। ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରହିଥିବା ତିନିରଥକୁ ବାହୁଡ଼ା ବିଜେ ଲାଗି ଆଜ୍ଞାମାଳ ପ୍ରଦାନ କରିଥିଲେ। ଏହାପରେ ବିଜେ କାହାଳୀ, ଘଣ୍ଟଘଣ୍ଟା ବାଜିବା ପରେ ଦେବଦଳନ ରଥର ଦକ୍ଷିଣ ମୋଡ଼ ଆରମ୍ଭ ହୋଇଥିଲା। ପୂର୍ବରୁ ଭୋଇ ସେବକଙ୍କ ଦ୍ୱାରା ରଥର ବ୍ରେକ ଓ ଦଉଡ଼ି ସଂଯୋଗ କରାଯାଇଥିଲା। ରାସ୍ତାର ଦୁଇପାଖରେ ଦକ୍ଷିଣ ମୋଡ଼ ପାଇଁ ବାଲି ପକାଯାଇଥିଲା। ପୁଲିସ କର୍ମଚାରୀମାନେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ବଡ଼ଶଙ୍ଖ ପର୍ଯ୍ୟନ୍ତ ଦେବଦଳନ ରଥକୁ ଟାଣି ନେଇଥିଲେ। ସେଠାରେ ରଥକୁ ବୁଲାଯାଇ ନାକଚଣା ଦ୍ୱାରକୁ ଅଣାଯାଇଥିଲା। ପ୍ରଥମେ ଦେବଦଳନ ରଥ ନାକଚଣା ଦ୍ୱାର ସମ୍ମୁଖରେ ଲାଗିଥିଲା। ପରେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇ ସନ୍ଧ୍ୟା ସାଢ଼େ ୬ଟା ସୁଦ୍ଧା ନାକଚଣା ଦ୍ୱାରରେ ପହଞ୍ଚିଥିଲା। ତେବେ ଅସରାଏ ବର୍ଷା ଏବଂ ସନ୍ଧ୍ୟା ହୋଇଯିବାରୁ ନନ୍ଦିଘୋଷ ରଥକୁ ଦକ୍ଷିଣ ମୋଡ଼ କରାଯାଇ ପାରିନାହିଁ। ଗୁରୁବାର ସକାଳ ୯ ଟାରେ ନନ୍ଦିଘୋଷ ରଥ ଦକ୍ଷିଣ ମୋଡ଼ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ପୋଖରୀରୁ ବୃଦ୍ଧଙ୍କ...

ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁଲିସ ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରିଛି। ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ର ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ଗତ ଶୁକ୍ରବାର ମାହତୋ ତାଙ୍କ ଜଣେ ପଡୋଶୀଙ୍କ ଘରକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ବିଫଳ ହେବା ପରେ ପୁଅ ରବି ଓରାମ ସୋମବାର ଏନେଇ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୁଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବୁଧବାର ମୃତଦେହ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେହିପରି ସଂପୃକ୍ତ ପଡୋଶୀ ପରିବାରର ଲୋକଙ୍କୁ ଥାନାରେ ଅଟକ ରଖି ପୁଲିସ ପଚରାଉଚରା କରୁଛି। ଏସ୍‌ଡିପିଓ ଶ୍ରୀ ମହାପାତ୍ର ଏବଂ ଆଇଆଇସି ସସ୍ମିତା ଦେବତାଙ୍କ ତତ୍ତ୍ୱାବଧାନରେ ସବ୍‌ଇନ୍ସପେକ୍ଟର ସୁଶିଲ କୁମାର ବଗର୍ତ୍ତୀ ତଦନ୍ତ ଅଧିକାରୀ ଭାବେ ଘଟଣାର ତଦନ୍ତ କରୁଛନ୍ତି।


**WANTED**

ବୟସ୍କ ଲୋକ କେୟାର, ବେବିକେୟାର ଓ ରୋଷେଇ, ଘର କାମ ପାଇଁ ତିନିଜଣ ମହିଳା ଆବଶ୍ୟକ, ଭଲ ଦରମା ମିଳିବ

**6370964966**

**AFFIDAVIT**

By virtue of an affidavit Sl. No.-379, dtd. 24.06.2025 before Notary Public, Bhubaneswar, I , Dhiren Kumar Nayak have changed my name from Diran Kumar Nayak to Dhiren Kumar Nayak. Henceforth I shall be known as **Dhiren Kumar Nayak** for all purposes.

Sd/- Dhiren Kumar Nayak

**AFFIDAVIT**

By virtue of an affidavit Sworn before Notary Public, Salipur on dated 1st July 2025. I, Mr. Srikanta Malik, S/o- Sindhunath Malik, Resident of Village : At/Po-Mahakalpada, Dist-Jajpur, Pin-754214 , State-Odisha , I have changed my minor sons name from "S.S Shriansh" to "Shriansh Malik". Henceforth, He shall be known as **"Shriansh Malik "** for all Purpose.

Srikanta Malik

**AFFIDAVIT**

I, Punam Agarwal, D/o.: Dillip Agrawal, resident of At: Bazarpada (Madanmohanpada), PO./P.S./Dist.: Angul, PIN-759122, Odisha, declare by this affidavit No.: 1846, dated-19/06/2025, that now onwards I shall be known as **POONAM AGRAWAL** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated-01/07/2025. I, **Biranchi Gahir** (Applicant name), Son of Rushi Gahir, Permanent resident of At- Arshatula, P.O. Parasara, P.S. Sindhekela, Dist. Balangir, (Odisha), PIN- 767035 now residing at the same place affirm that I have changed my minor daughter's name from **Laps Mudra** (old name) To **Lopamudra Gahir** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Lopamudra Gahir** (new name).

**Biranchi Gahir**

**AFFIDAVIT**

By virtue of an affidavit before the Executive Magistrate, Jajpur. I, Manasi Nath of Vill.- Jafarpur, P.O.- Adanga Purusottampur, P.S.- Jajpur Sadar, Dist.- Jajpur, Odisha, do hereby declare that my son's actual name is Jyoti Ranjan Nath mentioned in his Birth Certificate But in his Aadhar card wrongly mentioned as Jotirajan Natha. Henceforth he shall be known as **Jyoti Ranjan Nath** for all purposes.

Sd/- Manasi Nath

**AFFIDAVIT**

I, Subhashree Mohapatra, aged about 46 years, W/o- Ranjit Mahapatra, resident of At- Ainipur, Po- Kalarabank, Ps- Kishannagar, Dist- Cuttack, Odisha, Pin- 754298 declare by this affidavit No. 1262, dtd- 02/07/2025, that now onwards I shall be known as **SHUBHASHREE MOHAPATRA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Banpur, dated 30/06/2025 I, Jogendra Bariki, S/o- Chintamani Bariki of Address At- Sarubaripadar, Po/Ps- Banpur, Dist.- Khordha declare that I have changed my name from Jogendra Barik to Jogendra Bariki. Henceforth, I shall be known as **Jogendra Bariki** for all purposes.

**AFFIDAVIT**

By virtue of an affidavit before Tahasildar cum Executive Magistrate laxmipur No 676, dated 26.06.2025, I Sri Ranjit Kumar Mahanandia, S/o Kamdeba Mahanandia, Village - Sarisapadar, Po. - Toyaput, PS - Laxmipur, Dist - Koraput, Odisha declare that I have changed my son's name from **Pritam Mahanandia** to **Subham Mahanandia**. Hence forth he will be known as **Subham Mahanandia** for all purposes.

**AFFIDAVIT**

**By virtue of an affidavit sworn before Executive Magistrate, Bhubaneswar, CF NO: 99, on Dated 01.07.2025, I, SASMITA PADHY, D/o Late Raghunath Panda, W/o Nilamadhab Padhy resident of HIG-1, BDA Duplex Phase-1, Pokhariput Bhubaneswar, Khorda, Pin - 751020, I have changed my name from SASMITA PANDA (Old Name) to SASMITA PADHY (New Name). Henceforth, I shall be known as SASMITA PADHY for all purposes.**

Sd- SASMITA PADHY

OFFICE OF THE PRINCIPAL
**PANCHAYAT SAMITI DEGREE COLLEGE**
AT/P.O.: BANGOMUNDA, DIST. BALANGIR (ODISHA) 767040
Mob: 9078208298

**CANCELLATION OF TENDER CALL NOTICE**

The Tender Call Notice published on Odia daily 'The Sakala' on dated 1st June 2025 for supply of IT Infrastructure hereby cancelled due to some un-avoidable reason.

Sd/- Principal,
P.S. Degree College, Bangomunda

**THE SAMBALPUR DISTRICT CO-OPERATIVE CENTRAL BANK**
HEAD OFFICE: BARGARH - 768028
SDCCB
Email: headoffice@sambalpurdccb.com

**Quotation Call Notice**

The Sambalpur District Co-operative Central Bank (SDCCB) invites Quotation call notice for purchase of Saleable & Non-Saleable articles for Branches & H.O. under the Sambalpur District Co-Operative Central Bank Ltd. (SDCCB), Bargarh, Odisha.

For details please visit Bank's website: **www.sambalpurdccb.com.** The last date for receipt of proposal is **11.07.2025 at 3.00 PM.**

SDCCB reserves the right to accept/reject any/all Quotation without assigning any reason thereof.

Sd/-Chief Executive Officer

**AFFIDAVIT**

I NEHA PATEL , W/o NAVEEN PATEL, resident of MAHATAMA GANDHI ROAD, Po / PS -Jeypore, Dt-Koraput, odisha -764 001, Odisha declare by this Affidavit No.,2932, Dated 02/07/2025,that now onwards I shall be known as **NEETA PATEL** for all future purpose.

**AFFIDAVIT**

I, Ranjit Mohapatra, aged about 50 years, S/o- Ramachandra Mahapatra, resident of At- Ainipur, Po- Kalarabank, Ps- Kishannagar, Dist- Cuttack, Odisha, Pin- 754298 declare by this affidavit No. 1263, dtd- 02/07/2025, that now onwards I shall be known as **RANJIT MAHAPATRA** for all future purposes.

**RAISUAN HIGHER SECONDARY SCHOOL**
AT/P.O.-RAISUAN, DIST-KEONJHAR

**WALK-IN INTERVIEW**

A walk-in-interview will be held in the college premises for the Contractual Engagement for the post of 1 no of **Peon, One Lady Attendant, and one Night Watchman** on **dt. 12.07.2025 (Saturday).** The interested candidates having minimum 8th pass may attend the same with all relevant testimonials. Preference will be given to Retired and Experienced candidates.

Sd/-Principal
Raisuan Higher Secondary School
Raisuan

**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. CAOCRSPBBS-11-2025, ତା.23.06.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ହାଓଡ଼ା - ବିଶାଖାପାଟଣା ମେନ୍ ଲାଇନରେ ସୁର୍ଲା ରୋଡ଼ - ଇଚ୍ଛାପୁରମ ଷ୍ଟେସନ ମଧ୍ୟରେ ରେଲୱେ କି.ମି. 622/1-3 ଠାରେ ଲେଭେଲ୍ କ୍ରସିଙ୍ଗ୍ ନଂ. 326 ପରିବର୍ତ୍ତେ ରୋଡ଼ ଓଭର ବ୍ରିଜ୍ (ROB) (1 X 36.0 ମିଟର କମ୍ପୋଜିଟ୍ ଗର୍ଡ଼ର + 2 X 24.0 ମିଟର କମ୍ପୋଜିଟ୍ ଗର୍ଡ଼ର + 4 X 14.5 ମିଟର T-Beam ଗର୍ଡ଼ର)ର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 6126.73 ଲକ୍ଷ, **EMD :** ₹ 32,13,400/-

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. CAOCRSPBBS-12-2025, ତା.26.06.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ହାଓଡ଼ା - ବିଶାଖାପାଟଣା ମେନ୍ ଲାଇନରେ ମନ୍ଦସା - ବାରୁଭା ଷ୍ଟେସନ ମଧ୍ୟରେ ରେଲୱେ କି.ମି. 655/25-27 ଠାରେ ଲେଭେଲ୍ କ୍ରସିଙ୍ଗ୍ ନଂ. 353 ପରିବର୍ତ୍ତେ ରୋଡ଼ ଓଭର ବ୍ରିଜ୍ (ROB) (1 X 36.0 ମିଟର କମ୍ପୋଜିଟ୍ ଗର୍ଡ଼ର + 2 X 24.0 ମିଟର କମ୍ପୋଜିଟ୍ ଗର୍ଡ଼ର + 4 X 18.75 ମିଟର T-Beam ଗର୍ଡ଼ର)ର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 6121.34 ଲକ୍ଷ, **EMD :** ₹ 32,10,700/-

କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି) ମାସ (ଉଭୟ କ୍ରସ ସଂଖ୍ୟା ନିମନ୍ତେ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.24.07.2025ରିଖ 1500 ଘଟିକାରେ (ଟେଣ୍ଡର ସଂ. 1 ନିମନ୍ତେ) ଏବଂ ତା.29.07.2025ରିଖ 1500 ଘଟିକାରେ (ଟେଣ୍ଡର ସଂ. 2 ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଚିତ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B, G & G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରୁ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ / ନିର୍ମାଣ / RSP / ଭୁବନେଶ୍ୱର

PR-49/CI/25-26

**GOVERNMENT OF ODISHA, DEPARTMENTOF WATER RESOURCES** A-355
**Office of the Addl. Chief Engineer, Mechanical Circle, Bhubaneswar**
Email Address: semechcircle104@gmail.com
**e-Procurement Notice- Bid Identification No.- ACEM/MDB-24/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : ACEM/MDB-24/2025-26
5. Estimated Cost : Rs. 13,55,851/-
6. Period of Completion : 02 (Two) calendar months.
7. Date & time of availability of bid documents in the Portal : From dt.03.07.2025 (10.00 AM) to dt.14.07.2025 (5.30 PM)
8. Last date/ time for receipt of bid In the Portal : dt.14.07.2025 (up to 5.30 PM)
9. Date and Place of opening of Bid : dt.15.07.2025 (12.00 Noon onwards in the O/O the undersigned)
10. Name of the Officer inviting bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

OIPR-32405/11/0078/2526

Addl. Chief Engineer,
Mechanical Circle Bhubaneswar

**AFFIDAVIT**

By virtue of an affidavit sworn before The Notary Public, Dharmasala, Jajpur on dated-01/07/2025. I, **Sabita Malla,** aged about 51 years, W/o-Bijaya Malla, permanent resident of At- Purusottampur, PO- Gatanai, PS- Marshaghai, Dist- Kendrapara, Odisha, PIN-754141 declare that I have changed my minor son's name from **Asutosha Malla** (old name) To **Ashutosh Malla** (new name). Henceforth, he shall be known as **Ashutosh Malla** (new name) for all future purposes.

**Sabita Malla**

# ବିକାଶରେ ବାଧକ ସାଜିଛି ନାଳା

**ବାହ୍ୟ ଜଗତରୁ ବିଚ୍ଛିନ୍ନ ଧୃଙ୍ଗିଆମୁଣ୍ଡା କଲୋନୀ ପଡ଼ାବାସୀ**

**ଜୀବନକୁ ବାଜି ଲଗାଇ ସ୍କୁଲ ଯାଉଛନ୍ତି କୋମଳମତି ଶିଶୁ**



ସିନାପାଲି, ୨।୭ (ସମିସ)

ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ଯାତାୟତର ସୁବିଧା ଯୋଗାଇବା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି; ହେଲେ ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳରେ ଏବେ ବି ଅନେକ ଗାଁକୁ ଯୋଗାଯୋଗ ସୁଗମ ହୋଇପାରିନି। ଛୋଟ ବଡ଼ ନାଳା ମୁଖ୍ୟ ସମସ୍ୟା ପାଲଟିଛି। ଏହି ନାଳାଗୁଡ଼ିକରେ ସେତୁ ନିର୍ମାଣ ହେଉନି। ଏଣୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଋତୁ ସମୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡୁଛି। ପଡ଼ାର ଜନସାଧାରଣ, ଛାତ୍ରଛାତ୍ରୀ ଓ ଅଙ୍ଗନବାଡ଼ି ଶିଶୁ ବିଶେଷ ଭାବରେ ପ୍ରଭାବିତ ହୋଇ ଦୁଃସ୍ଥ ଜୀବନ ଅତିବାହିତ କରୁଛନ୍ତି।

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ କେନ୍ଦୁମୁଣ୍ଡା ପଞ୍ଚାୟତର ଧୃଙ୍ଗିଆମୁଣ୍ଡା ଗ୍ରାମର ଏକ ପଡ଼ା ଗ୍ରାମ ହେଉଛି କଲୋନୀ ପଡ଼ା। ଏହି ପଡ଼ାରେ ୩୦ଟି ପରିବାର ବସବାସ କରନ୍ତି। ପଡ଼ାରେ ଅନେକ ବର୍ଗର ଲୋକେ ବସବାସ କରୁଛନ୍ତି। ଏହା ପଡ଼ୋଶୀ ଛତିଶଗଡ଼ ସୀମାନ୍ତରେ ଅବସ୍ଥିତ। ଏହି ପଡ଼ାରୁ ରାଜସ୍ୱ ଗାଁ ଧୃଙ୍ଗିଆମୁଣ୍ଡା ଗ୍ରାମକୁ ଆସିବାକୁ ହେଲେ ନାଳ ପାରି ହୋଇ ଆସିବାକୁ ପଡ଼ିଥାଏ। ଦୁଇଟି ଗାଁର ମଧ୍ୟ ଭାଗରେ ନାଳା ରହିଛି। ଧୃଙ୍ଗିଆମୁଣ୍ଡା ଗ୍ରାମରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାଙ୍ଗକୁ ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ଏପରିକି ଅନେକ ଦୋକାନ ବଜାର ମଧ୍ୟ ରହିଛି। ଦୈନନ୍ଦିନ କାର୍ଯ୍ୟ ପାଇଁ ମଧ୍ୟ ପ୍ରତିଦିନ ଏହି ନାଳା ପାରି ହୋଇ ଲୋକେ ଯିବାଆସିବା କରୁଛନ୍ତି। ଏହି ନାଳାର ମାଲିଘାଟ ନିକଟରେ ପାରି ହୋଇ ଛାତ୍ରଛାତ୍ରୀଙ୍କ ସମେତ ଗ୍ରାମର ଲୋକେ ଯିବା ଆସିବା କରନ୍ତି। ବର୍ଷା ଋତୁ ସମୟରେ ଶିଶୁ ତଥା ଛାତ୍ରଛାତ୍ରୀଙ୍କୁ ଅଭିଭାବକ ମୁଣ୍ଡରେ ବୋହି ପାରି କରାଇ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ନେଇଥାନ୍ତି। ଏପରିକି ଶିଶୁମାନେ ବିଦ୍ୟାଳୟ ଗଲା ବେଳେ ପାଣି କାଦୁଅରେ ଆଉଟୁ ପାଉଟୁ ହୋଇ ଭୟ ଓ ଆଶଙ୍କାରେ ଯିବାକୁ ପଡୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ପଡ଼ାର ଅନେକ ଛାତ୍ରଛାତ୍ରୀ ଧୃଙ୍ଗିଆମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢୁଛନ୍ତି। କୋମଳମତି ଶିଶୁ ଅଙ୍ଗନବାଡ଼ି କେନ୍ଦ୍ରରେ ପଢୁଛନ୍ତି; ହେଲେ କେଉଁଭଳି ପରିସ୍ଥିତିରେ ଶିଶୁମାନେ ଯିବା ଆସିବା କରୁଛନ୍ତି ତାହା ବେଶ୍ ବୁଝା ପଡୁଛି। ଏହି ଗାଁକୁ ଏହି ନାଳା ବାଧକ ସାଜିଥିବାରୁ ଜରୁରୀ କାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ମଧ୍ୟ ଯାଇ ପାରେ ନାହିଁ। ଏହାଫଳରେ ଅନେକ ରୋଗୀ ତଥା ପ୍ରସୂତିଙ୍କୁ ବହୁ କଷ୍ଟରେ ଭାର କରି ନାଳା ପାରି କରିବାକୁ ପଡ଼ିଥାଏ ବୋଲି ଗ୍ରାମର ଜନସାଧାରଣ ପ୍ରକାଶ କରିଛନ୍ତି। ଏହି ନାଳ ଛତିଶଗଡ଼ ଅଞ୍ଚଳରୁ ପ୍ରବାହିତ ହୋଇ ଓଡ଼ିଶାରେ ପ୍ରବେଶ କରିଛି। ବର୍ଷା ହେଲେ ଏହି ନାଳାରେ ପ୍ରବଳ ବର୍ଷା ପାଣି ପ୍ରବାହିତ ହେବା ସହ ବର୍ଷା ଋତୁର ଅଧିକାଂଶ ସମୟରେ ପାଣି ପ୍ରବାହିତ ହେଇଥାଏ। ଏହି ନାଳରେ ସେତୁ ନିର୍ମାଣ କରିବା ପାଇଁ ଗ୍ରାମର ଜନସାଧାରଣ ଅନେକ ଥର ପ୍ରାସାଶନିକ ଅଧିକାରୀ, ରାଜନୈତିକ ନେତୃବୃନ୍ଦ ସମେତ ନୂଆପଡ଼ା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି; ହେଲେ କୌଣସି ସୁଫଳ ମିଳିନାହିଁ। ପୂର୍ବ ସରକାର ସମୟରେ ଜିରୋ କନେକ୍ଟିଭିଟି ହେବିଟେଶନ ଗାଁ ଗୁଡ଼ିକୁ ଚିହ୍ନଟ କରି ଆବଶ୍ୟକ ଭିତ୍ତିଭୂମି ଅନୁଧ୍ୟାନ କରି ଗାଁର ରାସ୍ତା, ସେତୁ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଏକ ତାଲିକା ସେତେବେଳେ ରାଜ୍ୟ ସରକାର ପ୍ରତି ଜିଲ୍ଲାପାଳଙ୍କୁ ମାଗିଥିଲେ। ସେହି ଆଧାରରେ ସିନାପାଲି ବ୍ଲକରୁ ମଧ୍ୟ ଏକ ସବିଶେଷ ତଥ୍ୟ ସହିତ ପ୍ରଦାନ କରଯାଇଥିଲା; ହେଲେ ସରକାର ବଦଳି ଗଲା। ବର୍ତ୍ତମାନର ବିଜେପି ସରକାର ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନ କରିବା ପାଇଁ ନାରା ଦେଉଛି; ହେଲେ ଏହିଭଳି ଅଞ୍ଚଳର ବିକାଶ ପାଇଁ ଚିନ୍ତା କରୁନି। ଏପରିକି ପ୍ରଶାସନିକ ଅଧିକାରୀମାନଙ୍କ ମଧ୍ୟ ଦୂରଦୃଷ୍ଟିର ଅଭାବ ସାଙ୍ଗକୁ ଆନ୍ତରିକତାର ଅଭାବ ଯୋଗୁଁ ଏହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ପାରିନାହିଁ। ଏହା ଫଳରେ ଅନେକ ଗାଁର ଯାତାୟତ ସାଙ୍ଗକୁ ମୌଳିକ ସୁବିଧା ସୁଯୋଗ ପାଇବାରେ ଆଜି ବି ଅବ୍ୟବସ୍ଥା ଲାଗି ରହିଛି। ଏଦିଗରେ ସରକାର ତଥା ପ୍ରଶାସନ ଆଗକୁ ପଦକ୍ଷେପ ନ ନେଲେ ୨୦୨୭ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଲୋକେ ଚେତାବନୀ ଦେଇଛନ୍ତି। ନିର୍ବାଚନ ସମୟରେ ଅନେକ ନେତା ଏଠାକୁ ଆସନ୍ତି। ଅନେକ ପ୍ରତିଶ୍ରୁତି ଦେଇ ଭୋଟ ନେଇ ଯାଆନ୍ତି; ହେଲେ ନିର୍ବାଚନ ସରିଗଲେ ଆଉ ଗାଁ ସମସ୍ୟା ବୁଝିବାକୁ କେହି ଦୃଷ୍ଟି ଦିଅନ୍ତି ନାହିଁ ବୋଲି ଗ୍ରାମର ଅବଦଲ ନାଗ, ଦୁଲାଲୁ ଖର୍ସେଲ, ଅକୁରାମ ଖର୍ସେଲ, ଗଜାନନ ଦଣ୍ଡସେନା, ମଣ୍ଟ ଛତ୍ରିଆ, ଦିବାକର ଛତ୍ରିଆ, ମଦନ ଖର୍ସେଲ, ହର ଖର୍ସେଲ, ରାମେ କଟା, କୃଷ୍ଣଚନ୍ଦ୍ର ପୁଞ୍ଜି ପ୍ରକାଶ କରିଛନ୍ତି। ତେବେ ଏ ସମ୍ପର୍କରେ କେନ୍ଦୁମୁଣ୍ଡା ପଞ୍ଚାୟତ ସରପଞ୍ଚ ମଦନ ଦଣ୍ଡସେନାଙ୍କୁ ପଚାରିବାରୁ ଏହି ନାଳାରେ ପୋଲ ନିର୍ମାଣ ପାଇଁ ଯୋଜନା କରାଯାଇଛି। ଅନୁମୋଦନ ହେଲେ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି। ଏହି ନାଳରେ କବେ ପୋଲ ନିର୍ମାଣ ହେବ ଓ ଯାତାୟାତରେ ସୁବିଧା ହେବ ତାକୁ ନେଇ ଗ୍ରାମବାସୀ ଅପେକ୍ଷା କରିଛନ୍ତି।

## ଚିକିତ୍ସା ବାହାନାରେ ନାବାଳିକାଙ୍କୁ ବାବାଙ୍କ ଦୁଷ୍କର୍ମ ଅଭିଯୋଗ

**ମନମୁଣ୍ଡା, ୨।୭ (ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅଧୀନ ପଲସାଗୋରା ପଞ୍ଚାୟତ ଯୁନାନି ଗ୍ରାମର ଜଣେ ବାବାଙ୍କ ନାମରେ ଦୁଷ୍କର୍ମ ଅଭିଯୋଗ ଆସିଛି। ଚିକିତ୍ସା ବାହାନାରେ ସମ୍ପୃକ୍ତ ବାବା ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ମନମୁଣ୍ଡା ଥାନାରେ ଅଭିଯୋଗ ହୋଇଛି। ନାବାଳିକାଙ୍କ ସ୍ୱାସ୍ଥ୍ୟ ଭଲ ନ ଥିଲା। ଔଷଧ ଖାଇବା ସତ୍ତ୍ୱେ ନାବାଳିକା ଜଣକ ସୁସ୍ଥ ହୋଇ ନ ଥିଲେ। ଏଣୁ ବାବାଙ୍କ ଉପରେ ବିଶ୍ୱାସ କରି ତାଙ୍କ ବାପା ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ବାବାଙ୍କ ନିକଟକୁ ନେଇଥିଲେ। ରୋଗ ନିର୍ଣ୍ଣୟ ଓ ଉତ୍ତମ ଚିକିତ୍ସା ପାଇଁ ନାବାଳିକାଙ୍କୁ ତାଙ୍କ ନିକଟରେ ଗୋଟିଏ ରାତି ରଖିବାକୁ ପଡ଼ିବ ବୋଲି ବାବା କହିଥିଲେ। ବାବାଙ୍କ କଥାରେ ବିଶ୍ୱାସ କରି ନାବାଳିକାଙ୍କୁ ତାଙ୍କ ବାପା ସେଠାରେ ଛାଡ଼ି ଦେଇ ଆସିଥିଲେ; କିନ୍ତୁ ଚିକିତ୍ସା ବାହାନାରେ ବାବା ନାବାଳିକାଙ୍କୁ ରାତିରେ ଦୁଷ୍କର୍ମ କରିଥିଲେ। ରାତିରେ ନାଳବାଳିକା ଜଣକ କୌଣସି ମତେ ଖସି ପଳାଇ ଆସିବାରେ ସକ୍ଷମ ହୋଇଥିଲେ। ରାସ୍ତାରେ ଜଣେ ବ୍ୟକ୍ତିଙ୍କ ସହ ଦେଖା ହେବାରୁ ସାହାଯ୍ୟ ପାଇଁ ନିବେଦନ କରିଥିଲା। ସମ୍ପୃକ୍ତ ବ୍ୟକ୍ତି ଜଣକ ନାବାଳିକାଙ୍କ ବାପାଙ୍କୁ ଖବର ଦେବା ପରେ ସେ ଆସିଥିଲେ। ଏହାପରେ ଆମ୍ବୁଲାନ୍ସ ଯୋଗେ ମନମୁଣ୍ଡା ଡାକ୍ତରଖାନାରେ ନାବାଳିକାଙ୍କୁ ଭର୍ତ୍ତି କରିଥିଲେ। ଜରୁରୀକାଳିନ ନମ୍ବର ୧୧୨କୁ କଲ୍ କରିବାରେ ପୁଲିସ ରାତିରେ ଗାଁକୁ ଯାଇ ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଛି। ଏନେଇ ନାବାଳିକାଙ୍କ ବାପା ବୁଧବାର ମନମୁଣ୍ଡା ଥାନାରେ ଏତଲା ଦେବା ପରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ପୁଲିସ ଗିରଫ କରି ଏହାର ତଦନ୍ତ ଚଳାଇଛି। ଗୁରୁବାର ଅଭିଯୁକ୍ତ ବାବାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ଅଞ୍ଜଳି ବିଶ୍ୱାଳ କହିଛନ୍ତି।

## ନାବାଳିକାଙ୍କୁ ଦୁଷ୍କର୍ମ କରି ଯୁବକ ଗିରଫ



**କଣ୍ଟାବାଞ୍ଜି, ୨।୭ (ସମିସ):** ବଲାଙ୍ଗିର କଣ୍ଟାବାଞ୍ଜି ଥାନା ଅଞ୍ଚଳର ଜଣେ ନାବାଳିକଙ୍କୁ ବାନ୍ଧନପାଲି ଗାଁର ଜଣେ ଯୁବକ ଦୁଷ୍କର୍ମ କରିଥିବା ନେଇ କଣ୍ଟାବାଞ୍ଜି ଥାନା ଲିଖିତ ଅଭିଯୋଗ ହୋଇଛି। ଏନେଇ କଣ୍ଟାବାଞ୍ଜି ପୁଲିସ ମାମଲା ରୁଜୁକରି ବୁଧବାର ବାନ୍ଧନପାଲି ଗାଁର ଯୋଗେନ୍ଦ୍ର କୈରଙ୍କୁ ଗିରଫ କରିଛି। ଯୁବକଙ୍କ ଡାକ୍ତରୀମାଇନା କରି ପୁଲିସ କୋର୍ଟ ଚାଲାଣ କରିଥିବାବେଳେ ଯୁବକଙ୍କ ଜାମିନ ନାମଞ୍ଜୁର ହେବାରୁ ତାକୁ ବଲାଙ୍ଗିର ପକ୍ସୋ କାରାଗାରାକୁ ପଠାଇଛି।

## ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ପ୍ରତାରଣା

## ପୀଡ଼ିତା ଥାନାର ଦ୍ୱାରସ୍ଥ

**କଣ୍ଟାବାଞ୍ଜି, ୨।୭ (ସମିସ):** ବିହାର କରିବାର ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ଏନେଇ ଯୁବତୀ ଜଣକ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। କଣ୍ଟାବାଞ୍ଜି ଥାନା ଅଞ୍ଚଳରୁ ଏଭଳି ଅଭିଯୋଗ ସାମ୍ନାକୁ ଆସିଛି। ସୂଚନା ଅନୁସାରେ କ୍ଷୀରୋଦ ନାମକ ଜଣେ ଯୁବକ ୨୦୧୯ ମସିହାରେ ଜଣେ ଯୁବତୀଙ୍କୁ ପ୍ରେମ ନିବେଦନ କରିଥିଲେ। ଯୁବତୀ ଜଣକ କ୍ଷୀରୋଦଙ୍କ ପ୍ରେମକୁ ଗ୍ରହଣ କରିଥିଲେ। କ୍ଷୀରୋଦ ଯୁବତୀଙ୍କୁ ବିବାହ କରିବି କହି ବାରମ୍ବାର ଶାରୀରିକ ସମ୍ପର୍କ ରଖୁଥିଲେ। ଦିନେ ହଠାତ୍ 'ମୋ ଘରେ ବିବାହ କରିବାକୁ ସ୍ୱୀକାର କରୁନାହାଁନ୍ତି। ଚାଲ ଆମେ ଘରୁ ପଳାଇ ମନ୍ଦିରରେ ବିବାହ କରିବା' କହି ଯୁବତୀଙ୍କୁ ନେଇ ଗତ ଜୁନ୍ ୨ରେ ତାରିଖରେ ଆନ୍ଧ୍ରପ୍ରଦେଶର ସିକନ୍ଦ୍ରାବାଦ ନେଇ ଗୋଟିଏ ଭଡ଼ାଘରେ ରଖିଥିଲା କ୍ଷୀରୋଦ। ଏହାପରେ କ୍ଷୀରୋଦର ପରିବାର ଲୋକେ ଫୋନ କରି 'ଗାଁକୁ ଆସ ରେଜେଷ୍ଟ୍ରି ମ୍ୟାରେଜ କରିଦେବା' କହି ଉଭୟ ଡକାଇଥିଲେ। କ୍ଷୀରୋଦ ଗାଁରେ ପହଞ୍ଚିବା ପରେ ଯୁବତୀଙ୍କୁ ଛାଡି ଦେଇ ଫେରାର ମାରିଛି। ଯୁବତୀ ପଚାରିବାରୁ ପରିବାର ଲୋକେ କ୍ଷୀରୋଦ କେଉଁ ଆଡେ ଯାଇଛି ଆମେ ଜାଣିନାହୁଁ ବୋଲି କହୁଥିବା ଯୁବତୀ ଜଣକ କହିଛନ୍ତି। ଏନେଇ ପୀଡ଼ିତା ଯୁବତୀ କଣ୍ଟାବାଞ୍ଜି ଥାନାର ଦ୍ୱାରସ୍ଥ ହୋଇଛନ୍ତି। କଣ୍ଟାବାଞ୍ଜି ପୁଲିସ ଯୁବତୀଙ୍କ ଅଭିଯୋଗ ପରେ ମାମଲା ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ବଲାଙ୍ଗିର ଜିଲ୍ଲା ପୁଲିସ ପ୍ରଶାସନ ମୋତେ ନ୍ୟାୟ ଦିଅନ୍ତୁ ବୋଲି ଯୁବତୀ ନିବେଦନ କରିଛନ୍ତି।



## ଅଟୋ ଧକ୍କାରେ ସ୍ୱାମୀ-ସ୍ତ୍ରୀ ଗୁରୁତର

**ବୌଦ୍ଧ, ୨।୭ (ସମିସ):** ବୌଦ୍ଧ ଜିଲ୍ଲା ସରସରା ରେଳ ଫାଟକ ନିକଟରେ ଏକ ଅଟୋ ଓ ଏକ ବୁଲେଟ ମଧ୍ୟରେ ଧକ୍କା ହୋଇଛି। ଏଥିରେ ମନମୁଣ୍ଡା ଥାନା ରୁଗୁଡିଗୋରା ଗ୍ରାମର ପ୍ରମୋଦ ପ୍ରଧାନ ଓ ତାଙ୍କ ପତ୍ନୀ ଆଶା କ୍ଷେତି ଗୁରୁତର ହୋଇଛନ୍ତି। ଉଭୟ ବୁଲେଟ ଯୋଗେ ବୌଦ୍ଧ ପଟରୁ ବାମଣ୍ଡା ମଡେଲ୍ ଡିଗ୍ରୀ କଲେଜକୁ ଯାଉଥିଲେ। ଏହି ସମୟରେ ସରସରା ରେଳ ଫାଟକ ନିକଟରେ ସାମ୍ନାରୁ ଆସୁଥିବା ଏକ ଯାତ୍ରୀବାହୀ ଅଟୋ ସହ ଧକ୍କା ହୋଇଥିଲା। ଅଟୋରେ ମଡେଲ୍ ଡିଗ୍ରୀ କଲେଜର ୧୦ ଜଣ ଛାତ୍ରଛାତ୍ରୀ ଥିଲେ। ସେମାନେ ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। ତେବେ ପ୍ରମୋଦ ଓ ତାଙ୍କ ପତ୍ନୀ ଆଶାଙ୍କୁ ବୌଦ୍ଧ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ପରିବାର ଲୋକେ ପହଞ୍ଚି ୧୦୮ ଆମ୍ବୁଲାନ୍ସ ଯୋଗେ ବୁର୍ଲା ଭୀମସାରକୁ ନେଇଥିଲେ।

## ପୁଲିସ ଅଧିକାରୀ ସ୍ତରରେ ଅଦଳବଦଳ

**ଶଗଡ଼ା, ୨।୭ (ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା, ଘଣ୍ଟାପଡ଼ା ଓ ବାଉଁଶୁଣି ଥାନା ସମେତ ଶଗଡ଼ା ଫାଣ୍ଡିର ପୁଲିସ ଅଧିକାରୀ ସ୍ତରରେ ଅଦଳବଦଳ କରାଯାଇଛି। ଏସପିଙ୍କ କାର୍ଯ୍ୟାଳୟର ପତ୍ର ଅନୁସାରେ ଜିଲ୍ଲା ପୁଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଇନ୍ସପେକ୍ଟର ମହେନ୍ଦ୍ର ବେହେରାଙ୍କୁ ଶଗଡ଼ା ଫାଣ୍ଡି ଅଧିକାରୀ ଭାବରେ ବଦଳି କରାଯାଇଛି। ଇନ୍ସପେକ୍ଟର ବାଲ୍ମୀକି ପ୍ରଧାନଙ୍କୁ ଘଣ୍ଟାପଡ଼ା ଥାନା ଅଧିକାରୀ ଭାବରେ ବଦଳି କରାଯାଇଛି। ସେହିପରି ଏସଆଇ ସୌମ୍ୟରଞ୍ଜନ ପାତ୍ରଙ୍କୁ ଶଗଡ଼ାରୁ ମନମୁଣ୍ଡା ଥାନାକୁ ବଦଳି କରାଯାଇଛି। ଏସଆଇ ଧରଣୀଧର ମହାକୁଡ଼ଙ୍କୁ ମନମୁଣ୍ଡାରୁ ବୌଦ୍ଧ ଆଦର୍ଶ ଥାନା, ଏଏସଆଇ ମଧୁସୂଦନ କହଁରଙ୍କୁ ଆଦର୍ଶ ଥାନାରୁ ମନମୁଣ୍ଡା ଥାନାକୁ ବଦଳି କରାଯାଇଛି। ଏଏସଆଇ ସୁରେଶ ମଲ୍ଲିକଙ୍କୁ ଶଗଡ଼ା ଫାଣ୍ଡିରୁ ବାଉଁଶୁଣି ଥାନାକୁ ବଦଳି କରାଯାଇଛି।

## ଯୁବକଙ୍କ ନିଖୋଜ ନେଇ ଆଦିବାସୀ ସଂଘ ଥାନାର ଦ୍ୱାରସ୍ଥ



**ଧର୍ମଗଡ଼, ୨।୭ (ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ସ୍ଥିତ ସାହାରା କମ୍ପାନୀରେ କାର୍ଯ୍ୟରତ ଘନଶ୍ୟାମ ମାଝୀ (୨୮) ନିଖୋଜ ହୋଇଯାଇଛନ୍ତି। ଏ ନେଇ ତାଙ୍କ ବାପା ପ୍ରସାଦ ମାଝୀ ଧର୍ମଗଡ଼ ଥାନାରେ ଏତଲା ଦେଇଛନ୍ତି। କଳମପୁର ଥାନା ବଲାଗାଁର ପ୍ରସାଦଙ୍କ ପୁଅ ଘନଶ୍ୟାମ ଧର୍ମଗଡ଼ ସାହାରା କମ୍ପାନୀରେ ଦୀର୍ଘ ଦିନରୁ କାର୍ଯ୍ୟରତ ଥିଲେ। ଜୁନ ୨୪ ତାରିଖ କମ୍ପାନୀର ୨ଜଣ କର୍ମଚାରୀ ବଲାଗାଁକୁ ଯାଇ ପରିବାର ବର୍ଗଙ୍କୁ ଘନଶ୍ୟାମ ଘରକୁ ଆସିଛି କି ବୋଲି ପଚାରିଥିଲେ। ପରିବାର ଲୋକେ ମନା କରିବାରୁ ଜୁନ ୨୦ରେ ସେ ହୋମଗାର୍ଡ ଇଣ୍ଟରଭ୍ୟୁ ଦେବାକୁ ଯାଉଛି କହି ଆଉ ଫେରି ନ ଥିବା କମ୍ପାନୀ କର୍ମଚାରୀ ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ଖୋଜାଖୋଜି ପରେ ନ ପାଇବାରୁ ଶେଷରେ ଧର୍ମଗଡ଼ ଥାନାରେ ଏତଲା ଦେଇଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ବୁଧବାର ଆଦିବାସୀ ସଂଘ ତରଫରୁ ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘ ସଭାପତି ଗଙ୍ଗାଧର ମାଝୀ, ଜିଲ୍ଲା ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝୀ, ଜୟପାଟଣା ଆଦିବାସୀ ସଂଘ ସଭାପତି ମନୋଜ ପାତ୍ର, ଜୁନାଗଡ଼ ବ୍ଲକ ସଭାପତି ହୃଦାନନ୍ଦ ମାଝୀ, ଧର୍ମଗଡ଼ ବ୍ଲକ ଆଦିବାସୀ ସଂଘ କୋଷାଧକ୍ଷ ଶ୍ୟାମସୁନ୍ଦର ମାଝୀ, ସମ୍ପାଦକ ଗୋବର୍ଦ୍ଧନ ଶବର, ଉପସଭାପତି ବନମାଳୀ ଭୋଇ, ରୁକୁରାମ ଶବର, ପୁରୁଷୋତ୍ତମ ମାଝୀ, ପ୍ରସାଦ ମାଝୀ ପ୍ରମୁଖ ଧର୍ମଗଡ଼ ଥାନା ଅଧିକାରୀଙ୍କୁ ସାକ୍ଷାତ କରିଥିଲେ।

**■ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି**

## ହଷ୍ଟେଲ ଫି' ବୃଦ୍ଧିକୁ ନେଇ ଭିସିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

**ବଲାଙ୍ଗିର, ୨।୭ (ସମିସ):** ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ର ହଷ୍ଟେଲ ଫି' ବୃଦ୍ଧି ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବୁଧବାର ବିଶ୍ୱବିଦ୍ୟାଳୟ ଭିସିଙ୍କ ଅଫିସ ସମ୍ମୁଖରେ ଶହଶହ ଛାତ୍ରଛାତ୍ରୀ ଧାରଣାରେ ବସିଥିଲେ। ଏକାଥରକେ ଚଳିତ ବର୍ଷରେ ୩ରୁ ୪ ହଜାର ଟଙ୍କା ହଷ୍ଟେଲ ଫି' ବୃଦ୍ଧି କରାଯାଇଥିବାରୁ ଏହାକୁ ହଷ୍ଟେଲ ଅନ୍ତେବାସୀ ପ୍ରତିବାଦ କରିଛନ୍ତି। ହଷ୍ଟେଲ ଛାତ୍ରଛାତ୍ରୀଙ୍କଠାରୁ ଯେତିକି ଫି' ନେଉଛନ୍ତି ହଷ୍ଟେଲରେ ସେଭଳି କୌଣସି ସୁବିଧା ଯୋଗାଇ ଦିଆଯାଉ ନଥିବା ଅଭିଯୋଗ ହୋଇଛି। ଫଳରେ ହଷ୍ଟେଲରେ ଛାତ୍ରଛାତ୍ରୀ ବହୁ ଅସୁବିଧାରେ ରହୁଥିବା ଅଭିଯୋଗ କରିଛନ୍ତି। ବଲାଙ୍ଗିର ରାଜେନ୍ଦ୍ର ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବା ପରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ସ୍ୱାଭାବିକ ଭାବେ ବୃଦ୍ଧି ପାଇଛି। ଜିଲ୍ଲା ତଥା ଜିଲ୍ଲା ବାହାରରୁ ଶହଶହ ଛାତ୍ରଛାତ୍ରୀ ନାମ ଲେଖାଇ ହଷ୍ଟେଲରେ ରହି ପାଠ ପଢୁଛନ୍ତି। ବିଶେଷ କରି ଅଧିକାଂଶ ଗରିବ ପିଲା ହଷ୍ଟେଲ ଉପରେ ନିର୍ଭର କରୁଛନ୍ତି। ତେବେ ଚଳିତବର୍ଷ ହଷ୍ଟେଲ ଫି ତିନି ରୁ ଚାରି ହଜାର ଟଙ୍କା ବୃଦ୍ଧି କରାଯାଇଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଏହାକୁ ନେଇ ବୁଧବାର ଅସନ୍ତୁଷ୍ଟ ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ନିକଟସ୍ଥ ଜିଲ୍ଲା ଜିଲା କଳାହାଣ୍ଡି ଓ ସମ୍ବଲପୁର ଜିଲାରେ ହଷ୍ଟେଲ ଫି' କମ୍ ଥିବା ବେଳେ ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଫି' ବୃଦ୍ଧିକୁ ନେଇ ପ୍ରଶ୍ନ କରିଛନ୍ତି। ଆନ୍ଦୋଳନରତ ଛାତ୍ରଛାତ୍ରୀ ମାନେ ଭିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟ ଧରି ଧାରଣାରେ ବସିବା ସହ ସ୍ଲୋଗାନ ଦେଇ ଫି ବୃଦ୍ଧି କୁ ପ୍ରତିବାଦ କରିଥିଲେ। ଏହି ଆନ୍ଦୋଳନକୁ ବିଭିନ୍ନ ରାଜନୈତିକ ଛାତ୍ର ସଂଗଠନ ସମର୍ଥନ କରି ଧାରଣାରେ ବସିଥିଲେ। ଅନ୍ୟପଟେ ନିୟମ ଅନୁଯାୟୀ ଫି' ନିଆଯାଉଛି ଏ ବର୍ଷ ହଷ୍ଟେଲ ଫି ସେତିକି ରଖାଯାଇଛି। ହଷ୍ଟେଲ ସୁରକ୍ଷା ବଢ଼ାଇବା ପାଇଁ ଗତ ବର୍ଷଠାରୁ ଫି' ବଢ଼ା ଯାଇଥିବା କହିଛନ୍ତି। ଛାତ୍ରୀଛାତ୍ରଙ୍କ ସହ ଆଲୋଚନା ମାଧ୍ୟମରେ ଏହାର ସମାଧାନ କରାଯିବ ବୋଲି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଉମାଭଲ୍ଲଭ ମହାପାତ୍ର କହିଛନ୍ତି।



**ପାଟଣାଗଡ଼ରେ ଉନ୍ନୟନମୂଳକ କାର୍ଯ୍ୟ ବ୍ୟାହତ**

## ବର୍ଷାରେ ଭିଜି ଧାରଣାରେ ବସିଲେ ଜନପ୍ରତିନିଧି



**ପାଟଣାଗଡ଼, ୨।୭ (ସମିସ):** ପାଟଣାଗଡ଼ ବ୍ଲକ ଓ ଏନଏସିରେ ବିଜେପି ସରକାର ଆସିବା ଦିନଠାରୁ ଉନ୍ନୟନମୂଳକ କାର୍ଯ୍ୟ ସମ୍ପୂର୍ଣ ବନ୍ଦ ହୋଇ ରହିଥିବା ଅଭିଯୋଗ ଆଣି ପାଟଣାଗଡ଼ ବ୍ଲକର ସମିତି ସଭ୍ୟ, ସଭ୍ୟା ଓ ଏନଏସି ଅଧ୍ୟକ୍ଷାଙ୍କ ସହ କାଉନସିଲରମାନେ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପାଇଁ ଧାରଣାରେ ବସିଛନ୍ତି। ଏହି ଧାରଣା ବୁଧବାର ଷଷ୍ଠ ଦିନରେ ପହଞ୍ଚିଛି। ତେବେ ବୁଧବାର ସକାଳୁ ବର୍ଷା ହେଉଥିବାରୁ ବ୍ଲକ ମୁଖ୍ୟ ଗେଟ ସମ୍ମୁଖରେ ସମିତି ସଭ୍ୟ, ସଭ୍ୟା ଛତା ଧରି ଧାରଣା ଦେଉଥିବା ଦେଖିବାକୁ ମିଳିଛି। ତେବେ ଏହାର ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟକାଳ ପାଇଁ ଧାରଣା ଜାରି ରହିବାସହ ପ୍ରଶାସନ ତରଫରୁ ଜନପ୍ରତିନିଧିଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ଆଣି ଆଗାମୀ ଦିନରେ ପଞ୍ଚାୟତସ୍ତରରୁ ଲୋକ ଆଣି ଜନଆନ୍ଦୋଳନ କରାଯିବ ବୋଲି ସମିତି ସଭ୍ୟ ସଙ୍ଘ ସଭାପତି ଗୋବିନ୍ଦ ମେହେରଙ୍କ ସହ ଉପସ୍ଥିତ ସମିତି ସଭ୍ୟ, ସଭ୍ୟା କହିଛନ୍ତି। ଅପରପକ୍ଷରେ ପାଟଣାଗଡ଼ ଏନଏସି ସମ୍ମୁଖରେ ଇଓ ନାରାୟଣ ଦଣ୍ଡସେନାଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ମଙ୍ଗଳବାର ଠାରୁ ଏନଏସି ସମ୍ମୁଖରେ ବିଜ୍ଞପିତ ପରିଷଦ ଅଧ୍ୟକ୍ଷା ମାନସୀ ବିଶ୍ୱାଳଙ୍କ ସହ ୧୧ ଜଣ କାଉନସିଲର ଅନିର୍ଦ୍ଦିଷ୍ଟ କାଳ ପାଇଁ ଦେଇଥିବା ଧାରଣା ମଧ୍ୟ ଷଷ୍ଠ ଦିନରେ ପହଞ୍ଚିଛି। ତେବେ ବୁଧବାର ଏନଏସି କୁ ନୂତନ ଇଓ ଭାବେ ଅତିରିକ୍ତ ଜିଲ୍ଲପାଳ କେରକେଟା ଙ୍କୁ ଦାୟିତ୍ୱ ଦିଆଯାଇଛି। ସେ ଅପରାହ୍ନ ୧ ଟା ସମୟରେ ଏନଏସିକୁ ଯୋଗ ଦେବାପାଇଁ ଆସିଥିଲେ କିନ୍ତୁ ଇଓଙ୍କ କାର୍ଯ୍ୟାଳୟ ତାଲା ଦିଆଯାଇଥିବାରୁ ଅଧ୍ୟକ୍ଷାଙ୍କ ଅଫିସରେ ଦାୟିତ୍ୱ ସମ୍ପନ୍ନ କରିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ଉଭୟ ବ୍ଲକ ଓ ଏନଏସିରେ ଧାରଣା ଜାରି ରହିଥିବାବେଳେ ଶାନ୍ତି ଶୃଙ୍ଖଳା ପାଇଁ ପୁଲିସ ମୁତୟନ କରାଯାଇଛି।

## ଘର ଉପରେ ଭାଙ୍ଗି ପଡ଼ିଲା ବିଶାଳ ଆମ୍ବ ଡାଳ



**ଥୁଆମୂଳ ରାମପୁର, ୨।୭ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଥୁଆମୂଳ ରାମପୁର ସଦର ମହକୁମାର କାଳି ମନ୍ଦିର ପଡ଼ାର ପଦୁକିଶୋର ପୁଝାରୀଙ୍କ ଘର ଉପରେ ଏକ ଆମ୍ବ ଗଛର ବିଶାଳ ଶୁଖିଲା ଶାଖା ଭାଙ୍ଗି ପଡ଼ିଛି। ମଙ୍ଗଳବାର ରାତି ୮ ଘଣ୍ଟା ରେ ପରିବାର ସହ ସେ ଭୋଜନ କରିବାକୁ ବସିଥିଲେ। ଏତିକିବେଳେ ଘର ପାଖରେ ଥିବା ଆମ୍ବ ଗଛର ଏକ ଶୁଖିଲା ଶାଖା ଘର ଉପରେ ପଡ଼ିଥିଲା। ଏହା ଫଳରେ ଘରର ବ୍ୟାପକ କ୍ଷତି ହୋଇଛି। ପଦୁକିଶୋରଙ୍କ ସହ ସ୍ତ୍ରୀ ରଞ୍ଜିତା ଓ ଝିଅ ସୃଷ୍ଟି ଆହତ ହୋଇଛନ୍ତି। ପଦୁକିଶୋର ଏବଂ ଝିଅ ସୃଷ୍ଟିର ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସ୍ତ୍ରୀ ରଞ୍ଜିତା ମଧ୍ୟ ଆହତ ହୋଇଛନ୍ତି। ତାଙ୍କୁ ତୁରନ୍ତ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ଚିକିତ୍ସା ପରେ ସମସ୍ତେ ଘରକୁ ଫେରିଛନ୍ତି। ଖବର ପାଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ତୁଳସୀ ନିଆଲ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। କ୍ଷୟକ୍ଷତିର ଆକଳନକୁ ନେଇ ସରକାରୀ ସହାୟତା ଯୋଗାଇଦିଆଯିବ ବୋଲି ଶ୍ରୀ ନିଆଲ୍ ସୂଚନା ଦେଇଛନ୍ତି। ତେବେ ଲଗାଣ ବର୍ଷା ଜାରି ରହିଛି। ପରିବାର ଲୋକେ କାହାଘରେ ମୁଣ୍ଡ ଗୁଞ୍ଜିବେ ତାହାକୁ ନେଇ ପଦୁକିଶୋର ଚିନ୍ତା ପ୍ରକଟ କରିଛନ୍ତି।

## ଗୋଟିଏ ଦିନରେ ଲାଗିଲା ଲକ୍ଷେ ଚାରା

ନୂଆପଡ଼ା, ୨।୭ (ସମିସ)



ସାମୂହିକ ଉଦ୍ୟମରେ ପରିବେଶ ସୁରକ୍ଷା ପ୍ରତି ପ୍ରତିବଦ୍ଧତାର ଏକ ଅସାଧାରଣ ଉଦାହରଣ ସ୍ଥାପନ କରିବାକୁ ନୂଆପଡ଼ା ଜିଲ୍ଲାରେ ବ୍ୟାପକ ସଫେଇ ସହ ଚାରାରୋପଣ ଅଭିଯାନ ହୋଇଛି। ଜିଲ୍ଲାର ୧୩୧ଟି ପଞ୍ଚାୟତରେ ଏକକାଳୀନ ଗୋଟିଏ ଦିନରେ ଲକ୍ଷେରୁ ଅଧିକ ଚାରା ରୋପଣ କରାଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାକୁ ସମ୍ପୂର୍ଣ୍ଣ ରୁପେ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ କରିବା ଲକ୍ଷ୍ୟରେ ସମଗ୍ର ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାର ଜନ ପ୍ରତିନିଧି, ସମସ୍ତ ସରକାରୀ ଅଧିକାରୀ, କର୍ମଚାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ, ବ୍ୟବସାୟୀ ଅନୁଷ୍ଠାନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଜନ ସାଧାରଣ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ, ବନଖଣ୍ଡ ଅଧିକାରୀ ଅଜିଜ ଖାନ୍, ଏସପି ଜି. ଆର. ରାଘବେନ୍ଦ୍ର, ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଧର ଧରୁଆ, ଜିଲ୍ଲା ଆଇନ ସେବା ପ୍ରାଧୀକରଣ ସଚିବ ନବନୀତା ଦାଶ ଏବଂ ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ ନେତୃତ୍ୱରେ ଏହି ଅଭିଯାନରେ ଏକ ଦିନରେ ୩, ୦୦୦ ରୁ ଅଧିକ ସ୍ଥଳକୁ ସଫା କରାଯାଇଲା। ଏଥିରୁ ୩୦ ଟନ ପ୍ଲାଷ୍ଟିକ ଅବଶିଷ୍ଟ ସଂଗ୍ରହ କରାଯାଇଛି। ଜିଲ୍ଲାରେ ଗୋଟିଏ ଦିନରେ ୧ ଲକ୍ଷରୁ ଅଧିକ ବୃକ୍ଷ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ୧୩୧ଟି ପଞ୍ଚାୟତ, ସମସ୍ତ ୧୦୮୧ ଟି ବିଦ୍ୟାଳୟ, ୧୪୦୮ ଟି ଅଙ୍ଗନୱାଡି କେନ୍ଦ୍ର, ୧୦୪ ଟି ସ୍ୱାସ୍ଥ୍ୟ କେନ୍ଦ୍ର, ସମସ୍ତ ଫରେଷ୍ଟ ରେଞ୍ଜ, ଥାନା ପରିସର ପୁଲିସ ଟିମ ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ ଏହି ଅଭିଯାନ କେବଳ ସଫେଇ ଅଭିଯାନ ନୁହେଁ, ଏକ ସାମୁହିକ ଆନ୍ଦୋଳନ ଯାହା ଏକ ସ୍ୱଚ୍ଛ, ସବୁଜ ଓ ପ୍ଲାଷ୍ଟିକ ମୁକ୍ତ ନୂଆପଡ଼ା ପାଇଁ ପଥ ପ୍ରସ୍ତୁତ କରୁଛି ବୋଲି କହିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ୟୁନି ସେଫ ପ୍ରତିନିଧି ମଣ୍ଡଳୀରୁ ଶିପ୍ରା ସାକ୍ସେନା, ଯୋଗେନ୍ଦ୍ର ସିଂ ଏବଂ ସେମାନଙ୍କ ବୈଷୟିକ ଟିମ୍ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ମହାପ୍ରଭୁଙ୍କ ବେଶ ଦର୍ଶନ କରି ଶ୍ରଦ୍ଧାଳୁ ଭାବବିହ୍ୱଳ

## କୃଷ୍ଣ, ବଳରାମ ବେଶ ଦର୍ଶନରେ ଭକ୍ତ ବିମୋହିତ

**ସୋନପୁର, ୨।୭ (ସମିସ):** ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ଆଡପ ମଣ୍ଡପରେ ଠାକୁରଙ୍କ ବିଭିନ୍ନ ଅବତାର ଅନୁଷ୍ଠିତ ହେଉଛି। ବୁଧବାର କୃଷ୍ଣ, ବଳରାମ ବେଶରେ ପ୍ରଭୁ ଜଗନ୍ନାଥ ଓ ବଳଭଦ୍ରଙ୍କୁ ସଜ୍ଜିତ କରାଯାଇଥିଲା।



ଠାକୁରଙ୍କ ଏହି ଅପୂର୍ବ ବେଶ ଦର୍ଶନ ପାଇଁ ଗାଁ ଗହଳିରୁ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଥିଲା। ଠାକୁରଙ୍କ କୃଷ୍ଣ, ବଳରାମ ବେଶ ଦର୍ଶନ କରି ଭକ୍ତ ଭାବ ବିହ୍ୱଳ ହୋଇପଡ଼ିଥିଲେ। ରାତି ୧୦ଟା ଯାଏଁ ଗୁଣ୍ଡିଚା ମନ୍ଦିରରେ ଠାକୁରଙ୍କ ବେଶ ଦର୍ଶନ ପାଇଁ ଲମ୍ବା ଲାଇନ ଲାଗିଥିଲା।

## ପର୍ଶୁରାମ ଅବତାରରେ ଦର୍ଶନ ଦେଲେ ଶ୍ରୀ ଦଧିବାବନ

**ତରଭା, ୨।୭ (ସମିସ):** ତରଭାର ଶ୍ରୀ ଦଧିବାବନ ମହାପ୍ରଭୁ ବୁଧବାର ସନ୍ଧ୍ୟାରେ ପର୍ଶୁରାମ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ପ୍ରଭୁଙ୍କ ଅବତାର ଦର୍ଶନ ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ସେବାୟତ ପ୍ରଦୀପ ନାୟକ, ମହେଶ ମିଶ୍ର, ସୁଧୀର ପୂଜାହାରୀ ପ୍ରମୁଖ ଠାକୁରଙ୍କ ନୀତିକାନ୍ତି ଦାୟିତ୍ୱ ତୁଲାଉଛନ୍ତି। ମନ୍ଦିର ନିକଟରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଏକ ଆଧ୍ୟାତ୍ମିକ ବାତାବରଣ ପରିବେଶ ସୃଷ୍ଟି କରୁଛି।



## ରାମ, ବଳରାମ ବେଶରେ ଦର୍ଶନଦେଲେ ଶ୍ରୀଜିଉ

**ବୌଦ୍ଧ, ୨।୭ (ସମିସ):** ସ୍ଥାନୀୟ ଗୁଣ୍ଡିଚା ମନ୍ଦିରରେ ଆଜି ଶ୍ରୀଜୀଉଙ୍କ ରାମ ବଳରାମ ବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ଶ୍ରୀଜଗନ୍ନାଥ ରାମ ଓ ପ୍ରଭୁ ଶ୍ରୀବଳଭଦ୍ର ବଳରାମ ବେଶ ଧାରଣ କରିଥିଲେ। ବେଶକାରୀ ବାନାମ୍ବର ମହାପାତ୍ର, ଆଶୁତୋଷ ଦାଶ ଓ କାହ୍ନୁ ଚରଣ ମିଶ୍ର ପ୍ରମୁଖ ଶ୍ରୀଜୀଉଙ୍କୁ ବେଶ କରିବା ସହିତ ତୁଳସୀମାଳାରେ ସଜ୍ଜିତ କରିଥିଲେ। ବୌଦ୍ଧ ତଥା ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ପ୍ରଭୁଙ୍କ ଏହି ବେଶ ଦର୍ଶନ କରିବାକୁ ମନ୍ଦିରରେ ପହଞ୍ଚିଥିଲେ। ବିଭିନ୍ନ ସ୍ଥାନରୁ ଆସିଥିବା ସଂକୀର୍ତ୍ତନ୍ୟ ଦଳ ନାମ ସଂକୀର୍ତ୍ତନ କରିଥିବାବେଳେ ବିଭିନ୍ନ ଅନୁଷ୍ଠାନ ତରଫରୁ ଭଜନ ସମାରୋହ ମଧ୍ୟ ଅନୁଷ୍ଠିତ ହୋଇଥିଲା।



● ଜିଲ୍ଲା ଜର୍ଣ୍ଣାଲିଷ୍ଟ ଫୋରମ୍ ବୌଦ୍ଧ ତରଫରୁ ଭଜନ ସମାରୋହ

## ସୌରଭ ନାୟକଙ୍କ ଭଜନରେ ଝୁମିଲେ ଦର୍ଶକ




**ବୌଦ୍ଧ, ୨।୭ (ସମିସ):** ବୌଦ୍ଧ ଜିଲ୍ଲା ଜର୍ଣ୍ଣାଲିଷ୍ଟ ଫୋରମ ତରଫରୁ ନାଗରିକ କମିଟି ସହଯୋଗରେ ମଙ୍ଗଳବାର ସନ୍ଧ୍ୟାରେ ପବିତ୍ର ହେରାପଞ୍ଚମୀ ତିଥିରେ ରଥ ସମ୍ମୁଖରେ ଏକ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଭଜନ ସମାରୋହରେ ଓଡ଼ିଶାର ପ୍ରଖ୍ୟାତ କଣ୍ଠଶିଳ୍ପୀ ସୌରଭ ନାୟକ ସାଥୀ କଣ୍ଠଶିଳ୍ପୀ ରଶ୍ମିତା ସାହୁ, ପଦ୍ମଜା ସ୍ୱାଇଁ ପ୍ରମୁଖଙ୍କ ସହ ଅନେକ କଳାକାର ଅଂଶଗ୍ରହଣ କରି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ସୁନ୍ଦର ଭଜନ ପରିବେଷଣ କରିଥିଲେ। ଏହି ଭଜନ ସମାରୋହରେ ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲ୍ଲାପାଳ ସୁବ୍ରତ ପଣ୍ଡା ଯୋଗଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ଯୋଗ ଦେଇଥିଲେ। ନାଗରିକ କମିଟି ସମ୍ପାଦକ ବିଶ୍ୱେଶ୍ୱର ପୃଷ୍ଟି, ସାମ୍ବାଦିକ ଫୋରମ ସମ୍ପାଦକ ଯୁଗଳ କିଶୋର ସାମଲ, ଉପସଭାପତି ସତ୍ୟ ନାରାୟଣ ପାଣି, ସଦସ୍ୟ ଦିବ୍ୟରଞ୍ଜନ ପଟ୍ଟନାୟକ, ଦେବାନନ୍ଦ ସାହୁଙ୍କ ସମେତ ଫୋରମ୍ ସଦସ୍ୟମାନେ ଉପସ୍ଥିତ ଥିଲେ।



ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରାରେ ମହାପ୍ରଭୁଙ୍କ କୃଷ୍ଣବଳରାମ ବେଶ।

## ସୁବଳୟା ଉଚ୍ଚ ବିଦ୍ୟାଳୟରେ ବିଦ୍ୟୁତ୍ ସୁରକ୍ଷା ସପ୍ତାହ



**ସୁବଳୟା, ୨।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସୁବଳୟା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟରେ ବୁଦବାର ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ବଲାଙ୍ଗୀର ବିଦ୍ୟୁତ ବିଭାଗର ଯନ୍ତ୍ରୀ ଦେବଦତ୍ତ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ବାବୁ, ସିଆରସିସି ମୋନାଲିସା ନନ୍ଦ, ସ୍କୁଲ ପରିଚାଳନା କମିଟିର ସଭାପତି ପ୍ରଦ୍ୟୁମ୍ନ ପୋଢ଼ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସଭାରେ ମଞ୍ଚାସୀନ ଅତିଥିଗଣ ବିଦ୍ୟୁତ ସୁପରିଚାଳନା ସଂରକ୍ଷଣ ଓ ସୁରକ୍ଷିତ ବ୍ୟବହାର କରିବାପାଇଁ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ପ୍ରଧାନ ଶିକ୍ଷକ ସ୍ୱର୍ଣ୍ଣଲତା ବେହେରା ସଭାପତିତ୍ୱ କରିଥିଲେ। ଶିକ୍ଷୟିତ୍ରୀ ସିମ୍ପା ବିଶ୍ୱାଳ ସଭକାର୍ଯ୍ୟ ପରିଚାଳନା କରିଥିବା ବେଳେ ଶିକ୍ଷୟତ୍ରୀ ପ୍ରତିମା ବାଘ ସ୍ୱାଗତ ପରିଚୟ ପ୍ରଦାନ କରିଥିଲେ। ଶେଷରେ ଶିକ୍ଷୟତ୍ରୀ ପଙ୍କଜିନି ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ମାଲେରିଆ, ଡେଙ୍ଗୁ ନିରାକରଣ ବୈଠକ



**ବୌଦ୍ଧ, ୨।୭ (ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମ୍ୟାଲେରିଆ ଓ ଡେଙ୍ଗୁ ନିରାକରଣ ବୈଷୟିକ ଟାସ୍କ ଫୋର୍ସ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନ ଏହି ବୈଠକରେ ଜିଲ୍ଲାପାଳ ସୁବ୍ରତ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ ଗୁରୁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଦନ ମୋହନ ପ୍ରଧାନ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର କିଶୋର ପଟ୍ଟନାୟକ, ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଅଧୀକ୍ଷକ ଡାକ୍ତର ସଂଘମିତ୍ରା ପଣ୍ଡା, ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ ଗିରିଜା ପ୍ରସାଦ ମିଶ୍ର ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ପଣ୍ଡା ଦାସକାଠିଆ ଓ ପାଲା ମାଧ୍ୟମରେ ଲୋକଙ୍କୁ ସଚେତନ କରାଇବା, ହାତଧୋଇ ଖାଇବା, ଔଷଧ ମିଶ୍ରିତ ମଶାରୀ ଠିକ୍ ଭାବେ ବ୍ୟବହାର କରିବାକୁ ଲୋକଙ୍କ ଉଦ୍ଦେଶ୍ୟରେ ପରାମର୍ଶ ଦେଇଛନ୍ତି।

## ସୋନପୁର କଲେଜ ପ୍ରତିଷ୍ଠା ଦିବସରେ ରକ୍ତଦାନ

**ସୋନପୁର, ୨।୭ (ସମିସ):** ସୋନପୁର କଲେଜର ୬୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଅବସରରେ ପୁରାତନ ଛାତ୍ର ସଙ୍ଘ ପକ୍ଷରୁ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୋନପୁର ଏସ୍‌ପି ନାରାୟଣ ନାୟକ ଓ କଲେଜ ଅଧ୍ୟକ୍ଷ ରାଜୀବ ଲୋଚନ ଆଚାର୍ଯ୍ୟ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥଲେ। ପୁରାତନ ଛାତ୍ର ସଙ୍ଘର ସଭାପତି ଡ. ପ୍ରଫୁଲ୍ଲ ରଥ, ସମ୍ପାଦକ ଭାରତଭୂଷଣ ଦାଶ, ଉପଦେଷ୍ଟା ସୀତାଂଶୁ ଶେଖର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ପୁରାତନ ଛାତ୍ର ସଙ୍ଘର ଉପ ସଭାପତି ଗତିକୃଷ୍ଣ ମିଶ୍ର, ସହ ସମ୍ପାଦକ ବିଶ୍ୱବିର ମିଶ୍ର, କୋଷାଧ୍ୟକ୍ଷ ବିଶ୍ୱ ରଞ୍ଜନ ପୂଝାରୀ, ପ୍ଳାବନ ମହାପାତ୍ର, ସ୍ୱରୂପ ପାତ୍ର, ଶାଶ୍ୱତ ମିଶ୍ର, ଶୁଭମ ମିଶ୍ର, ଗୋପାଳ ବାରଇ, ଅଭିଷେକ ଶର୍ମା, ଦୀପକ ମହାପାତ୍ର, ଦେବାଶିଷ ପଟ୍ଟନାୟକ, ଜ୍ୟୋତିର୍ମୟ ମିଶ୍ର ପ୍ରମୁଖଙ୍କ ସହ ସମସ୍ତ କାର୍ଯ୍ୟକର୍ତ୍ତା ଓ ଜିଲ୍ଲା ରକ୍ତଦାତା ସେବା ସଂଘ ସଭାପତି ମନୋଜ ପଣ୍ଡା ସହଯୋଗ କରିଥିଲେ। ଜିଲ୍ଲା ବାର ଆସୋସିଏସନ, ବୁଢ଼ାରଜା ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ଶଗଡ଼ା, ୨।୭ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଦପଲା କ୍ଲଷ୍ଟର ଅଧୀନ ଦପଲା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବନମାଳୀ ବେହେରାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭା ରଞ୍ଜନ ମାଳି, ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀ ମଳିକ, ସମ୍ମାନିତ ଅତିଥି ଭାବରେ ଖୁଣ୍ଟିଗୋରା କ୍ଲଷ୍ଟର ସଂଯୋଜକ ଶତ୍ରୁଘନ ଜାନି, ଦପଲା କ୍ଲଷ୍ଟର ସଂଯୋଜକ ଶ୍ରୀମନ୍ତ କହଁର ଯୋଗଦେଇ ଶ୍ରୀ ବେହେରାଙ୍କ କର୍ମମୟ ଜୀବନ ଉପରେ ଆଲୋଚନା କରିଥିଲେ। ଲଏଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ମହାକୁଡ ସଭାପତିତ୍ୱ କରିଥିଲେ। ଶିକ୍ଷକ କେଶବ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କ୍ଲଷ୍ଟର ସଂଯୋଜକ ଶତ୍ରୁଘନ ଜାନି ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ଧାରରେ ମଲିକୁଦ ଛକ

**ଶଗଡ଼ା, ୨।୭ (ସମିସ):** ପ୍ରତ୍ୟେକ ଛକ ସହ ଗ୍ରାମକୁ ଆଲୋକିତ କରିବା ପାଇଁ ଅନେକ ଯୋଜନା କରି ଗଳିକନ୍ଦିରେ ଷ୍ଟ୍ରିଟ ଲାଇଟ୍ ବ୍ୟବସ୍ଥା କରାଯାଇଛି; ହେଲେ ରକ୍ଷଣା ବେକ୍ଷଣ ଅଭାବରୁ ଲାଇଟ୍‌ଗୁଡ଼ିକ ଜଳୁ ନ ଥିବା ଅଭିଯୋଗ ହୋଇଛି। ଅନେକ ଅଚଳ ଲାଇଟ୍‌କୁ ମରାମତି କରିବା ପାଇଁ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ମଲିକୁଦ ଗ୍ରାମର ଛକ ନିକଟରେ ଥିବା ହାଇମାଷ୍ଟ ଲାଇଟ ଦୀର୍ଘ ବର୍ଷେ ହେବ ଜଳୁ ନ ଥିବା ଦେଖିବାକୁ ମିଳିଛି। ଗ୍ରାମର ପାଖାପାଖି ଏକ ହଜାର ଲୋକ ସହ ଆଖପାଖ ୩୦ ଖଣ୍ଡ ଗ୍ରାମର ଲୋକେ ଏହି ଛକ ଉପରେ ନିର୍ଭର କରିଥାନ୍ତି। ଲାଇଟ୍ ଜଳୁ ନ ଥିବା ବେଳେ ଲୋକେ ଯାତାୟତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଅନ୍ଧାରର ସୁଯୋଗ ନେଇ ଚୋରି ଡକାୟତି ଭଳି ଅସାମାଜିକ କାର୍ଯ୍ୟକଳାପ ବଢ଼ିବାର ମଧ୍ୟ ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ। ଅଞ୍ଚଳବାସୀ ଏହି ଲାଇଟ ମରାମତି କରିବା ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଜଣାଇ ଥିଲେ। ଆଜି ପର୍ଯ୍ୟନ୍ତ କିନ୍ତୁ ଏହା ମରାମତି କରାଯାଇ ନାହିଁ।

## ରେଳ ଓଭର ବ୍ରିଜ ତଳେ ଜମୁଛି ପାଣି

**ତରଭା, ୨।୭ (ସମିସ):** ତରଭା ସହରକୁ ୫୭ ନମ୍ବର ଜାତୀୟ ରାଜପଥ ସହିତ ସଂଯୋଗ କରୁଥିବା ରାସ୍ତା ଉପର ଦେଇ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପାଇଁ ବୈରାସରାଣି ମନ୍ଦିର ନିକଟରେ ଓଭରବ୍ରିଜ ନିର୍ମାଣ କରାଯାଇଛି। ସାମାନ୍ୟ ବର୍ଷା ହେଲେ ଏହି ଓଭରବ୍ରିଜ ତଳେ ପାଣି ଜମି ରହୁଛି। ଏବେ ତରଭା ଅଞ୍ଚଳରେ ବର୍ଷା ଲାଗି ରହିଥିବାରୁ ଓଭରବ୍ରିଜ ତଳେ ଆଣ୍ଠୁଏ ପାଣି ରହିଥିବାରୁ ଗମନାଗମନରେ ଘୋର ଅସୁବିଧା ସୃଷ୍ଟି ହେଉଛି। ଓଭରବ୍ରିଜ ତଳ ରାସ୍ତା ନିର୍ମାଣରେ ତ୍ରୁଟି ରହିଥିବାରୁ ପାଣି ନିଷ୍କାସିତ ହୋଇପାରୁନାହିଁ। ଏହି ରାସ୍ତା ନିର୍ମାଣ ହେବାର ଦୁଇବର୍ଷ ମଧ୍ୟରେ ତିନିଥର ମରାମତି ହେଲାଣି। ତାହା ସତ୍ତ୍ୱେ ପରିସ୍ଥିତି ସୁଧୁରୁନି। ଏହା ଫଳରେ ଗମନାଗମନ ସମୟରେ ଅଞ୍ଚଳବାସୀ ହିନସ୍ତା ହେଉଛନ୍ତି।



## ବୁଲା ଗାଈଗୋରୁଙ୍କୁ ଧରି ଗୋଶାଳାକୁ ପଠାଇଲା ପ୍ରଶାସନ

**ବୌଦ୍ଧ, ୨।୭ (ସମିସ):** ବୌଦ୍ଧ ଏନଏସିର ବିଭିନ୍ନ ରାସ୍ତାରେ ବୁଲୁଥିବା ବୁଲା ଗାଈଗୋରୁଙ୍କୁ ଧରି ପ୍ରଶାସନ ଗୋଶାଳାକୁ ପଠାଇଛି। ବୌଦ୍ଧ ସହରର ବିଭିନ୍ନ ରାସ୍ତାରେ ବୁଲା ଗାଈଗୋରୁଙ୍କ ଚଳପ୍ରଚଳ ଯୋଗୁଁ ବିଭିନ୍ନ ସମୟରେ ଯାନବାହାନ ଦୁର୍ଘଟଣା ଘଟି ଧନ ଜୀବନ ହାନି ହେବା ସହ ଗାଈ ଗୋରୁ ଆହତ ହେଉଛନ୍ତି। ଏଥିଲାଗି ବୌଦ୍ଧ ଏନଏସି ଓ ଜିଲ୍ଲା ପ୍ରଶାସନ ବୁଲା ଗାଈଗୋରୁଙ୍କୁ ଧରି କରମା ପଦର ନିକଟରେ ଥିବା ଗୋଶାଳାକୁ ସ୍ଥାନାନ୍ତର କରାଯାଇଛି। ବୌଦ୍ଧ ଏନଏସି ନିର୍ବାହୀ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ, ପ୍ରାଣୀ ଚିକିତ୍ସା ବିଭାଗର ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ଗାଈଗୋରୁଙ୍କୁ ସ୍ଥାନାନ୍ତର ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା।

## ବନ ବିଭାଗ ପକ୍ଷରୁ ୭୬ତମ ବନ ମହୋତ୍ସବ

**ବୌଦ୍ଧ, ୨।୭ (ସମିସ)**



ବୌଦ୍ଧ ବନ ବିଭାଗ ପକ୍ଷରୁ ସଦର ରେଞ୍ଜ ଗୌଡଦେଇ ସଂରକ୍ଷିତ ଜଙ୍ଗଲରେ ୭୬ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ସହକାରୀ ବନ ସଂରକ୍ଷକ ତଥା ଭାରପ୍ରାପ୍ତ ସଦର ରେଞ୍ଜ ଅଧିକାରୀ ଅର୍ଚ୍ଚନା ଗାମାଙ୍ଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଲିଟେକ୍ନିକ ପ୍ରିନ୍ସିପାଲ ପ୍ରଦୀପ ସାହୁ, ଗୌଡଦେଇ ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୋପାଳ ଅମାତ, ବଘିଆପଡ଼ା ସରପଞ୍ଚ ଅନୁଜା ଦୀପ, ବଘିଆପଡ଼ା ସେକସନ ବନପାଳ ମାଳତୀ ମାଝୀ, ଜାମୁଖୋଲ୍ ବନରକ୍ଷୀ ପ୍ରଶାନ୍ତ ବାରିକ, ବଘିଆପଡ଼ା ବନରକ୍ଷୀ ଉଷାରାଣୀ ଜଗଦେବ, ବେରଡାବାରୀ ବନରକ୍ଷୀ ଚିଦାନନ୍ଦ ବେହେରା, ମଲ୍ଲିକପଡ଼ା ବନରକ୍ଷୀ ସନ୍ତୋଷ ମଲ୍ଲିକଙ୍କ ସମେତ ହାଇସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଉକ୍ତ ଅବସରରେ ୪୦୦ରୁ ଅଧିକ ଚାରା ରୋପଣ କରାଯାଇଥିଲା।

**ମନମୁଣ୍ଡା:** ମନମୁଣ୍ଡା ବନବିଭାଗ ତରଫରୁ ଆଜି ଗୁଦୁଲିଆ ସେକ୍ସନ ସୁବର୍ଣ୍ଣଗିରି ସଂରକ୍ଷିତ ଜଙ୍ଗଲରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରାଙ୍କ ନେତୃତ୍ୱ ଏବଂ ବନପାଳ ପ୍ରକାଶ ସେଠୀ, ଦେବକାନ୍ତ ବେହେରା, ରାମକୃଷ୍ଣ ଦଳବେହେରା, ବନରକ୍ଷୀ ରଞ୍ଜିତ ପ୍ରଧାନ, କର୍ମଚାରୀ ହୃଷୀକେଶ ନାଏକ ପ୍ରମୁଖଙ୍କ ସହଯୋଗରେ ଗ୍ରାମବାସୀଙ୍କୁ ନେଇ ଆଜି ପ୍ରାୟ ୭୦୦ ଚାରାରୋପଣ କରାଯାଇଥିଲା। ସେହିପରି ମାଁ ପାଇଁ ଗଛଟିଏ ଯୋଜନା ରେ ସବୁଜ ରଥ ସାହାଯ୍ୟ ରେ ଉଚ୍ଚବାହାଲି, ଯୋଗିପଦର, ବିଛଣାପାଟି ଇତ୍ୟାଦି ଅନେକ ଗ୍ରାମ ରେ ଲୋକଙ୍କୁ ଚାରା ପ୍ରଦାନ କରାଯାଇଥିଲା।

## ସାମୂହିକ ଛୁଟିରେ ଯିବାକୁ ଓଏଏସ୍ ଅଧିକାରୀଙ୍କ ଦାବିପତ୍ର

**ବୌଦ୍ଧ, ୨।୭ (ସମିସ):** ଭୁବନେଶ୍ୱର ମହାନଗର ନିଗମ ଅତିରିକ୍ତ କମିଶନରଙ୍କୁ ମାଡ ଘଟଣା ସାରା ରାଜ୍ୟରେ ଚର୍ଚ୍ଚା ସୃଷ୍ଟି କରିଛି। ଏହାକୁ ନେଇ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଏହି ଘଟଣାର ପ୍ରତିବାଦରେ ବୌଦ୍ଧ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଓଏଏସ ଅଧିକାରୀ ସାମୂହିକ ଛୁଟିରେ ଯିବା ପାଇଁ ଦାବିପତ୍ର ଦେଇଛନ୍ତି। ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଓଏଏସ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନଙ୍କ ନେତୃତ୍ୱରେ ଜିଲ୍ଲାପାଳ ସୁବ୍ରତ ପଣ୍ଡାଙ୍କୁ ସାକ୍ଷାତ କରି ଲିଖିତ ଭାବରେ ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲାପାଳ ସୁବ୍ରତ ପଣ୍ଡା ଅଧିକାରୀମାନଙ୍କୁ ନେଇ ଏକ ବୈଠକ କରି କୌଣସି ଅଧିକାରୀ ସଦର ମହକୁମା ଛାଡି ନ ଯିବାକୁ ନିର୍ଦ୍ଦେଶ ଦେଇଥିଲେ।

## ହରିଡ଼ାବିଡ଼ା, ଖୁଣ୍ଟପଡ଼ାରେ ପ୍ରାଣୀ ଚିକିତ୍ସା ସେବା



**ବୌଦ୍ଧ, ୨।୭ (ସମିସ):** ହରଭଙ୍ଗା ପ୍ରାଣୀ ପାଳନ ବିଭାଗ ଓ ପୁରୁଣାକଟକ ବନାଞ୍ଚଳ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବାଣୀଭୂଷଣପୁର ପଞ୍ଚାୟତର ବନାଞ୍ଚଳ ପରିବେଷ୍ଟିତ ହରିଡ଼ାବିଡ଼ା ଓ ଖୁଣ୍ଟପଡ଼ା ଗ୍ରାମର ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ପୁରୁଣାକଟକ ବନାଞ୍ଚଳ ଅଧିକାରୀ ଜୟନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରାଣୀ ସ୍ୱାସ୍ଥ୍ୟ ଶିବିରରେ ଫରେଷ୍ଟର ସତୀଶ ରଞ୍ଜନ କମ୍ପ, ସଞ୍ଜନା ମାଝୀ ଓ ବିଭାଗର ପ୍ରଭାକର ସେଠୀ ଯୋଗଦେଇଥିଲେ। ହରଭଙ୍ଗା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡା. ବୀରେନ୍ଦ୍ର ପୃଷ୍ଟି ଗୃହପାଳିତ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସମସ୍ତ ଗୃହପାଳିତ ପ୍ରାଣୀମାନଙ୍କ ଟୀକାକରଣ କରାଇଥିଲେ। ତଳଗାଁ ପ୍ରାଣୀଧନ ନିରୀକ୍ଷକ ଆଶୁତୋଷ ପରିଡ଼ା, ଅମରେଶ୍ୱର ମହାକୁଡ଼, ନିର୍ମଳ ପ୍ରଧାନ, ସଞ୍ଜୟ ସାହୁ, ସରୋଜ ସାମଲ, ଲକ୍ଷ୍ମଣ ପ୍ରଧାନ ଏହି ପ୍ରାଣୀ ଚିକିତ୍ସା ଶିବିରରେ ଅଂଶଗ୍ରହଣ କରିଥିଲେ।

## ସଂସଦର ମୌସୁମୀ ଅଧିବେଶନ ୨୧ରୁ

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ଆସନ୍ତା ୨୧ ତାରିଖରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏହା ଅଗଷ୍ଟ ୨୧ ପର୍ଯ୍ୟନ୍ତ ଚାଲିବ। ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ରାଷ୍ଟ୍ରପତି ମଞ୍ଜୁରି ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି। ତେବେ ସଂସଦ ଅଧିବେଶନ ମଝିରେ ସ୍ୱାଧୀନତା ଦିବସ ପଡୁଥିବାରୁ ଅଗଷ୍ଟ ୧୩ ଏବଂ ୧୪ ତାରିଖ ଗୃହ କାର୍ଯ୍ୟବନ୍ଦ ରହିବ।

## ପହଲଗାମ ଆକ୍ରମଣକୁ ନିନ୍ଦା କଲେ କ୍ୱାଡ୍ ରାଷ୍ଟ୍ର

ୱାସିଂଟନ, ୨।୭ (ଏଜେନ୍ସି): ଆମେରିକାର ୱାସିଂଟନରେ ଅନୁଷ୍ଠିତ କ୍ୱାଡ (ଭାରତ, ଆମେରିକା, ଜାପାନ ଏବଂ ଅଷ୍ଟ୍ରେଲିଆ) ରାଷ୍ଟ୍ରଙ୍କ ବୈଦେଶିକ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ତୀବ୍ର ନିନ୍ଦା କରାଯାଇଛି। ସମସ୍ତେ ଆତଙ୍କବାଦ ବିରୋଧରେ ଏକାଠି ହୋଇ କାର୍ଯ୍ୟାନୁଷ୍ଠାନ ନେବାକୁ ସଙ୍କଳ୍ପ ନେଇଛନ୍ତି। ଏହି ଆକ୍ରମଣର ଦୋଷୀଙ୍କୁ ଶୀଘ୍ର କାଠଗଡ଼ାକୁ ଅଣାଯିବ ବୋଲି କହିଛନ୍ତି। କ୍ୱାଡ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ଆମେ ସବୁ ପ୍ରକାର ଆତଙ୍କବାଦ ଏବଂ ହିଂସାକୁ ବିରୋଧ କରୁଛୁ। ଏହା ମଧ୍ୟରେ ସୀମାପାର ଆତଙ୍କବାଦ ମଧ୍ୟ ସାମିଲ ରହିଛି। ଏହି ବୈଠକରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର, ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିୟୋ, ଜାପାନର ତାକେଶି ଇୱାୟା ଏବଂ ଅଷ୍ଟ୍ରେଲିଆର ପେନି ୱାଙ୍ଗ ସାମିଲ ହୋଇଛନ୍ତି।

## ପାକିସ୍ତାନୀ ୱେବସାଇଟ ଉପରୁ କଟକଣା ହଟିଲା

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ପାକିସ୍ତାନ ନ୍ୟୁଜ ଚ୍ୟାନେଲ, ସେଲିବ୍ରିଟିଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଉପରେ ଭାରତ ସରକାର ଲଗାଇଥିବା କଟକଣାକୁ ହଟାଇ ଦେଇଛନ୍ତି। ତେବେ ଏ ନେଇ ସରକାରଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ କୌଣସି ଘୋଷଣା କରାଯାଇ ନାହିଁ। ଏବେ ପାକିସ୍ତାନୀ କଳାକାର ମାୱରା ହୋକାନେ, ସବା କମାର, ଅହଦ ରାଜା ମିର, ୟୁମନା ଜେଇଦି ଏବଂ ଦାନିଶ ତୈମୁର ଆଦିଙ୍କ ଆକାଉଣ୍ଟ ଭାରତରେ ଦେଖି ହେଉଛି। ତେବେ ଫୱାଦ ଖାନ, ହାନିଆ ଅମିର, ଅତିଫ ଅସଲାମଙ୍କ ଆକାଉଣ୍ଟ ଦେଖି ହେଉନାହିଁ।

## ଦିନିକିଆ ପ୍ରଧାନମନ୍ତ୍ରୀ



ବ୍ୟାଙ୍କକ, ୨।୭ (ଏଜେନ୍ସି): ରାଜନୈତିକ ଅସ୍ଥିରତା ମଧ୍ୟରେ ଥାଇଲାଣ୍ଡରେ ୨୪ ଘଣ୍ଟା ପାଇଁ ପ୍ରଧାନମନ୍ତ୍ରୀ ନିଯୁକ୍ତ କରାଯାଇଛି। ସୂର୍ଯ୍ୟା ଜୁଙ୍ଗରଙ୍ଗରେଙ୍ଗକିଟ (୭୦) ଦେଶର କାର୍ଯ୍ୟନିର୍ବାହୀ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ସେ ସାମ୍ବିଧାନିକ କୋର୍ଟଙ୍କ ନିର୍ଦ୍ଦେଶରେ ନିଲମ୍ବିତ ପ୍ରଧାନମନ୍ତ୍ରୀ ପାଏତୋଙ୍ଗଟର୍ଣ୍ଣ ଶିନାୱାତ୍ରାଙ୍କ ସ୍ଥାନ ନେଇଛନ୍ତି। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ସେ ମାତ୍ର ଦିନକ ପାଇଁ ଏହି ଦାୟିତ୍ୱ ସମ୍ଭାଳିବେ। ସୂର୍ଯ୍ୟାଙ୍କୁ ଥାଇ ରାଜନୀତିର 'ପାଣିପାଗ ବିଜ୍ଞାନୀ' କୁହାଯାଏ। କାରଣ ସେ ସର୍ବଦା କ୍ଷମତାସୀନ ଦଳ ସହ ରହିଥାନ୍ତି।

## କାଜାକିସ୍ତାନରେ ହିଜାବ ନିଷିଦ୍ଧ

ଅସ୍ତାନା, ୨।୭ (ଏଜେନ୍ସି): କାଜାକିସ୍ତାନ ସରକାର ହିଜାବ ନିଷିଦ୍ଧ କରିଦେଇଛନ୍ତି। ସାର୍ବଜନୀନ ସ୍ଥାନରେ ମୁହଁକୁ ସମ୍ପୂର୍ଣ୍ଣ ଘୋଡାଇ ରଖୁଥିବା ପୋଷାକ ପିନ୍ଧିବା ଉପରେ କଟକଣା ଲଗାଇ ଦିଆଯାଇଛି। ରାଷ୍ଟ୍ରପତି କାସିମ-ଜୋମାର୍ଟ ତୋକାୟେଭ ସୋମବାର ଏହି ଆଇନକୁ ଅନୁମୋଦନ ଦେଇଛନ୍ତି। କାହାର ପରିଚୟ ଲୁଚାଇବା ଭଳି ପୋଷାକ ସାର୍ବଜନୀନ ସ୍ଥାନରେ ପିନ୍ଧି ପାରିବେ ନାହିଁ ବୋଲି ଏଥିରେ ନିୟମ ରହିଛି।

## ଛାତ୍ରଙ୍କୁ ଯୌନ ଉତ୍ପୀଡ଼ନ ଦେଇ ଶିକ୍ଷୟିତ୍ରୀ ଗିରଫ

ମୁମ୍ବାଇ, ୨।୭ (ଏଜେନ୍ସି): ଛାତ୍ର (୧୬)ଙ୍କୁ କ୍ରମାଗତ ଭାବେ ଯୌନ ଉତ୍ପୀଡ଼ନ ଦେବା ମାମଲାରେ ମୁମ୍ବାଇ ସ୍କୁଲ୍‌ର ଇଂରାଜୀ ଶିକ୍ଷୟିତ୍ରୀଙ୍କୁ ଗିରଫ କରାଯାଇଛି। ୨୦୨୩ ଡିସେମ୍ବରରେ ସ୍କୁଲ୍‌ର ବାର୍ଷିକ କାର୍ଯ୍ୟକ୍ରମ ଚାଲିଥିବାବେଳେ ଛାତ୍ରଙ୍କୁ ଦେଖି ମହିଳା ତାଙ୍କ ପ୍ରତି ଆକର୍ଷିତ ହୋଇଥିଲେ। ବିବାହ ଏବଂ ପିଲା ଥିବା ସତ୍ତ୍ୱେ ଏହି ମହିଳା ତାଙ୍କୁ ପ୍ରଲୋଭନ ଦେଖାଇ ମୁମ୍ବାଇର ଏକ ପଞ୍ଚତାରକା ହୋଟେଲକୁ ନେଇ ଶାରୀରିକ ସମ୍ପର୍କ ରଖିଥିଲେ। ଏତଲା ଅନୁଯାୟୀ ଅନେକ ସମୟରେ ଛାତ୍ରଙ୍କୁ ମଦ ପିଆଇ ଶିକ୍ଷୟିତ୍ରୀ ଯୌନ ଉତ୍ପୀଡ଼ନ ଦେଉଥିଲେ। ନାବାଳକଙ୍କୁ ଏ ସବୁ ଠିକ୍ ଲାଗୁ ନ ଥିଲା। ତେଣୁ ମହିଳା ତାଙ୍କୁ ଚିନ୍ତା ଦୂର କରୁଥିବା ଔଷଧ ଖାଇବାକୁ ଦେଉଥିଲେ। ଶେଷରେ ଛାତ୍ର ଏ ବିଷୟରେ ନିଜ ପରିବାର ଲୋକଙ୍କୁ ଜଣାଇ ଥିଲେ। ସେମାନେ ଥାନାରେ ଏତଲା ଦେଇଥିଲେ।

## ଇସିଙ୍କୁ ଭେଟିଲେ ବିରୋଧୀ

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ୧୧ ନେତା ବୁଧବାର ନିର୍ବାଚନ କମିଶନ (ଇସି)ଙ୍କୁ ଭେଟିଛନ୍ତି। ବିହାର ଭୋଟର ତାଲିକା ଉପରେ ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର)କୁ ନେଇ ଚର୍ଚ୍ଚା କରିଛନ୍ତି। ରାଜ୍ୟ ନିର୍ବାଚନ ପୂର୍ବରୁ ନିଆଯାଉଥିବା ଏହି ପଦକ୍ଷେପ ଦ୍ୱାରା ୨ କୋଟି ଭୋଟର ମତାଧିକାରରୁ ବଞ୍ଚିତ ହେବେ ବୋଲି କହିଛନ୍ତି। ଏଥର ଇସି ରାଜନୈତିକ ଦଳର ମୁଖିଆଙ୍କ ସହ ଆଲୋଚନା କରିବାକୁ ନିଷ୍ପତ୍ତି ନେଇଛନ୍ତି।



# କୋଭିଡ୍ ପରେ ବଢୁଛି ହୃଦ୍‌ଘାତ ମୃତ୍ୟୁ

## କର୍ଣ୍ଣାଟକରେ ୪୦ ଦିନରେ ହୃଦ୍‌ଘାତ ନେଲାଣି ୨୨ ଜୀବନ

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): କରୋନା ମହାମାରୀ ପରେ ଦେଶରେ ହୃଦ୍‌ଘାତ ମାମଲା ହୁ ହୁ ହୋଇ ବଢ଼ିବାରେ ଲାଗିଛି। ୨୦ ବର୍ଷର ଯୁବକଙ୍କଠାରୁ ନେଇ ୭୦ ବର୍ଷର ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଏହାର ଶିକାର ହେଉଛନ୍ତି। ନିକଟରେ ଅଭିନେତ୍ରୀ ଶେଫାଳି ଜରିୱାଲା ମଧ୍ୟ ହୃଦ୍‌ଘାତରେ ପ୍ରାଣ ହରାଇ ଥିଲେ। ସେହିପରି କର୍ଣ୍ଣାଟକ ହସନ ଜିଲ୍ଲାରେ ଗତ ୪୦ ଦିନରେ ୨୨ ଜଣ ହୃଦ୍‌ଘାତରେ ପ୍ରାଣ ହରାଇଲେଣି। ଏହାକୁ ନେଇ ଦେଶରେ ଚର୍ଚ୍ଚା ଜୋର ଧରିଥିବାବେଳେ କରୋନା ଟିକା ପାଇଁ ଏପରି ହେଉଛି ବୋଲି ଦାବି କରାଯାଉଥିଲା। କିନ୍ତୁ ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମଆର) ଏବଂ ଏମ୍ସ ପକ୍ଷରୁ ଜାରି ଏକ ଗବେଷଣା ରିପୋର୍ଟରେ ଏହି ଦାବିକୁ ଖାରଜ କରି ଦିଆଯାଇଛି। କରୋନା ଟୀକା ଓ ହୃଦ୍‌ଘାତ ମୃତ୍ୟୁ ମଧ୍ୟରେ କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନାହିଁ ବୋଲି କୁହାଯାଇଛି। ଜୀବନଶୈଳୀରେ ପରିବର୍ତ୍ତନ, କରୋନା ପରବର୍ତ୍ତୀ ସମସ୍ୟା ଏବଂ ପୂର୍ବ ସ୍ଥିତି ଯୋଗୁଁ ଯୁବ ବର୍ଗଙ୍କ ମଧ୍ୟରେ ଏହି ମାମଲା ବଢ଼ି ଚାଲିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ବୁଧବାର ମଧ୍ୟ ସମାନ କଥା କୁହାଯାଇଛି। କରୋନା ଟିକା ଏବଂ ହୃଦ୍‌ଘାତ ମଧ୍ୟରେ କୌଣସି ସମ୍ପର୍କ ନାହିଁ ବୋଲି ଜାରି ବିବୃତିରେ କୁହାଯାଇଛି। ଏହାର ଦିନକ ପୂର୍ବରୁ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ରାଜ୍ୟରେ ହୃଦ୍‌ଘାତ ମୃତ୍ୟୁ ବୃଦ୍ଧି ପଛରେ କରୋନା ଟିକା ଥାଇପାରେ ବୋଲି କହିଥିଲେ।

ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଭାରତର କରୋନା ଟିକା ସୁରକ୍ଷିତ ଏବଂ ପ୍ରଭାବୀ। ଏଥିଯୋଗୁଁ ବହୁତ ନଗଣ୍ୟ ପାର୍ଶ୍ୱ ପ୍ରତିକ୍ରିୟା ହୋଇଥାଏ। ଭାରତରେ ଦୁଇଟି କରୋନା ଟିକା କୋଭାକ୍ସିନ ଏବଂ କୋଭିସିଲ୍ଡ ପ୍ରସ୍ତୁତ କରା ଯାଇଥିଲା। ବ୍ରିଟିଶ କମ୍ପାନୀ ଅଷ୍ଟ୍ରାଜେନେକାର ଫର୍ମୁଲାରେ କୋଭିସିଲ୍ଡ ଏବଂ ଆଇସିଏମଆର ସହଯୋଗରେ ଭାରତ ବାୟୋଟେକ କୋଭାକ୍ସିନ ତିଆରି କରିଥିଲା। କିନ୍ତୁ କୋଭିସିଲ୍ଡ ନେଲେ ବିରଳ ପାର୍ଶ୍ୱ ପ୍ରତିକ୍ରିୟା ହୁଏ ବୋଲି ଏହାର ଉତ୍ପାଦନକାରୀ କମ୍ପାନୀ ଅଷ୍ଟ୍ରାଜେନେକା କୋର୍ଟରେ ସ୍ୱୀକାର କରିଥିଲା। ଏହାର ମୃତ୍ୟୁ କାରଣ ପାଲଟି ପାରେ ଏବଂ ଲୋକଙ୍କୁ ଗୁରୁତର କରିଦେଇପାରେ ବୋଲି ଦାବି ହେବା ପରେ ଏହି ମାମଲା କୋର୍ଟକୁ ଯାଇଥିଲା। ପରିବାରଗୁଡ଼ିକ ଉପରେ ଏହା ଭୟଙ୍କର ପ୍ରଭାବ ପକାଇଥିଲା। ଏଥିଯୋଗୁଁ ଅନେକ ଲୋକଙ୍କ ଜୀବନ ଯାଇଥିଲା।

**କରୋନା ଟିକା ଓ ହୃଦ୍‌ଘାତ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ନାହିଁ: ଆଇସିଏମଆର ଅଧ୍ୟୟନ**

**କୋଭିସିଲ୍ଡରେ ପାର୍ଶ୍ୱ ପ୍ରତିକ୍ରିୟା ହେଉଥିବା ମାନିଥିଲା କମ୍ପାନୀ**

ହୃଦ୍‌ଘାତ ମୃତ୍ୟୁର କାରଣ ଜାଣିବା ଲାଗି ୨ଟି ଅଧ୍ୟୟନ ଚାଲିଛି। ଗୋଟିଏ ପୂର୍ବ ତଥ୍ୟ ଆଧାରିତ ଏବଂ ଅନ୍ୟଟି 'ରିୟଲ ଟାଇମ ଇନଭେଷ୍ଟିଗେସନ' ସମ୍ବନ୍ଧିତ। ଆଇସିଏମଆରର ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଏପଡିମୋଲୋଜି (ଏନଆଇଇ) ୨୦୨୩ ମେ'ରୁ ଅଗଷ୍ଟ ପର୍ଯ୍ୟନ୍ତ ୧୯ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୪୭ ହସ୍ପିଟାଲରେ ଅଧ୍ୟୟନ କରିଥିଲା। ଏଥିରେ ୨୦୨୧ ଅକ୍ଟୋବରରୁ ୨୦୨୩ ମାର୍ଚ୍ଚ ମଧ୍ୟରେ ଅଚାନକ ପ୍ରାଣ ହରାଇଥିବା ଲୋକଙ୍କ ତଥ୍ୟ ବିଶ୍ଳେଷଣ କରାଯାଇଥିଲା। କରୋନା ଟିକା ଦ୍ୱାରା ଅଚାନକ ମୃତ୍ୟୁର ବିପଦ ବଢେ ନାହିଁ ବୋଲି ଏଥିରୁ ଜଣାପଡ଼ିଥିଲା। ଯୁବ ଏବଂ ବୟସ୍କଙ୍କ ମଧ୍ୟରେ ଅଚାନକ ମୃତ୍ୟୁର କାରଣ ସନ୍ଧାନ ଲାଗି ଏମ୍ସ ଏବଂ ଆଇସିଏମଆର ପକ୍ଷରୁ ଆଉ ଏକ ଅଧ୍ୟୟନ କରାଯାଉଛି। ପ୍ରାରମ୍ଭିକ ତଥ୍ୟରୁ ଜଣାପଡ଼ିଛି ଯେ ହୃଦ୍‌ଘାତ କିମ୍ବା ମାୟୋକାର୍ଡିୟଲ ଇନ୍‌ଫାର୍କ୍ସନ (ଏମଆଇ) ଏହି ବୟସରେ ମୃତ୍ୟୁର ପ୍ରମୁଖ କାରଣ ପାଲଟୁଛି। ଗତ କିଛି ବର୍ଷ ହେଲା ଅଚାନକ ମୃତ୍ୟୁର କାରଣ ପାଲଟୁଥିବା ଧାରାରେ କୌଣସି ବଡ଼ ପରିବର୍ତ୍ତନ ଆସିନାହିଁ। ଜେନେଟିକ ମ୍ୟୁଟେସନ ପାଇଁ ଅଧିକାଂଶ ମୃତ୍ୟୁ ହୋଇଛି। ଏବେ ଏହି ଅଧ୍ୟୟନ ଜାରି ରହିଛି।

# ବିହାର ନିର୍ବାଚନ ପର୍ଯ୍ୟନ୍ତ ଅଟକିଲା ନେତୃତ୍ୱ ପରିବର୍ତ୍ତନ ନିଷ୍ପତ୍ତି



ବେଙ୍ଗାଲୁରୁ, ୨।୭ (ଏଜେନ୍ସି): କର୍ଣ୍ଣାଟକରେ ନେତୃତ୍ୱ ପରିବର୍ତ୍ତନ ନେଇ ଚର୍ଚ୍ଚା ଜୋର୍ ଧରିଛି। ମୁଖ୍ୟମନ୍ତ୍ରୀ ପଦ ଲାଗି ଦୁଇ ନେତାଙ୍କ ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ପାଇଁ କଂଗ୍ରେସ ହାଇକମାଣ୍ଡ ଦଳର ସାଧାରଣ ସଂପାଦକ ରଣଦୀପ ସୂର୍ଯେୱାଲାଙ୍କୁ ପଠାଇଥିଲେ। ସେ ଦଳୀୟ ବିଧାୟକମାନଙ୍କୁ ଭେଟି ସେମାନଙ୍କର ମତାମତ ନେଇଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ପଦରେ ରହିବା ଲାଗି ସିଦ୍ଧ ରମୈୟା ଜିଦ୍ ଧରିଥିବାରୁ ସମାଧାନର ବାଟ ବାହାରି ପାରୁନାହିଁ। ହାଇକମାଣ୍ଡ ଏହାଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି କୁହାଯାଇଥିଲେ ମଧ୍ୟ ଚଳିତ ବର୍ଷ ଶେଷ ଆଡ଼କୁ ହେବାକୁ ଯାଉଥିବା ବିହାର ବିଧାନସଭା ନିର୍ବାଚନ ପର୍ଯ୍ୟନ୍ତ ନେତୃତ୍ୱରେ କୌଣସି ପରିବର୍ତ୍ତନ ହେବନାହିଁ ବୋଲି ଜଣାପଡ଼ିଛି।

ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ସମର୍ଥକ ନେତୃତ୍ୱ ପରିବର୍ତ୍ତନ ଲାଗି ଦାବି କରୁଥିବା ବେଳେ ସିଦ୍ଧରମୈୟା ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ନାରାଜ। ନେତୃତ୍ୱ ପରିବର୍ତ୍ତନ ଚର୍ଚ୍ଚାକୁ ସେ ପୁଣିଥରେ ଖଣ୍ଡନ କରିଦେଇଛନ୍ତି। ସେ ପାଞ୍ଚ ବର୍ଷ ପାଇଁ ଏହି ପଦବୀରେ ରହିବେ ବୋଲି ଦମ୍ଭୋକ୍ତି ବାଢିଛନ୍ତି। ସେ କହିଛନ୍ତି 'ହଁ, ମୁଁ ମୁଖ୍ୟମନ୍ତ୍ରୀ ରହିବି। ଏଥିରେ କୌଣସି ସନ୍ଦେହ ଅଛି କି? ନେତୃତ୍ୱ ପରିବର୍ତ୍ତନ ନେଇ ବିଜେପି ଏବଂ ଜେଡିଏସ ନେତାଙ୍କ ଦାବି ଉପରେ ସେ କହିଛନ୍ତି ଯେ ଏହି ଚର୍ଚ୍ଚା ଯେଉଁମାନେ କରୁଛନ୍ତି ସେମାନେ କ'ଣ କଂଗ୍ରେସ ହାଇକମାଣ୍ଡ କି? ବିରୋଧୀ ଦଳ ନେତା ଆର ଅଶୋକ ବିଜେପି ଲୋକ। ବିୱାଇ ବିଜୟେନ୍ଦ୍ର ବିଜେପି ଅଧ୍ୟକ୍ଷ। ବିଧାନ ପରିଷଦର ବିରୋଧୀ ଦଳ ନେତା ଚଲୱଡି ନାରାୟଣ ସ୍ୱାମୀ ମଧ୍ୟ ବିଜେପି ନେତା। ସେମାନେ ଏହି କଥା କହିଲେ ଆପଣମାନେ ଲେଖିବେ କି ବୋଲି ସିଦ୍ଧରମୈୟା ସାମ୍ବାଦିକମାନଙ୍କୁ ପ୍ରଶ୍ନ କରିଛନ୍ତି। ଏହା ପୂର୍ବରୁ ମଧ୍ୟ ଶିବକୁମାରଙ୍କ ସହ ମତଭେଦ ଖବରକୁ ମୁଖ୍ୟମନ୍ତ୍ରୀ ଖଣ୍ଡନ କରିଥିଲେ। ଶିବକୁମାରଙ୍କ ସହ ସଂପର୍କ ଭଲ ଅଛି ଓ ଦଳରେ ଏକତା ରହିଛି। ସରକାର ୫ ବର୍ଷ ପର୍ଯ୍ୟନ୍ତ ମଜବୁତ ରହିବ ବୋଲି କହିଥିଲେ।

**■ ମୁଁ ମୁଖ୍ୟମନ୍ତ୍ରୀ ରହିବି; କିଛି ସନ୍ଦେହ ଅଛି କି: ସିଦ୍ଧରମୈୟା**

**■ ମୋ ପାଖରେ କ'ଣ ବିକଳ୍ପ ଅଛି: ଶିବକୁମାର**

ଅନ୍ୟପକ୍ଷରେ ଉପ-ମୁଖ୍ୟମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ପଦ ଲାଗି ଦାବିଦାର ଶିବକୁମାର କହିଛନ୍ତି ଯେ ମୋ ପାଖରେ ଆଉ କ'ଣ ବିକଳ୍ପ ଅଛି? ମୁଁ ସିଦ୍ଧରମେୟାଙ୍କ ସହ ରହିଛି ଏବଂ ତାଙ୍କୁ ସମର୍ଥନ ଦେବି। ହାଇକମାଣ୍ଡ ନିଷ୍ପତ୍ତିକୁ ବିରୋଧ କରିବାର ପ୍ରଶ୍ନ ଉଠୁନାହିଁ। ହାଇକମାଣ୍ଡ ଯାହା ଚାହିଁବେ, ତାହା କରିବି। ସେ କହିଲେ ଯେ ରାଜ୍ୟରେ ଦଳୀୟ ସଂଗଠନକୁ କିପରି ମଜବୁତ କରାଯିବ, ସେହି ଉଦ୍ଦେଶ୍ୟରେ ବିଧାୟକମାନଙ୍କ ସହ ଆଲୋଚନା ପାଇଁ ଆସିଥିଲେ ସୂର୍ଯେୱାଲା। ମୁଖ୍ୟମନ୍ତ୍ରୀ ବଦଳାଇବା କିମ୍ବା ରାଜ୍ୟ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ନେଇ କୌଣସି ବିଚାର ଆଲୋଚନା ହୋଇନାହିଁ ବୋଲି ଶିବକୁମାର ସ୍ପଷ୍ଟ କରିଛନ୍ତି।

## ଶେଖ୍ ହସିନାଙ୍କୁ ୬ ମାସ୍ ଜେଲ୍ ଦଣ୍ଡ



ଢାକା, ୨।୭ (ଏଜେନ୍ସି): ଅଦାଲତ ଅବମାନନା ମାମଲାରେ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ଛଅ ମାସ ଜେଲ ଦଣ୍ଡାଦେଶ ହୋଇଛି। ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ୍ (ଆଇଟିସି) ବୁଧବାର ଏହି ଦଣ୍ଡାଦେଶ ଶୁଣାଇଛି। ହସିନା ଏବଂ ସ୍ଥାନୀୟ ନେତା ଶକିଲ ବୁଲବୁଲଙ୍କ ମଧ୍ୟରେ ଫୋନ୍ ବାର୍ତ୍ତାଳାପର ତଦନ୍ତ କରିବା ପରେ ଆଇଟିସି ଏହି ରାୟ ଦେଇଛି। ଗତ ବର୍ଷ ଏହି ବାର୍ତ୍ତାଳାପ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏଥିରେ ଶେଖ୍ ହାସିନା କହିଥିଲେ ଯେ ତାଙ୍କ ବିରୁଦ୍ଧରେ ୨୨୭ ମାମଲା ପଞ୍ଜିକୃତ ହୋଇଛି। ତେଣୁ ତାଙ୍କୁ ୨୨୭ ଜଣଙ୍କୁ ହତ୍ୟା କରିବାର ଲାଇସେନ୍ସ ମିଳିଛି।

# ତିବ୍ବତୀୟ ବାଛିବେ ନୂଆ ଦଲାଇଲାମା

ଧର୍ମଶାଳା, ୨।୭ (ଏଜେନ୍ସି): ପରବର୍ତ୍ତୀ ଦଲାଇଲାମା କିଏ ହେବ ତାହାକୁ ନେଇ ସାରା ବିଶ୍ୱର ନଜର ରହିଛି। ଏପରି ସମୟରେ ତିବ୍ବତୀୟ ଧର୍ମଗୁରୁ ଦଲାଇଲାମା ବଡ଼ ଘୋଷଣା କରିଛନ୍ତି। ତେବେ ତାଙ୍କର ଏହି ଘୋଷଣା ଚୀନ୍‌କୁ ପସନ୍ଦ ଆସିନି। ତିବ୍ବତରେ ବୌଦ୍ଧ ଧର୍ମାବଲମ୍ବୀଙ୍କୁ ଅତ୍ୟାଚାର ଦେଉଥିବା ଏହି ବିସ୍ତାରବାଦୀ ଦେଶ ଧର୍ମଗୁରୁ ଚୟନରେ କେଁ ପୂରାଇଛି। ହିମାଚଳର ଧର୍ମଶାଳାରେ ବୁଧବାରଠାରୁ ଆରମ୍ଭ ହୋଇଥିବା ୧୫ତମ ତିବ୍ବତୀୟ ଧାର୍ମିକ ସମ୍ମିଳନୀରେ ଦଲାଇଲାମା ନିଜର ପରବର୍ତ୍ତୀ ଉତ୍ତରାଧିକାରୀଙ୍କୁ ନେଇ ଆଭିମୁଖ୍ୟ ସ୍ପଷ୍ଟ କରିଦେଇଛନ୍ତି। ଆଉ ଚୀନ୍‌କୁ ବଡ଼ ଜବାବ ଦେଇଛନ୍ତି। ସେ କହିଛନ୍ତି ଯେ ଆଗକୁ ବି ଦଲାଇଲାମା ଅନୁଷ୍ଠାନ ଜାରି ରହିବ। ତାଙ୍କ ଅନ୍ତେ ତିବ୍ବତୀୟ ତଥା ବୌଦ୍ଧ ପରମ୍ପରା ଅନୁଯାୟୀ ପରବର୍ତ୍ତୀ ଉତ୍ତରାଧିକାରୀ ଚୟନ ହେବ। ନୂଆ ଦଲାଇଲାମା ଚୟନର ଦାୟିତ୍ୱ ସେ ତିବ୍ବତୀୟ ସଂଗଠନ ଗାଦେନ ଫୋଡରଙ୍ଗ ଟ୍ରଷ୍ଟକୁ ପ୍ରଦାନ କରିଛନ୍ତି। ତିବ୍ବତୀୟ ଲୋକମାନେ ହିଁ ନୂଆ



ଦଲାଇଲାମା ଚୟନ କରିବେ। ଏଥିରେ ଚୀନ୍‌ର କୌଣସି ଭୂମିକା ରହିବ ନାହିଁ। ଯଦି ଚୀନ୍ ଦଖଲ ଦେବାକୁ ପ୍ରୟାସ କରିବ ତେବେ ଏହାକୁ ବରଦାସ୍ତ କରାଯିବ ନାହିଁ। ତେବେ ଦଲାଇଲାମାଙ୍କ ଏହି ମନ୍ତବ୍ୟକୁ ଚୀନ୍ ଗ୍ରହଣ କରିପାରି ନାହିଁ। ଏହି ଘୋଷଣାକୁ ନେଇ ଚୀନ୍ କ୍ଷୁବ୍ଧ ହୋଇଯାଇଛି।

ବୌଦ୍ଧ ଧର୍ମ ଏବଂ ତିବ୍ବତରେ ଦଖଲ ଦେଉଥିବା ଏହି ରାଷ୍ଟ୍ର ପକ୍ଷରୁ କୁହାଯାଇଛି ଯେ ଉତ୍ତରାଧିକାରୀ ଚୟନ ପାଇଁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ନେବାକୁ ପଡ଼ିବ। ଚୀନ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର କହିଛନ୍ତି ଯେ ଦଲାଇଲାମା, ପାଞ୍ଚେନ ଲାମା ଓ ଅନ୍ୟ ବୌଦ୍ଧ ନେତାଙ୍କ ପୁନର୍ଜନ୍ମ ପ୍ରକ୍ରିୟା 'ଗୋଲ୍ଡେନ ଆର୍ଣ୍ଣ ଲଟେରି' ଅନୁସାରେ କରାଯିବ। ସୂଚନାଯୋଗ୍ୟ ଯେ ଧର୍ମଶାଳା ସ୍ଥିତ ଦଲାଇଲାମା ଲାଇବ୍ରେରି ଆଣ୍ଡ ଆର୍କାଇଭରେ ଆରମ୍ଭ ହୋଇଥିବା ତିନି ଦିନିଆ ସମ୍ମିଳନୀରେ ବୌଦ୍ଧ ଧର୍ମର ବିଭିନ୍ନ ପରମ୍ପରାର ଲାମାମାନେ, ତିବ୍ବତୀୟ ସଂସଦ, ସଂଗଠନ ଏବଂ ସାରା ବିଶ୍ୱରେ ଥିବା ତିବ୍ବତୀୟ ସମୁଦାୟର ପ୍ରତିନିଧି ଭାଗ ନେଉଛନ୍ତି। ବର୍ତ୍ତମାନର ଦଲାଇଲାମା ପକ୍ଷରୁ ଜାରି ବୟାନରେ କୁହାଯାଇଛି ଯେ ଦଲାଇଲାମା ଅନୁଷ୍ଠାନକୁ ଜାରି ରଖିବାକୁ ତିବ୍ବତୀୟ ଲୋକ, ମଙ୍ଗୋଲିଆ, ଚୀନ ଏବଂ ସାରା ବିଶ୍ୱରେ ଥିବା ବୌଦ୍ଧ ସଂପ୍ରଦାୟ ଦଲାଇଲାମାଙ୍କୁ ଅନୁରୋଧ କରିଥିଲେ। ଏହାକୁ ଗ୍ରହଣ କରାଯାଇଛି।

## କ୍ଷମତା ବଦଳିବା ପରେ ବଦଳିଗଲା ଆଭିମୁଖ୍ୟ

### ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ବଙ୍ଗଳାର ହେବ ନବୀକରଣ

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ସରକାର ବଦଳିବା ପରେ ଆଭିମୁଖ୍ୟ ବଦଳି ଯାଇଥାଏ। ନିର୍ବାଚନୀ ପ୍ରଚାର ସମୟରେ ଯେଉଁ ପ୍ରସଙ୍ଗକୁ ନେଇ ବିରୋଧୀ ଦଳକୁ ବିରୋଧ କରାଯାଇଥାଏ କ୍ଷମତାକୁ ଆସିବା ପରେ ତାହାକୁ ଦଳ ଆପଣାଇ ନେଇଥାଏ। ବିରୋଧ ସମର୍ଥନ ପାଲଟି ଯାଏ। ଦିଲ୍ଲୀ ସରକାରରେ ଏପରି ଦେଖିବାକୁ ମିଳିଛି। କ୍ଷମତାରୁ ଦୂରରେ ଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବାସଭବନ ନବୀକରଣକୁ ବିଜେପି ପ୍ରମୁଖ ପ୍ରସଙ୍ଗ କରିଥିଲା। ଏହାକୁ 'ଶିଶ୍ ମହଲ' କହିଥିଲା। ଆମ ଆଦ୍‌ମୀ ଯାହା କହିଥିଲେ ତା'ର ବୀପରିତ କରିଛନ୍ତି ବୋଲି କୁହାଯାଇଥିଲା। ମାତ୍ର ବିଜେପି କ୍ଷମତାକୁ ଆସିବା ପରେ ରେଖା ଗୁପ୍ତା ମୁଖ୍ୟମନ୍ତ୍ରୀ ହୋଇଥିଲେ। ତାଙ୍କୁ ରାଜନିବାସ ମାର୍ଗରେ ଥିବା ମୁଖ୍ୟମନ୍ତ୍ରୀ ସରକାରୀ ବଙ୍ଗଳା ମିଳିଛି। ଏବେ ଏହାକୁ ନବୀକରଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଖୁବଶୀଘ୍ର ଏହାର ମରାମତି ଏବଂ ସାଜସଜ୍ଜା କାମ ଆରମ୍ଭ ହେବାକୁ ଯାଉଛି। ପୂର୍ବରୁ ଏହି ବଙ୍ଗଳାକୁ ଉପ-ରାଜ୍ୟପାଳ ସଚିବାଳୟର କାର୍ଯ୍ୟାଳୟ ଭାବେ ବ୍ୟବହାର କରାଯାଉଥିଲା।

**■ ଲାଗିବ ୨୪ ଏସି, ୫ଟି ସ୍ମାର୍ଟ ଟିଭି**

**■ କେଜ୍ରିୱାଲଙ୍କ ବଙ୍ଗଳାକୁ କହିଥିଲେ 'ଶିଶ୍ ମହଲ'**

ମୁଖ୍ୟମନ୍ତ୍ରୀଙ୍କ ବଙ୍ଗଳାରେ ୨୪ଟି ଏୟାର କଣ୍ଡିସନର (ଏସି), ୫ଟି ସ୍ମାର୍ଟ ଟିଭି ( ଚାରୋଟି ୫୫ ଇଞ୍ଚ ଏବଂ ଗୋଟିଏ ୬୫ ଇଞ୍ଚ), ୩ଟି ବଡ଼ ଝୁମର, ୮୦ରୁ ଅଧିକ ପଙ୍ଖା ଲଗାଯିବ। ରୋଷେଇ ଘରେ ଗ୍ୟାସ୍ ହବ୍, ଇଲେକ୍‌ଟ୍ରିକ୍ ଚିମନୀ, ମାଇକ୍ରୋୱେଭ, ଟୋଷ୍ଟ ଗ୍ରୀଲ, ୱାସିଂ ମେସିନ, ଡିସ୍‌ୱାସର, ଘଣ୍ଟାକୁ ୫୦ ଲିଟର ପାଣି ବାହାରୁଥିବା ଆରଓ ୱାଟର ପ୍ଲାଣ୍ଟର ସୁବିଧା ରହିବ। ପ୍ରଥମ ପର୍ଯ୍ୟାୟରେ ଏହି ନବୀକରଣ ଲାଗି ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। କେବଳ ଏସି ପାଇଁ ୧୧ ଲକ୍ଷରୁ ଅଧିକ ଟଙ୍କା ଏବଂ ଲାଇଟ୍ ଝୁମର ଲାଗି ୬ ଲକ୍ଷ ଟଙ୍କା ବଜେଟ ରହିଛି। ଏହି କୋଠାରେ ୪ଟି ଶୟନ କକ୍ଷ, ଡ୍ରଇଂ ରୁମ୍, ଭିଜିଟର୍ସ ହଲ୍, ଚାକରଙ୍କ ପ୍ରକୋଷ୍ଠ, ରୋଷେଇ ଘର ଆଦି ରହିଛି। ପୂର୍ବରୁ କେଜ୍ରିୱାଲଙ୍କ ଫ୍ଲାଗଷ୍ଟାଫ ରୋଡ(୬) ସ୍ଥିତ ବାସଭବନକୁ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଦୁର୍ନୀତିର ପ୍ରତୀକ କହିଥିଲେ।

## ଗାଜାରେ ୬୦ ଦିନିଆ ଅସ୍ତ୍ରବିରତି ଲାଗି ଇସ୍ରାଏଲ ରାଜି

ୱାସିଂଟନ, ୨।୭ (ଏଜେନ୍ସି): ଗାଜାରେ ୬୦ ଦିନିଆ ଅସ୍ତ୍ରବିରତି ପାଇଁ ଇସ୍ରାଏଲ ରାଜି ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ସୂଚନା ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଏହି ସମୟ ମଧ୍ୟରେ ସମସ୍ତ ପକ୍ଷଙ୍କୁ ଭେଟି ଯୁଦ୍ଧ ଶେଷ କରିବାକୁ ପ୍ରୟାସ କରାଯିବ। ଟ୍ରମ୍ପ ହମାସକୁ ମଧ୍ୟ ଚେତାବନୀ ଦେଇଛନ୍ତି। ଏହି ଚୁକ୍ତିକୁ ହମାସ ସ୍ୱୀକାର ନ କଲେ ପରିସ୍ଥିତି ଆହୁରି ଖରାପ ହେବ ବୋଲି କହିଛନ୍ତି। କାତାର ଏବଂ ଇଜିପ୍ଟ ଏହି ଚୁକ୍ତିର ଚୂଡ଼ାନ୍ତ ପ୍ରସ୍ତାବ ହମାସ ପାଖକୁ ପଠାଇବେ। ଏହି ଦୁଇ ଦେଶ ଦୀର୍ଘ ସମୟ ଧରି ଶାନ୍ତି ପ୍ରତିଷ୍ଠା ଲାଗି ପ୍ରୟାସ କରିଚାଲିଛନ୍ତି। ଟ୍ରମ୍ପ ସୋସିଆଲ ମିଡିଆରେ ଏହି ସୂଚନା ଦେଇଛନ୍ତି। ସେ ଲେଖିଛନ୍ତି ଯେ ଗାଜା ବିଷୟରେ ଆଜି ଇସ୍ରାଏଲୀ ଅଧିକାରୀଙ୍କ ସହିତ ମୋର ଭଲ ଆଲୋଚନା ହୋଇଛି। ଅସ୍ତବିରତି ପାଇଁ ଇସ୍ରାଏଲ ରାଜି ହୋଇଛି। ଏବେ ଆମେ ସମସ୍ତ ପକ୍ଷଙ୍କ ସହିତ କଥା ହୋଇ ଯୁଦ୍ଧ ଶେଷ କରିବାକୁ ଚେଷ୍ଟା କରିବୁ। ଆଶା କରାଯାଉଛି ଯେ ହମାସ ଏହି ପ୍ରସ୍ତାବକୁ ଗ୍ରହଣ କରିବ। କାରଣ ଏହାଠାରୁ ଭଲ ସୁଯୋଗ ଆଉ କିଛି ହେବ ନାହିଁ।

# ଚର୍ଚ୍ଚାରେ ଆଇଏଏସ୍ ନେହା: ୩ ଥର ଫେଲ୍ ହେବା ପରେ ଛାଡ଼ିଥିଲେ ମୋବାଇଲ

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ପ୍ରଥମ ଦୁଇଟି ପ୍ରୟାସରେ ୟୁପିଏସ୍‌ସିର ପ୍ରିଲିମିନାରୀ ପରୀକ୍ଷାରେ ପାସ୍ କରିପାରି ନ ଥିଲେ। ତୃତୀୟ ପ୍ରୟାସରେ ପ୍ରିଲିମିନାରୀ ପାସ୍ କରିଥିଲେ, କିନ୍ତୁ ମେନ୍ସ ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରି ନ ଥିଲେ। ତିନି ଥର ବିଫଳ ହେବା ସତ୍ତ୍ୱେ ହାର୍ ମାନି ନ ଥିଲେ। ଅଧିକ କଠିନ ପରିଶ୍ରମ କରିଥିଲେ। ଏଥିପାଇଁ ମୋବାଇଲ ସହ ସମ୍ପର୍କ ତୁଟାଇ ଦେଇଥିଲେ। ମୋବାଇଲ ଦ୍ୱାରା ଅଧିକ ସମୟ ଯାଉଥିବା ଭାବି ଏହାକୁ ଭାଙ୍ଗି ଦେଇଥିଲେ। ମାସେ କି ବର୍ଷେ ନୁହେଁ, ତିନି ବର୍ଷ ପର୍ଯ୍ୟନ୍ତ ମୋବାଇଲ ଛାଡ଼ି ଦେଇଥିଲେ। ଦିନକୁ ୧୭-୧୮ ଘଣ୍ଟା ପଢୁଥିଲେ। କଠିନ ପରିଶ୍ରମ ଏବଂ ନିଷ୍ଠା ପାଇଁ ଶେଷରେ ସଫଳ ହୋଇ ସାରା ଦେଶର ଧ୍ୟାନ ଆକର୍ଷଣ କରିବାରେ ସଫଳ ହୋଇଥିଲେ। ୪ର୍ଥ ପ୍ରୟାସରେ ୨୪ ବର୍ଷ ବୟସରେ ୟୁପିଏସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ୯୬୦ ମାର୍କ ରଖି ସର୍ବ ଭାରତୀୟସ୍ତରରେ ୫୬୯ ର୍ୟାଙ୍କ ହାସଲ କରି ଭାରତୀୟ ପ୍ରଶାସନିକ ସେବା (ଆଇଏଏସ) ଅଧିକାରୀ ହୋଇଥିଲେ। ଆଇଏଏସ ଅଧିକାରୀ ନେହା ବୟଦୱାଲ ଏହି ସଫଳତା ପାଇଛନ୍ତି। ୨୫ ବର୍ଷୀୟ ଏହି ଆଇଏଏସ ଏବେ ଗୁଜରାଟରେ ଅବସ୍ଥାପିତ ଅଛନ୍ତି।

ସୂଚନା ଅନୁଯାୟୀ ନେହା ରାଜସ୍ଥାନରେ ଜନ୍ମ ହୋଇଥିଲେ। ତେବେ ସେ ଛତିଶଗଡ଼ର ରାୟପୁରରେ ବଡ଼ ହୋଇଥିଲେ। ସେ ୫ମ ଶ୍ରେଣୀରେ ପ୍ରଥମଥର ପାଇଁ ବିଫଳ ତଥା ଫେଲ୍ ହୋଇଥିଲେ। କିନ୍ତୁ ଏହା ତାଙ୍କୁ କଠିନ ପରିଶ୍ରମ କରିବାକୁ ଖୋରାକ ଯୋଗାଇ ଥିଲା। ସେ ଭାଙ୍ଗି ନ ଯାଇ କଠୋର ପରିଶ୍ରମ କରି ସଫଳତାର ସହ ଆଗକୁ ବଢ଼ି ଚାଲିଥିଲେ। ଏକ ସାକ୍ଷାତକାରରେ ନେହା କହିଥିଲେ ଯେ ରାୟପୁରରେ ରହୁଥିବାବେଳେ ବାପାଙ୍କ ଚାକିରି ପାଇଁ ସେ ଭୋପାଳ ଚାଲି ଆସିଥିଲେ। ସେଠାରେ ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ତାଙ୍କ ନାମ ଲେଖା ଯାଇଥିଲା। ପୂର୍ବରୁ ହିନ୍ଦୀ ଶିଖିଥିବା ନେହାଙ୍କ ପାଇଁ ଇଂରାଜୀ ଶିଖିବା କଠିନ ହୋଇଥିଲା। କିନ୍ତୁ ସେ ହାର୍ ମାନି ନ ଥିଲେ। କିଛି ଦିନ ମଧ୍ୟରେ ଇଂରାଜୀ



ଶିଖି ଯାଇଥିଲେ।

ବରିଷ୍ଠ ଆୟକର ବିଭାଗ ଅଧିକାରୀଙ୍କ ଝିଅ ନେହା ବାପାଙ୍କ ପନ୍ଥାକୁ ଅନୁସରଣ କରି ୟୁପିଏସ୍‌ସି ପରୀକ୍ଷା ଦେବାକୁ ଚାହିଁଥିଲେ। କିନ୍ତୁ ବାରମ୍ବାର ବିଫଳ ହେବା ଯୋଗୁଁ ସେ ମୋବାଇଲକୁ ନିଜ ଠାରୁ ଦୂରେଇ ଦେଇଥିଲେ। ସେ ୩ ବର୍ଷ ପର୍ଯ୍ୟନ୍ତ ମୋବାଇଲ ବ୍ୟବହାର କରି ନଥିଲେ। ସେ କଠିନ ପରିଶ୍ରମକୁ ସଫଳତାର ଶ୍ରେୟ ଦେଇଛନ୍ତି। ନେହା କହିଛନ୍ତି ଯେ କୌଣସି ସ୍ଥାନକୁ ବୁଲିବାକୁ ନ ଯିବା କିମ୍ବା କିଛି ଜିନିଷ ନ କିଣିବା ବଳିଦାନ ନୁହେଁ। ଦିନ ତମାମ କାମ କରି ଘରକୁ ଫେରିବା ପରେ ନିଜ ପିଲାଙ୍କ ପାଠପଢ଼ାକୁ ଗୁରୁତ୍ୱ ଦେବା ହିଁ ହେଉଛି ବଳିଦାନ। ବାପା କାମରୁ ଫେରିବାର ୩୦ ମିନିଟ ମଧ୍ୟରେ ନିଜକୁ ପ୍ରସ୍ତୁତ କରି ନେଉଥିଲେ। ଗଣିତ ଠାରୁ ଇତିହାସ ପର୍ଯ୍ୟନ୍ତ ମୋତେ ପଢ଼ାଉ ଥିଲେ। ଏହି ଯାତ୍ରା ଆମକୁ କଠିନ ପରିଶ୍ରମ, ନିଷ୍ଠା, ଉତ୍ସାହ, ହାର ନ ମାନିବାର ଦୃଢ଼ତାକୁ ଏବଂ ସମୟ ପରିଚାଳନାକୁ ଦର୍ଶାଉଛି।

## 'ଡେଲିଭରି ବୟ-୨'ରେ ଅର୍ଚ୍ଚିତା




ଓଡ଼ିଆ ସିନେମା 'ଡେଲିଭରି ବୟ'ର ଅପୂର୍ବ ସଫଳତା ପରେ ଖୁବ୍‌ଶୀଘ୍ର ଆସିବାକୁ ଯାଉଛି 'ଡେଲିଭରି ବୟ-୨।' ଓଲିଉଡ୍‌ର ସୁପର କ୍ୱିନ୍ ଅର୍ଚ୍ଚିତାଙ୍କୁ ଏଥିରେ ଦେଖିବାକୁ ମିଳିବ। ଅର୍ଚ୍ଚିତାଙ୍କର ଏହି ଭୂମିକା ଜଣେ ଡେଲିଭରି ଗର୍ଲ ଭାବେ ରହିଛି। ଯିଏକି ନିଜ ପରିବାରକୁ ସମର୍ଥନ କରିବା ସହ ବ୍ୟକ୍ତିଗତ ସ୍ୱପ୍ନକୁ ବଞ୍ଚାଇ ରଖିବାରେ ସଂଘର୍ଷ କରୁଛନ୍ତି। ତାଙ୍କର ଅଭିନୟ ମହିଳାଙ୍କ ସାହସ ଓ ଦୃଢ଼ ମନୋବଳକୁ ପ୍ରତିଫଳିତ କରିବ। ତେବେ ହସ, ଲୁହ, ସଂଘର୍ଷ ଓ ସ୍ୱପ୍ନ ଭରା ଏହି କାହାଣୀ ପରିବାର ଓ ଦାୟିତ୍ୱକୁ ନେଇ ଗତିଶୀଳ। ଯାହାକି ଦର୍ଶକଙ୍କୁ ଭାବ ବିହ୍ୱଳ କରିବ ବୋଲି ଆଶା କରାଯାଉଛି। ଫିଲ୍ମର ରିଲିଜ୍ ତାରିଖ ଶୀଘ୍ର ଘୋଷଣା କରାଯିବ। ଅର୍ଚ୍ଚିତାଙ୍କ ବ୍ୟତୀତ ଏହି ସିନେମାରେ ଶୈଳେନ୍ଦ୍ର ସାମନ୍ତରାୟ, ବୁଦ୍ଧାଦିତ୍ୟ ମହାନ୍ତି, ଶ୍ରୀତମ ଦାସ, ପ୍ରିୟମ୍ବଦା, ପୁପିନ୍ଦର, ସନ୍ତୁ ପ୍ରମୁଖ କଳାକାର ନଜର ଆସିବେ। ସେହିପରି ଏଥିରେ ଅତିଥି କଳାକାର ଭାବେ ଭୂମିକାଙ୍କୁ ଦେଖିବାକୁ ମିଳିବ। ■




## ଆଓ ନେକ୍ସଟ୍‌ରେ 'ଅତିଥି- ଦ ଅନ୍ ୱାଣ୍ଟେଡ୍ ଗେଷ୍ଟ'

ଓଡ଼ିଆ ସିନେମା 'ଅତିଥି–ଦ ଅନ୍ ୱାଣ୍ଟେଡ୍ ଗେଷ୍ଟ'କୁ ବଡ଼ ପରଦାରେ ଅପୂର୍ବ ସଫଳତା ମିଳିଥିଲା। ଜୁନ୍ ୨୭ ତାରିଖରୁ ଦର୍ଶକେ ଏହାକୁ ଆଓ ନେକ୍ସଟ ଓଟିଟି ପ୍ଲାଟଫର୍ମରେ ଦେଖିବାର ସୁଯୋଗ ପାଇଛନ୍ତି। ଏହା ସମ୍ପୂର୍ଣ୍ଣ ନୂଆ ଶୈଳୀର ମୌଳିକ ଓଡ଼ିଆ ସିନେମା। ସିନେମାକୁ ବଡ଼ ପରଦାରେ ଦର୍ଶକ ଯେତିକି ଭଲ ପାଇବା ଦେଇଥିଲେ ତା'ଠୁ ଅଧିକ ଆଓ ନେକ୍ସଟ୍‌ରେ ଦେବା ଆଶା କରାଯାଉଛି। ସିନେମାର ବିଭିନ୍ନ ଭୂମିକାରେ ଅନୁ ଚୌଧୁରୀ, ଦିବ୍ୟାଦିଶା ମହାନ୍ତି, ମନୋଜ ମିଶ୍ର, ସାୟଲ ମୁଖାର୍ଜୀ, ଶ୍ରୁତି ଶୁଭଶ୍ରୀ, ଚିନ୍ମୟ ମିଶ୍ର, ଅଭିଷେକ ଗିରି, ଦୀପନ୍ୱିତ ଦାସ ମହାପାତ୍ର, ଜୀବନ ପଣ୍ଡା, ସୁକାନ୍ତ ରଥ, ପ୍ରସନଜିତ୍ ମହାପାତ୍ର, ବିଶ୍ଳେଷ ପଣ୍ଡା, ପ୍ରସିଦ୍ଧି ଓ ସର୍ବେଶ୍ୱର ସୂତାର ପ୍ରମୁଖ ଅଭିନୟ କରିଛନ୍ତି। ଏଥିରେ ରାକେଶ ଦାଶ, ସୁମିତ ପଣ୍ଡା ଓ ସ୍ମିତ ପଟ୍ଟନାୟକ ଗୀତ ରଚନା କରିଛନ୍ତି, କୁଳଦୀପ ପଟ୍ଟନାୟକ, ସଞ୍ଚିତା ଶୁଭଦର୍ଶିନୀ, ହ୍ୟୁମାନ୍ ସାଗର, ଅର୍ପିତା ଚୌଧୁରୀ, ବିରାଜ ରଥ କଣ୍ଠଦାନ କରିଛନ୍ତି। ସଙ୍ଗୀତ ନିର୍ଦ୍ଦେଶନା ସୋମେଶ ଶତପଥୀ ଏବଂ ବୁନ୍ତି ମହାନ୍ତି ଦେଇଥିବା ବେଳେ ଶ୍ରୁତି ପ୍ରକାଶ ଦାଶ ସଂଯୋଜନା କରିଛନ୍ତି। ସିନେମାର ଚିତ୍ରନାଟ୍ୟ ଓ ସଂଳାପ ଲେଖିଛନ୍ତି ରବିନାରାୟଣ ଦାସ। କାହାଣୀ ମାନସ ପଡ଼ିଆରୀ ଓ ନିର୍ଦ୍ଦେଶନା ଦେଇଛନ୍ତି ଅଜୟ ପାଡ଼ୀ। ■



## ଚାରିଧାମ ର ପ୍ରଥମ ପୋଷ୍ଟର ରିଲିଜ୍

ପବିତ୍ର ରଥଯାତ୍ରାରେ ରିଲିଜ୍ ହୋଇଛି ଓଡ଼ିଆ ଫିଲ୍ମ 'ଚାରିଧାମ-ଏ ଜର୍ଣ୍ଣି ଓ୍ୱିଦିନ'ର ପ୍ରଥମ ଅଫିସିଆଲ୍ ପୋଷ୍ଟର। ଏଥିରେ ଭାରତର ଚାରିଧାମର ଫଟୋ ସ୍ଥାନ ପାଇଥିବା ବେଳେ ଏହାର ଟ୍ୟାଗ୍‌ଲାଇନ ଦର୍ଶକଙ୍କ ମନକୁ ଛୁଇଁଛି। ଏହି ସିନେମାରେ ନଜର ଆସିବେ ଓଡ଼ିଆ ଫିଲ୍ମର ସୁପରଷ୍ଟାର ଅନୁଭବ ମହାନ୍ତି। ଏହା ଏକ ବିଗ୍ ବଜେଟ୍ ଫିଲ୍ମ। ଆସନ୍ତା ଦୁର୍ଗାପୂଜାରେ ଫିଲ୍ମଟି ସାରା ଓଡ଼ିଶାରେ ରିଲିଜ୍ ହେବାର ଯୋଜନା ଅଛି। ଏହି ଫିଲ୍ମରେ ଅନୁଭବଙ୍କ ସହିତ ନଜର ଆସିବେ ଅନୁରାଧା ପାଣିଗ୍ରାହୀ, ମମତା ତ୍ରିପାଠୀ, ସୁକାନ୍ତ ରଥ, ଆଶିଷ କୁମାର ଦାସ (ଗୁଲୁଆ), ପ୍ରଦ୍ୟୁମ୍ନ ଲେଙ୍କା ପ୍ରମୁଖ କଳାକାର। କ୍ୟାମେରା କୁଇନ୍ ପ୍ରଡକ୍ସନର ଏହି ଫିଲ୍ମର ପ୍ରଯୋଜନା କରିଛନ୍ତି ହିମାଦ୍ରି ତନୟ ଦାସ। ନିର୍ଦ୍ଦେଶକ ତାପସ ସରଘରିଆଙ୍କ ଏହି ଫିଲ୍ମର କାହାଣୀ ଲେଖିଛନ୍ତି ଅଖିଳ୍ ରାଉତରାୟ ଓ ସଂଳାପ ଲେଖିଛନ୍ତି କୁମାରଶ୍ରୀ ସାହୁ। ବୈଦ୍ୟନାଥ ଦାଶ ଓ ସୋମେଶ ଶତପଥି ସଙ୍ଗୀତ ନିର୍ଦ୍ଦେଶନା ଦେଉଥିବା ବେଳେ ଫିଲ୍ମର କୋରିଓଗ୍ରାଫର ଅଛନ୍ତି ଗିରିଶ ମହାନ୍ତି। ଏହାର ଚିତ୍ରନାଟ୍ୟରେ ଅଛନ୍ତି ସୁରେଶ ପଟ୍ଟନାୟକ। ଚିରାଚରିତ କାହାଣୀଠାରୁ ଭିନ୍ନ ଏହି ଫିଲ୍ମର ସୁଟିଂ ଓଡ଼ିଶା ସହ ଭାରତର ଅନ୍ୟ ରାଜ୍ୟରେ ମଧ କରାଯାଉଛି। ■

## ମହିଳା ଚରିତ୍ରରେ ରିତେଶ



ଫିଲ୍ମ ନିର୍ମାତା ସୁଭାଷ ଘାଇଙ୍କ ଆଗାମୀ ହିନ୍ଦୀ ସିନେମାରେ ନଜର ଆସିବେ ବଲିଉଡ୍‌ର ଲୋକପ୍ରିୟ ଅଭିନେତା ରିତେଶ ଦେଶମୁଖ। ଏହି ନୂଆ ସିନେମାରେ ରିତେଶ ମହିଳା ଚରିତ୍ରରେ ଅଭିନୟ କରିବା କୁହାଯାଉଛି। ତେବେ ସୁଭାଷ ରିତେଶଙ୍କ ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ କରି ଅଭିନେତ୍ରୀ ବାଛି ସାରିଥିବା କହିଛନ୍ତି। ସୁଭାଷ ଯେଉଁ ଫଟୋ ସେୟାର୍ କରିଛନ୍ତି, ସେଥିରେ ରିତେଶ ମହିଳା ବେଶଭୂଷାରେ ନଜର ଆସିଛନ୍ତି। ଅବଶ୍ୟ ଏହି ଫଟୋଟି ୨୦୦୬ ମସିହାର ଫିଲ୍ମ 'ଅପନା ସପନା ମନି ମନି।' ଅବଶ୍ୟ ଉକ୍ତ ଫିଲ୍ମର କାହାଣୀ ଏବଂ ଶୀର୍ଷକ ସମ୍ପର୍କରେ କିଛି ସୂଚନା ମିଳି ନାହିଁ। ରିତେଶ ଏହି ପ୍ରୋଜେକ୍ଟରେ ସୁଭାଷଙ୍କ ସହ କାମ କରିବା ପାଇଁ ପ୍ରସ୍ତୁତ ଅଛନ୍ତି। ଅନ୍ୟପଟେ ଏହି କଥା ସାମ୍ନାକୁ ଆସିବା ପରେ ରିତେଶଙ୍କ ପ୍ରଶଂସକଙ୍କଠାରେ ଫିଲ୍ମକୁ ନେଇ ଉତ୍ସାହ ବୃଦ୍ଧି ପାଇଛି। ■

ଆଳାପ ଓ ଆଳାପ

## "ଅଭିନୟ ମୋ ଜୀବନ"



**ସମୀର କୁମାର ଶତପଥୀ, ଅଭିନେତା**

ମଞ୍ଚ ନାଟକରେ ଦର୍ଶକ ଓ କଳାକାରଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପନ ହୁଏ। ଏହା ସିନେମା କି ଧାରାବାହିକରେ ସମ୍ଭବ ହୁଏନି। ହେଲେ ଏମିତି ଜଣେ କଳାକାର ଅଛନ୍ତି, ଯିଏ ମଞ୍ଚରେ ୮୦ରୁ ଊର୍ଦ୍ଧ୍ୱ ନାଟକ କରି ପ୍ରଶଂସିତ ହୋଇଛନ୍ତି। ଆଉ ଏବେ ଧାରାବାହିକ ଏବଂ ଚଳଚ୍ଚିତ୍ରରେ ଜୀବନ୍ତ ଅଭିନୟ କରି ଏକ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। ଏହି ପ୍ରତିଭାବାନ କଳାକାର ଜଣକ ହେଉଛନ୍ତି ପୁରୀର ସମୀର କୁମାର ଶତପଥୀ। ବାପା ଶରତ ଚନ୍ଦ୍ର ଶତପଥୀ ଓ ମା' ହରପ୍ରିୟା ଶତପଥୀଙ୍କ ପ୍ରେରଣାରେ ସେ ସଫଳତାର ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ିବାରେ ଲାଗିଛନ୍ତି। 'ଶ୍ରୀ ଜଗନ୍ନାଥ' ତାଙ୍କର ପ୍ରଥମ ଧାରାବାହିକ ଥିଲା। ୧୩ରୁ ଊର୍ଦ୍ଧ୍ୱ ଧାରାବାହିକରେ କାମ କରିଥିବା ସମୀର ଏବେ 'ସାଥି ସାତ ଜନ୍ମର'ରେ ସ୍ୱସ୍ତିକ ଚରିତ୍ରରେ ଘରେ ଘରେ ପରିଚିତ। ତେବେ କ୍ୟାମେରା ସାମ୍ନାରେ ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣୁଥିବା ସମୀରଙ୍କ ମୁହଁରୁ ଜାଣିବା ତାଙ୍କ ଅଭିନୟ ଯାତ୍ରା ସଂପର୍କରେ।

**ମଞ୍ଚ ଅଭିନେତାରୁ ଧାରାବାହିକକୁ ଯାତ୍ରା କିପରି ଥିଲା?**

● ପିଲାଦିନୁ ଅଭିନୟ ପ୍ରତି ମୋର ଦୁର୍ବଳତା ରହିଥିଲା। ତେଣୁ ବିସିଏ ପଢ଼ିବା ସମୟରେ ପୁରୀ ଅନ୍ନପୂର୍ଣ୍ଣା ଥିଏଟର 'ଏ' ଗ୍ରୁପ୍‌ରେ ୮୦ରୁ ଊର୍ଦ୍ଧ୍ୱ ମଞ୍ଚ ନାଟକରେ ଅଭିନୟ କରିବାର ସୁଯୋଗ ପାଇଛି। ଦୀର୍ଘବର୍ଷର ଅଭିଜ୍ଞତାକୁ ନେଇ ଧାରାବାହିକରେ କାମ କରିବାକୁ ମନ ବଳାଇଥିଲି। ମୋତେ ପ୍ରଥମେ ଏହି ସୁଯୋଗ ଦେଇଥିଲେ ହିଂମାଶୁ ପରିଜା ସାର୍। 'ତରଙ୍ଗ'ର 'ଶ୍ରୀଜଗନ୍ନାଥ' ମୋର ପ୍ରଥମ ଧାରାବାହିକ ଥିଲା। 'ସର୍ବଜିତା ଅନୁ', 'ମାୟା ଓ ମମତା', 'ତୁ ଖରା ମୁଁ ଛାଇ' ଆଦି ଧାରାବାହିକରେ ଅଭିନୟ କରିବାର ସୁଯୋଗ ପାଇଛି। ତେବେ ଜୀବନରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ତା ଭିତରେ ମୁଁ ଏମ୍‌ସିଏ ପଢ଼ା ସାରିଛି।

**ପ୍ରଥମେ କ୍ୟାମେରାକୁ ସାମ୍ନା କରିବା ସମୟରେ ଭୟ ଲାଗିଥିଲା କି?**

● ମଞ୍ଚରେ ସମସ୍ତ ପ୍ରକାର ଚରିତ୍ରରେ କାମ କରିସାରିବା ପରେ ସଂଳାପ କହିବାକୁ ଆମକୁ ଡର ଲାଗେନି। ହେଲେ ପ୍ରଥମ କରି କ୍ୟାମେରା ସାମ୍ନା କରିବାରେ ଟିକେ ଭୟ କରିଥିଲି। ଧୀରେ ଧୀରେ କ୍ୟାମେରା ସାମ୍ନାରେ କାମ କରିବା ପରେ ଅଭ୍ୟସ୍ତ ହୋଇ ଯାଇଥିଲି। ଗୋଟିଏ କଥା କହିବି, କ୍ୟାମେରା ହେଉ କି ମଞ୍ଚ ଅଭିନୟ ସର୍ବଦା ଜୀବନ୍ତ ହେବା ଦରକାର।

**କେଉଁ ଚରିତ୍ର ଆପଣଙ୍କୁ ଭଲ ପରିଚୟ ଦେଇଛି?**

● 'ତୁ ଖରା ମୁଁ ଛାଇ' ଧାରାବାହିକର ନେଗେଟିଭ୍ ଚରିତ୍ର 'ଆକାଶ' ମୋତେ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ଆଉ ଏବେ 'ସାଥି ସାତ ଜନ୍ମର' 'ସ୍ୱସ୍ତିକ' ଚରିତ୍ରକୁ ଦର୍ଶକ ଢେର ସାରା ଭଲ ପାଇବା ଦେଇଛନ୍ତି। ମାତ୍ର ୬ମାସ ଭିତରେ ଏହି ଧାରାବାହିକକୁ ଏତେ ଭଲ ପାଇବା ମିଳିବା ମୋ ପାଇଁ ସୌଭାଗ୍ୟର କଥା।

**ଧାରାବାହିକରେ ଅଭିନୟ କରିବାକୁ କ'ଣ କ'ଣ ଗୁଣ ରହିବା ଜରୁରି?**

● କ୍ୟାମେରା ସାମ୍ନାରେ କାମ କରିବାକୁ ହେଲେ, କିଛି ଟେକ୍‌ନିକ୍ ଶିଖିବା ଜରୁରି। ମଞ୍ଚରେ ଗୋଟିଏ ଦୃଶ୍ୟ କରିବାକୁ ଗୋଟିଏ ଥର ସମୟ ନିଆଯାଏ। ହେଲେ ଏଠି ସେ ସିଷ୍ଟମ୍ ନାହିଁ। ମୋତେ ସୁଟିଂରେ ସବୁଠୁ କଷ୍ଟ ଲାଗେ, ନିଜ ଅନୁଭବକୁ ଚାପି ରଖିବା। ଅର୍ଥାତ୍ ଗୋଟିଏ ଚରିତ୍ରରେ ଇମୋସନ୍ ଦେଖାଇବାକୁ ଦୁଇରୁ ତିନିଟି ସୋପାନ ଦେଇ ଗତି କରିବାକୁ ପଡ଼େ। ସବୁବେଳେ ସମାନ ଫିଲିଙ୍ଗିସ୍ ରଖିବାକୁ ପଡ଼େ। ତେଣୁ ସକାରାତ୍ମକ କି ନକାରାତ୍ମକ ଚରିତ୍ର ମିଳିଲେ, ଦର୍ଶକ ଏହି ଚରିତ୍ରରୁ କ'ଣ ଚାହୁଁଛନ୍ତି, ଏହି ଚରିତ୍ରର କେତେ ଗଭୀରତା ତାହାକୁ ଗୁରୁତ୍ୱ ଦେଇ ଅଭିନୟ କରିବାକୁ ପଡ଼େ।

**ଆଗାମୀ ଯୋଜନା?**

● ବଡ଼ ପରଦାରେ 'ବାଲା ଦ ରିଦମ ଅଫ୍ ଲାଇଫ୍'ରେ ଲିଡ୍ ଚରିତ୍ରରେ କାମ କରିସାରିଛି। ଆଗକୁ ବଡ଼ ପ୍ରୋଜେକ୍ଟର କାମ କରିବାକୁ ଯୋଜନା ଚାଲିଛି।

**ସୁଟିଂ ନ ଥିଲେ କ'ଣ କରନ୍ତି?**

● ଅଭିନୟ ମୋ ଜୀବନ। ଯଦି ମୋ ଦିନ ଆରମ୍ଭରୁ କେହି ମୋର ଅଭିନୟକୁ ନେଇ କିଛି ଟିପ୍ପଣୀ ଦିଅନ୍ତି, ସେଦିନଟି ମୋ ପାଇଁ ବହୁତ ଭଲ ଥାଏ। ପିଲାଟି ଦିନରୁ ଆଜିଯାଏଁ ମୁଁ କେବଳ ଅଭିନୟ କଥା ଭାବେ। ତେଣୁ ସମୟ ମିଳିଲେ, ଭଲ ଭଲ ଫିଲ୍ମ ଦେଖେ। ମୋ ଅଭିନୟକୁ କେମିତି ଆଉ ଟିକେ ସୁଧାରିବି, ଆଗକୁ ବଢ଼ିବି ସେ ନେଇ ପ୍ରୟାସ କରିଥାଏ। ■

ପରଦା ପଛର କାହାଣୀ



## ସୁଟିଂ ପାଇଁ ଅମିତାଭ ଖାଇଥିଲେ ୧୫ଟି ପାନ

ବଲିଉଡ୍ ସୁପରଷ୍ଟାର୍ ଅମିତାଭ ବଚ୍ଚନଙ୍କ ଅନେକ ସୁପରହିଟ୍ ଗୀତ ରହିଛି। ଯାହାକୁ ସିନେ ଦର୍ଶକ ଏବେ ମଧ୍ୟ ଭୁଲି ପାରିନାହାନ୍ତି। ସେଥିମଧ୍ୟରୁ 'ଡନ୍' ଫିଲ୍ମର 'ଖାଇକେ ପାନ ବନାରସ ବାଲା...' ଗୀତ ଅନ୍ୟତମ। ତେବେ ଏହି ମନୋରଞ୍ଜନଭିତ୍ତିକ ଗୀତ ପଛରେ ଅନେକ ରୋଚକୀୟ କାହାଣୀ ରହିଛି। ଏହି ଗୀତର ସୁଟିଂ ପାଇଁ ଅମିତାଭ ବଚ୍ଚନ ପ୍ରାୟ ୧୫-୧୬ ଟି ପାନ ଖାଇଥିଲେ। ଓଠକୁ ନାଲି ରଙ୍ଗ କରିବା ପାଇଁ ସେ ଏହି ପାନ ଚୋବାଇଥିଲେ। କିନ୍ତୁ ଅଧିକ ପାନ ଖାଇବାରୁ ପାନରେ ଥିବା ଚୂନ ଯୋଗୁଁ ତାଙ୍କ ପାଟି ଖାଇ ଯାଇଥିଲା। ଏଥିପାଇଁ ତାଙ୍କୁ ବହୁ ଦିନ ଧରି ଦରଜ ସହିବାକୁ ପଡ଼ିଥିଲା। ସବୁଠୁ ରୋଚକୀୟ କଥା ହେଉଛି 'ଖାଇକେ ପାନ ବନାରସ ବାଲା...' ଗୀତଟି 'ଡନ୍' ଫିଲ୍ମ ପାଇଁ ଲେଖାଯାଇ ନଥିଲା। ଏହି ଫିଲ୍ମ ବାସ୍ତବରେ ଦେବାନନ୍ଦଙ୍କ 'ବନାରସୀ ବାବୁ' ଫିଲ୍ମ ପାଇଁ ଲେଖା ଯାଇଥିଲା। ତେବେ ଏହି ଗୀତଟି ସେହି ଫିଲ୍ମରେ ବ୍ୟବହାର କରାଯାଇ ନ ଥିଲା। ପରବର୍ତ୍ତୀ ସମୟରେ ଅଭିନେତା ମନୋଜ କୁମାରଙ୍କ ପରାମର୍ଶ କ୍ରମେ ଏହି ଗୀତକୁ ଅମିତାଭ ବଚ୍ଚନଙ୍କ 'ଡନ'ରେ ସାମିଲ କରାଯାଇଥିଲା। ୧୯୭୮ ମସିହାରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମର କାହାଣୀ ସଲିମ ଯାଦବଙ୍କ ଯୋଡ଼ି ଲେଖିଥିଲେ। ଏହାର ନିର୍ଦ୍ଦେଶକ ଥିଲେ ଚନ୍ଦ୍ରା ବାରୋଟ। ଏଥିରେ ଅମିତାଭ ବଚ୍ଚନ, ଜୀନତ ଅମାନ, ପ୍ରାଣ, ଇମ୍‌ତେଫାକ୍ ଏବଂ ହେଲେନ୍ ଆଦି କଳାକାର ଅଭିନୟ କରିଛନ୍ତି। ସେହିପରି ଏହି ଫିଲ୍ମର ଗୀତ 'ମେ ହୁଁ ଡନ୍', 'ୟେ ହୈ ବମ୍ବେ ନଗରୀୟା', 'ଜିସ୍‌କା ମୁଝେ ଥା ଇନ୍ତଜାର୍' ଏବଂ 'ୟେ ମେରା ଦିଲ୍' ଆଦି ଅନେକ ଗୀତ ରହିଛି। ଏହି ସବୁ ଗୀତଗୁଡ଼ିକ ଖୁବ୍ ଲୋକପ୍ରିୟ ହୋଇଥିଲା। ତେବେ 'ଖାଇକେ ପାନ ବନାରସ ବାଲା...' ଗୀତ ଫିଲ୍ମ ପାଇଁ ଖୁବ୍ ସ୍ୱତନ୍ତ୍ର ଥିଲା। ■

ଭାରତ-ଇଂଲଣ୍ଡ ଦ୍ୱିତୀୟ ଟେଷ୍ଟ

# ଅଧିନାୟକ ଗିଲ୍‌ଙ୍କ କ୍ରମାଗତ ଶତକ

ଏଜ୍‌ବାଷ୍ଟନ, ୨।୭ (ଏଜେନ୍ସି):

ଅଧିନାୟକ ଶୁବମନ ଗିଲ୍‌ଙ୍କ କ୍ରମାଗତ ଶତକ ଓ ଯଶସ୍ୱୀ ଜୟସ୍ୱାଲ ଅଳ୍ପକେ ଶତକରୁ ବଞ୍ଚିତ ହେବା ଫଳରେ ଏଠାରେ ବୁଧବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ଭଲ ସ୍ଥିତିରେ ରହିଛି ଭାରତ। ଟେଷ୍ଟ ଜୀବନର ୭ମ ଟେଷ୍ଟ ଶତକ ସହ ଗିଲ ଅପରାଜିତ ୧୧୪ ରନ୍ ଓ ଜୟସ୍ୱାଲ ୮୭ ରନ୍ କରିବା ଫଳରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପ୍ରଥମ ଦିନ ଖେଳ ଶେଷ ବେଳକୁ ପ୍ରଥମ ଇନିଂସରେ ୫ୱିକେଟ ହରାଇ ୩୧୦ ରନ୍ କରିନେଇଛି। ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ବେଳକୁ ଗିଲ୍‌ଙ୍କ ସହ ରବୀନ୍ଦ୍ର ଜାଡେଜା ୪୧ ରନ୍‌ରେ ଅପରାଜିତ ରହିଛନ୍ତି। ୨୧୧ ରନ୍‌ରେ ଭାରତ ୫ମ ୱିକେଟ ହରାଇବା ପରେ ଗିଲ୍ ଓ ଜାଡେଜା ଅବିଭକ୍ତ ଷଷ୍ଠ ୱିକେଟ ପାର୍ଟନରସିପ୍‌ରେ ୧୪୨ ବଲ୍‌ରୁ ୯୯ ରନ୍ ଉଠାଇ ଭାରତକୁ ବିପର୍ଯ୍ୟୟରୁ ଉଦ୍ଧାର କରିବା ସହ ଭଲ ସ୍ଥିତିରେ ପହଞ୍ଚାଇଥିଲେ। ଭାରତ ପକ୍ଷରୁ ଆଉଟ ହୋଇଥିବା ଅନ୍ୟ ଖେଳାଳିଙ୍କ ମଧ୍ୟରେ ଓପନର ଲୋକେଶ ରାହୁଲ ୨, ନଂ-୩ରେ ବ୍ୟାଟିଂ କରିବାର ସୁଯୋଗ ପାଇଥିବା କରୁନ ନାୟାର ୩୧, ପ୍ରଥମ ଟେଷ୍ଟର ଉଭୟ ଇନିଂସରେ ଶତକ ହାସଲ କରିଥିବା ଋଷଭ ପନ୍ତ୍ ୨୫ ଓ ଇଂଲଣ୍ଡରେ ପ୍ରଥମ ଟେଷ୍ଟ ଖେଳୁଥିବା ନୀତୀଶ କୁମାର ରେଡ୍ଡି ୧ ରନ୍‌ରେ ଆଉଟ ହୋଇଛନ୍ତି। ଇଂଲଣ୍ଡ ପକ୍ଷରୁ କ୍ରିସ୍ ଓକ୍ସ ୨ଟି, ବ୍ରାଇଡର୍ନ କାର୍ସ, ଅଧିନାୟକ ବେନ୍ ଷ୍ଟୋକ୍ସ ଓ ସୋଏବ ବସିର ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଛନ୍ତି। ସୂଚନାଯୋଗ୍ୟ ହେଡିଂଲେରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଇଂଲଣ୍ଡ ବିଜୟୀ ହୋଇ ୫ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି। ସିରିଜ୍ ବରାବର କରିବାକୁ ହେଲେ ଭାରତକୁ ଏହି ମ୍ୟାଚ୍ ଜିତିବାକୁ ହେବ। କିନ୍ତୁ ଏଠାରେ ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଖେଳାଯାଇଥିବା ୮ଟି ଟେଷ୍ଟ ମଧ୍ୟରୁ ଭାରତ ଗୋଟିଏ ହେଲେ ଟେଷ୍ଟରେ ଜିତିନାହିଁ।



ମ୍ୟାଚ୍‌ର ପ୍ରଥମ ଦିନ ପିଚ୍ ପ୍ରଥମ ଘଣ୍ଟାରେ ବୋଲରଙ୍କୁ କିଛିଟା ସହାୟତା କରିଥିଲାବେଳେ କର୍ଣ୍ଣାଟକର ଦୁଇ ବ୍ୟାଟର ରାହୁଲ ଓ ନାୟାର ଏହାର ମୁକାବିଲା କରି ପାରି ନ ଥିଲେ। ପନ୍ତ୍ ବଡ ସଟ୍ ଖେଳିବାକୁ ଯ । ଉ ଆଉଟ ହୋଇଥିଲାବେଳେ ନୀତୀଶ କୁମାର ରେଡ୍ଡି ବଲ୍ ଛାଡିବାକୁ ଯାଇ ବୋଲ୍ଡ ହୋଇଯାଇଥିଲେ। ଗିଲ-ଜାଡେଜାଙ୍କ ପାର୍ଟନରସିପ୍ ଭାରତକୁ ବ୍ୟାଟିଂ ବିପର୍ଯ୍ୟୟରୁ ରକ୍ଷା କରିଥିଲା। ଗିଲ ଭାରତର ଚତୁର୍ଥ ଅଧିନାୟକ ଭାବେ କ୍ରମାଗତ ଟେଷ୍ଟରେ ଶତକ ହାସଲ କରିଛନ୍ତି।

### ଯଶପ୍ରୀତ୍ ବୁମ୍‌ରାଙ୍କୁ ବିଶ୍ରାମ

ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ଏଜ୍‌ବାଷ୍ଟନରେ ବୁଧବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ବିଶ୍ରାମ ଦିଆଯାଇଛି। ହେଡିଂଲେରେ ପ୍ରଥମ ଟେଷ୍ଟ ହାରିଥିବା ଦଳରୁ ବୁମ୍‌ରାଙ୍କ ସମେତ ୩ଜଣ ଖେଳାଳିଙ୍କୁ ପରିବର୍ତ୍ତନ କରାଯାଇଛି। ଅନ୍ୟ ଦୁଇଜଣ ଖେଳାଳି ହେଲେ ନଂ-୩ରେ ବ୍ୟାଟିଂ କରିଥିବା ସାଇ ସୁଦର୍ଶନ ଓ ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁର। ଏହି ୩ଜଣଙ୍କ ସ୍ଥାନରେ ଭାରତ ଦୁଇ ଜଣ ବ୍ୟାଟିଂ ଅଲରାଉଣ୍ଡର ନୀତୀଶ ରେଡ୍ଡି (ପେସ୍) ଓ ୱାଶିଂଟନ ସୁନ୍ଦର (ସ୍ପିନ୍)ଙ୍କୁ ଖେଳାଇଛି। ବୁମ୍‌ରାଙ୍କ ସ୍ଥାନରେ ଫାଷ୍ଟ ବୋଲର ଆକାଶ ଦୀପଙ୍କୁ ନିଆଯାଇଛି। ଘରୋଇ ମାଟିରେ ଟେଷ୍ଟ ଖେଳୁଥିବାବେଳେ ଇଂଲଣ୍ଡ ଦଳ ୨୦୧୭ ପରେ ପ୍ରଥମଥର କ୍ରମାଗତ ଟେଷ୍ଟରେ ଖେଳାଳି ପରିବର୍ତ୍ତନ କରିନାହିଁ।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ : ୩୧୦/୫, ୮୫ ଓଭର (ଯଶସ୍ୱୀ ଜୟସ୍ୱାଲ-୮୭, ଶୁବମନ ଗିଲ ବ୍ୟାଟିଂ-୧୧୪, ଜାଡେଜା ବ୍ୟାଟିଂ-୪୧, ଋଷଭ ପନ୍ତ୍ -୨୫, କରୁନ ନାୟାର-୩୧, କ୍ରିସ ଓକ୍ସ-୨/୫୯, ବ୍ରାଇଡନ କାର୍ସ-୧/୪୯, ବେନ୍ ଷ୍ଟୋକ୍ସ-୧/୫୮)।

## ତୃତୀୟ ରାଉଣ୍ଡରେ ସାବାଲେଙ୍କା, କିଜ୍

ୱିମ୍ବଲଡନ ତୃତୀୟ ଦିବସ

ଲଣ୍ଡନ, ୨।୭ (ଏଜେନ୍ସି): ଟପ୍ ସିଡ୍ ଆରିନା ସାବାଲେଙ୍କା, ୬ଷ୍ଠ ସିଡ୍ ମାଡିସନ କିଜ୍ ପ୍ରମୁଖ ଏଠାରେ ଚାଲିଥିବା ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ବୁଧବାର ୩ୟ ଦିବସରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ବେଲାରୁଷ ତାରକା ସାବାଲେଙ୍କା ୭-୬ (୭/୪), ୬-୪ ସିଧାସଳଖ ସେଟ୍‌ରେ ଚେକ୍ ଗଣରାଜ୍ୟର ମାରିଏ ବୌଜକୋଭାଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ୨୭ ବର୍ଷୀୟ ସାବାଲେଙ୍କା ଏଠାରେ ପ୍ରଥମ ୱିମ୍ବଲଡନ ଟାଇଟଲ୍ ଜିତିବା ଲକ୍ଷ୍ୟରେ ରହିଛନ୍ତି। ସେହିଭଳି ଅନ୍ୟ ଏକ ୨ୟ ରାଉଣ୍ଡ ମ୍ୟାଚରେ ଆମେରିକାର ମାଡିସନ୍ କିଜ୍ ୬-୪, ୬-୨ ସେଟ୍‌ରେ ସର୍ବିୟାର ଓଲଗା ଡାନିଲୋଭିକଙ୍କୁ ପରାସ୍ତ କରିଛନ୍ତି। ପ୍ରଥମ ରାଉଣ୍ଡର ଏକ ମ୍ୟାଚରେ ଦୁଇଥରର ଗ୍ରାଣ୍ଡସ୍ଲାମ ବିଜୟିନୀ କୋକୋ ଗଫ୍ ୬-୭ (୧/୭), ୧-୬ ସେଟ୍‌ରେ ୟୁକ୍ରେନର ଦୟାନା ୟାଷ୍ଟ୍ରେମସ୍କାଙ୍କ ନିକଟରୁ ହାରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ଗତ ମାସରେ ଗଫ୍ ଫ୍ରେଞ୍ଚ ଓପନ୍‌ରେ ଚାମ୍ପିଅନ ହୋଇଥିଲେ। ପୁରୁଷ ବିଭାଗ ୨ୟ ରାଉଣ୍ଡରେ ଡିଫେଣ୍ଡିଂ ଚାମ୍ପିଅନ ସ୍ପେନର କାର୍ଲୋସ ଆଲ୍‌କାରାଜ ୬-୧, ୬-୪, ୬-୪ରେ ବ୍ରିଟିଶର ଓଲିଭର ଟ୍ରାଭେଟଙ୍କୁ ପରାସ୍ତ କରିଛନ୍ତି।

## ଇଂଲଣ୍ଡରେ ଭାରତୀୟ ଦଳର ଡବଲ୍ ବିଜୟ

ବ୍ରିଷ୍ଟଲ, ୨।୭ (ଏଜେନ୍ସି): ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ ଓ ଯୁବ (୧୯ ବର୍ଷରୁ କମ୍) ଦଳ ବିଜୟୀ ହୋଇଛନ୍ତି। ଫଳରେ ୨୪ ଘଣ୍ଟା ମଧ୍ୟରେ ଇଂଲଣ୍ଡ ମାଟିରେ ଭାରତ ଡବଲ୍ ବିଜୟସ୍ୱାଦ ଚାଖିଛି। ମଙ୍ଗଳବାର ରାତିରେ ଏଠାରେ ଖେଳାଯାଇଥିବା ମହିଳା ଟି-୨୦ ସିରିଜର ୨ୟ ମ୍ୟାଚରେ ଭାରତ ୨୪ ରନରେ ଘରୋଇ ଇଂଲଣ୍ଡକୁ ପରାସ୍ତ କରିଛି। ଜେମିମା ରୋଡ୍ରିଗ୍ସେଜ (୬୩ ରନ) ଓ ଅମନଜୋତ୍ କୌର (ଅପରାଜିତ ୬୩ ରନ)ଙ୍କ ଅର୍ଦ୍ଧଶତକ ବଳରେ ୨୦ ଓଭରରେ ୪ ୱିକେଟ୍ ହରାଇ ୧୮୧ ରନ କରିଥିଲା। ଜବାବରେ ଇଂଲଣ୍ଡ ତାମି ବିଉମଣ୍ଟ (୫୪ ରନ) ଅର୍ଦ୍ଧଶତକ ସତ୍ତ୍ୱେ ୭ ୱିକେଟ୍‌ରେ ୧୫୭ ରନ କରିବାକୁ ସମର୍ଥ ହୋଇଥିଲା। ପୂର୍ବରୁ ପ୍ରଥମ ମ୍ୟାଚକୁ ୯୭ ରନରେ ଜିତିଥିବା ଭାରତ ଏଥିସହ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୨-୦ରେ ଆଗୁଆ ରହିଛି। ଅପରପକ୍ଷରେ ବୁଧବାର ଅନୁଷ୍ଠିତ ୩ୟ ୟୁଥ୍ ଦିନିକିଆ ମ୍ୟାଚରେ ଭାରତ ୪ ୱିକେଟ୍‌ରେ ଇଂଲଣ୍ଡ ୧୯ ବର୍ଷରୁ କମ୍ ଦଳକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୟୁଥ୍ ଦଳ ୪୦ ଓଭରରେ ୬ ୱିକେଟ୍‌ରେ ୨୬୮ ରନ କରିଥିଲା। ଜବାବରେ ଭାରତ ଆଇପିଏଲ୍ ତାରକା ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ୮୬ ରନ ବଳରେ ୬ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ସୂର୍ଯ୍ୟବଂଶୀ ୩୧ ବଲରେ ୯ ଛକା ଓ ୬ ଚୌକା ସହ ସର୍ବାଧିକ ୮୬ ରନ କରିଥିଲେ। ପୂର୍ବରୁ ପ୍ରଥମ ଦିନିକିଆକୁ ଭାରତ ୬ ୱିକେଟ୍‌ରେ ଓ ଦ୍ୱିତୀୟ ମ୍ୟାଚକୁ ଇଂଲଣ୍ଡ ୧ ୱିକେଟ୍‌ରେ ଜିତିଥିଲା।

ଓସ୍‌ଜା ପାଳିଲା ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ

## ଖବର ପ୍ରକାଶନରେ ସ୍ୱଚ୍ଛତା ଲାଗି ଆହ୍ୱାନ

ଭୁବନେଶ୍ୱର, ୨।୭ (ସମିସ): କ୍ରୀଡ଼ା ସମ୍ବାଦ ପରିବେଷଣରେ ସ୍ୱଚ୍ଛତା ଓ ନୈତିକତା ରକ୍ଷା କରିବାକୁ ବିଶ୍ୱ କ୍ରୀଡ଼ା ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କ୍ରୀଡ଼ା ଏପରି ଏକ ବିଷୟ ଯେଉଁଥିରେ ସଫଳତା ଆସିବା ଅର୍ଥ ଦେଶ ଓ ରାଜ୍ୟର ସମ୍ମାନ ବୃଦ୍ଧି ଘଟିବା। ଏଣୁ କ୍ରୀଡ଼ା ଖବର ପରିବେଷଣ ସମୟରେ ସଚେତନ ହେବାକୁ ଅତିଥି ଓ ବରିଷ୍ଠ କ୍ରୀଡ଼ା ସାମ୍ବାଦିକମାନେ ଆହ୍ୱାନ ଦେଇଛନ୍ତି। ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା) ପକ୍ଷରୁ ଉତ୍କଳ କରାଟେ ସ୍କୁଲ ପରିସରରେ ବୁଧବାର ଅନୁଷ୍ଠିତ ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳନ ଅବସରରେ ଖେଳରତ୍ନ ପୁରସ୍କାର ବିଜେତା




ତଥା ପାରା ଅଲିମ୍ପିକ୍ ବ୍ୟାଡମିଣ୍ଟନ ସ୍ୱର୍ଣ୍ଣପଦକ ବିଜେତା ପ୍ରମୋଦ ଭଗତ ମୁଖ୍ୟଅତିଥି, ଅନ୍ତର୍ଜାତୀୟ ମହିଳା କ୍ରିକେଟର ରସ୍ମାରା ପରବିନ୍ ସମ୍ମାନିତ ଅତିଥିଭାବେ ଯୋଗଦେଇ କ୍ରୀଡ଼ାସାମ୍ବାଦିକଙ୍କ କାମକୁ ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଡଃ ହରିପ୍ରସାଦ ପଟ୍ଟନାୟକ ଭାରତ ଭଳି ଓଡ଼ିଶାରେ କ୍ରୀଡ଼ାନୀତି ପ୍ରଣୟନ ଓ କ୍ରୀଡ଼ାବିତ୍‌ଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ଯୋଗାଇଦେବାକୁ ଅନୁରୋଧ କରିଥିଲେ। ପ୍ରଥମଥର ଲାଗି ସ୍ପୋର୍ଟ୍ସ ଜର୍ଣ୍ଣାଲିଷ୍ଟ ଫେଡେରେସନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ)କୁ ନିର୍ବାଚିତ ହୋଇଥିବା ଓସ୍‌ଜା ସମ୍ପାଦକ ସୁରେଶ ସ୍ୱାଇଁ ଓ ସଭାପତି ସନ୍ଦୀପ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଓସ୍‌ଜା ପକ୍ଷରୁ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଓସ୍‌ଜାର ବରିଷ୍ଠ ସଦସ୍ୟ ସନାତନ ପାଣି, ପୂର୍ବତନ ସଭାପତି କେ ରବି ସାମ୍ବାଦିକମାନଙ୍କୁ ଉଚ୍ଚକୋଟୀର ସମ୍ବାଦ ପରିବେଷଣ କରିବାକୁ ଆହ୍ୱାନ ଦେଇଥିଲେ। ଉତ୍ସବରେ ବିଶିଷ୍ଟ କ୍ରୀଡ଼ାବିତ୍ ଅନୁପମା ସ୍ୱାଇଁ, ଓସ୍‌ଜାର କୋଷାଧ୍ୟକ୍ଷ ଦେବାଶିଷ ସୁନ୍ଦରାୟ, ବରିଷ୍ଠ ସଦସ୍ୟ ହିମାଂଶୁ ପତିମିଶ୍ର, ରଜନୀକାନ୍ତ ଶତ୍ରୁଶଲ୍ୟ, ବିଜୟ ରଣା, ସମୀକ୍ଷା ପଟ୍ଟନାୟକଙ୍କ ସହ ଓସ୍‌ଜାର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

## ୱାଇପିଏଲ୍ ସିଜନ-୨ରେ ମହିଳା ଟିମ୍

ଭୁବନେଶ୍ୱର, ୨।୭ (ସମିସ): ସ୍ଥାନୀୟ ଲୟୋଲା ସ୍କୁଲ ପରିସରରେ ଥିବା ପଠାନ କ୍ରିକେଟ୍ ଏକାଡେମୀ ଆନୁକୂଲ୍ୟରେ ୟଙ୍ଗଷ୍ଟାର୍ ପ୍ରିମିଅର ଲିଗ୍ (ୱାଇପିଏଲ୍)ର ଦ୍ୱିତୀୟ ସଂସ୍କରଣ ଆସନ୍ତା ଡିସେମ୍ବର ୨୦ରୁ ଆରମ୍ଭ ହେବ। ଦ୍ୱିତୀୟ ସଂସ୍କରଣରେ ପୁରୁଷ ବିଭାଗରେ ୮ଟି ଦଳ ସମେତ ପ୍ରଥମଥର ଲାଗି ୪ଟି ମହିଳା ଦଳଙ୍କୁ ନେଇ ଏଥର ଟୁର୍ଣ୍ଣାମେଣ୍ଟ ଖେଳାଯିବ। ନଭେମ୍ବର ୨ରେ ଖେଳାଳି ନିଲାମୀ ଥିବାବେଳେ ନାମ ପଞ୍ଜିକରଣ ପ୍ରକ୍ରିୟା ଜୁଲାଇ ୬ରୁ ଆରମ୍ଭ ହେବ। ୩ଟି ବୟସ ବର୍ଗ (୧୪, ୧୬ ଓ ୧୯ ବର୍ଷରୁ କମ୍)ରେ ଖେଳାଳିମାନେ ନାମ ପଞ୍ଜିକରଣ କରିପାରିବେ।

## ୧୨ରେ ‘ମୁକୁନ୍ଦ ବରାଳ କ୍ରୀଡ଼ା ପ୍ରତିଭା ସମ୍ମାନ’

ଭୁବନେଶ୍ୱର, ୨।୭ (ସମିସ): କୁସ୍ତିଗୁରୁ ସ୍ୱର୍ଗତ ମୁକୁନ୍ଦ ବରାଳଙ୍କ ସ୍ମୃତିରେ ଜୁଲାଇ ୧୨ରେ ରାଜ୍ୟର ଉଦୀୟମାନ କ୍ରୀଡ଼ାବିତ୍ ଓ କ୍ରୀଡ଼ା ପ୍ରଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯିବ। ଚଳିତ ବର୍ଷ ଉଷୁ ଖେଳାଳି ପାୟଲ ପଟ୍ଟନାୟକ ଓ ନୂପୁର ପଟ୍ଟନାୟକ, ରୋହିତ ସାମଲ (କୁସ୍ତି), ଇପସିତା ରାଉତ (ଫୁଟ୍‌ବଲ), କଣିକା ପ୍ରଧାନ (ସୁଟିଂ) ମୁକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ପୁରସ୍କାର ପାଇବେ। ସେହିଭଳି ଅନୁରାଧା ବିଶ୍ୱାଳ କ୍ରୀଡ଼ା ପ୍ରତିଭା ଆଥ୍‌ଲେଟିକ ପାଇଁ ସମୀକ୍ଷା ସ୍ମରଣିକାଙ୍କୁ ସମ୍ମାନିତ କରାଯିବ ବୋଲି ଟ୍ରଷ୍ଟି କୈବଲ୍ୟ ବରାଳ ଓ ପିୟୁଷ ମହାନ୍ତି ସୂଚନା ଦେଇଛନ୍ତି।




## ସମ୍ବର୍ଦ୍ଧିତ କଲା ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ

ଭୁବନେଶ୍ୱର, ୨।୭ (ସମିସ): ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳନ ଅବସରରେ ରସୁଲଗଡସ୍ଥିତ




ସମେଇଗାଡିଆ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ କ୍ରୀଡ଼ାବିତ ଓ କ୍ରୀଡ଼ା ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରିଛି। ଏହି ଅବସରରେ ବରିଷ୍ଠ କ୍ରୀଡ଼ା ସାମ୍ବାଦିକ ସୂର୍ଯ୍ୟପ୍ରସାଦ ରଥ, ନିରଞ୍ଜନ ରେଡ୍ଡି, ଯୁବ କ୍ରୀଡ଼ାସାମ୍ବାଦିକ ଅନାଦି କରଙ୍କ ସହ କୁସୁମ ଟିଭିର ଏମ୍‌ଡି କୁସୁମମଞ୍ଜରୀ ଦାସଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ମୁଖ୍ୟ ଅତିଥି, ଲଲାଟେନ୍ଦୁ ମିଶ୍ର, ଅକ୍ଷୟ ମିଶ୍ର, ଦୀପକ ତ୍ରିପାଠୀ ଓ ଅତିଶ କୁମାର ରାଉତ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏକାଡେମୀ ଅଧ୍ୟକ୍ଷା ସ୍ୱାଗତ ଭାଷଣ ଦେବା ସହ କ୍ରୀଡ଼ାବିତ ଓ କ୍ରୀଡ଼ା ସାମ୍ବାଦିକଙ୍କ ଭୂମିକା ଖେଳର ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ। ଉତ୍ସବ ଶେଷରେ ଏକାଡେମୀର ସମ୍ପାଦକ ଯଶୋବନ୍ତ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏକାଡେମୀର ସଦସ୍ୟମାନେ ଜିମ୍ନାଷ୍ଟିକ୍ ପ୍ରଦର୍ଶନ କରିଥିଲାବେଳେ ଆଇନ ପରାମର୍ଶଦାତା ସୁବ୍ରତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଭାରତୀୟ ଖୋ ଖୋ ମହାସଂଘର ନିର୍ବାଚନ

## ଓଡ଼ିଶାର ପ୍ରଦ୍ୟୁମ୍ନ ମିଶ୍ର ଉପସଭାପତି

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ଭାରତୀୟ ଖୋ ଖୋ ମହାସଂଘ (କେକେଏଫ୍‌ଆଇ)ର ନିର୍ବାଚନ ପ୍ରକ୍ରିୟା ବୁଧବାର ଦିଲ୍ଲୀସ୍ଥିତ ମୁଖ୍ୟାଳୟରେ



ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଧାଂଶୁ ମିତ୍ତଲ ପୁଣିଥରେ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିଭଳି ଉପକାର ସିଂ ବିରକ ସାଧାରଣ ସମ୍ପାଦକ ପଦ ଅଳଙ୍କୃତ କରିଛନ୍ତି। ନିର୍ବାଚିତ ହୋଇଥିବା ୮ଜଣ ଉପସଭାପତିଙ୍କ ମଧ୍ୟରେ ଓଡ଼ିଶାର ପ୍ରଦ୍ୟୁମ୍ନ ମିଶ୍ର ରହିଛନ୍ତି। ପ୍ରଦ୍ୟୁମ୍ନ ବର୍ତ୍ତମାନ ଓଡ଼ିଶା ଖୋ ଖୋ ସଂଘର ସମ୍ପାଦକ ପଦ ସମ୍ଭାଳୁଛନ୍ତି। ଏଥିସହ ଯୁଗ୍ମ ସମ୍ପାଦକ ଭାବେ ୪ଜଣ ଓ ୧୩ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।

## ଜାତୀୟ ଶିଶୁ ଓ ମିନି ଅସିଚାଳନା ଲାଗି ଓଡ଼ିଶା ଦଳ

ଭୁବନେଶ୍ୱର, ୨।୭ (ସମିସ): ମହାରାଷ୍ଟ୍ରର ନାସିକ୍‌ଠାରେ ଆସନ୍ତା ୫ରୁ ୭ ତାରିଖଯାଏ ହେବାକୁ ଥିବା ଜାତୀୟ ଶିଶୁ ଓ ମିନି ଅସିଚାଳନା ପ୍ରତିଯୋଗିତା ଲାଗି ଓଡ଼ିଶା ଦଳ ଘୋଷଣା କରାଯାଇଛି। ୧୦ ବର୍ଷରୁ କମ୍ ଶିଶୁ ଦଳରେ ପ୍ରିୟଲୋଚନା ନାଏକ, ମନୀଷ ନାଏକ, ନିଖିଳ ସାହୁ, ଓମ୍‌ଶଙ୍କର ପଟେଲ, ଅରିଜିତ୍ ପଟେଲ, ଶୋଭିତ ମୁଗ୍ରୀ, ପ୍ରଭାସ ଦୋରା ଓ ସ୍ମିତିକା ସାହୁଙ୍କୁ ସାମିଲ କରାଯାଇଛି। ୧୨ ବର୍ଷରୁ କମ୍ ମିନି ଦଳରେ ବିଭୁତି ପଟେଲ, ରୁଦ୍ରାଂଶ



ସ୍ୱାଇଁ, ସ୍ୱୟମ ପଟେଲ, ସମ୍ବିତ ପଧାନ, ସୌମ୍ୟରଞ୍ଜନ ବଗର୍ତ୍ତୀ, ଶ୍ରୀୟା ପଟେଲ, ଇଶି ସ୍ୱାଇଁ, ଦିବ୍ୟାଂଶୁ ବାହାଲିଆ, ପ୍ରଜ୍ଞାଷା ମହାନ୍ତି, ସିପୁନ ପଟେଲଙ୍କୁ ସ୍ଥାନ ମିଳିଛି ବୋଲି ଓଡ଼ିଶା ଫେନ୍ସିଂ ଆସୋସିଏସନ ସମ୍ପାଦକ ଦେବେନ୍ଦ୍ର ସାହୁ ଓ ସାଙ୍ଗଠନିକ ସମ୍ପାଦକ ସୁମିତରଞ୍ଜନ ପୁରୋହିତଙ୍କଠାରୁ ପ୍ରକାଶ। ସୁକାନ୍ତ ସେଠ, କରିଶ୍ମା ରାଉତ, ରୋଶନ ସାହୁ, ଜ୍ୟୋତିରଞ୍ଜନ ଠାକୁରଙ୍କୁ କୋଚ୍ ଭାବେ ମନୋନୀତ କରାଯାଇଛି। ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ବୁଧବାର ଅନୁଷ୍ଠିତ ଶିବିରର ଉଦ୍‌ଯାପନୀ ଉତ୍ସବରେ ବଲାଙ୍ଗୀର ମ୍ୟୁନିସିପାଲିଟି ଅଧ୍ୟକ୍ଷା ଲିକା ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାଶର ବାଗ୍, ବୁଦ୍ଧିରାଜ ବିଶ୍ୱାଳ, ପୁରେନ୍ଦ୍ର ସେଠ, ସଙ୍କେତ ଯୋଶି, ପୟୋସ୍ୱିନୀ ପୁରୋହିତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS